୬ ▶ ବିଶ୍ୱର ୨ ନମ୍ବର ଖେଳାଳିଙ୍କୁ ହରାଇଲେ ପିଭି ସିନ୍ଧୁ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

E-mail : sambadkalikanews@gmail.com

● ବର୍ଷ–୩୨ ● ସଂଖ୍ୟା–୨୧୧ ● ୨୯ ଅଗଷ୍ଟ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-211 ● 29th August 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ଜନ୍ମଦିନ ପାଳନ ବେଳେ ଭୁଶୁଡ଼ିଲା ବିଲ୍ଡିଂ : ୧୭ ମୃତ

**ମୁମ୍ବାଇ, ୨୮।୮**

ପାଲଘର ଜିଲ୍ଲାର ଭିରାର ଅଞ୍ଚଳରେ ଘଟିଥିବା ବିଲ୍ଡିଂ ଦୁର୍ଘଟଣାରେ ଗୁରୁବାର ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇ ୧୭ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ ମୃତକଙ୍କ ପରିବାରକୁ ୫.୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ଏହି ଘଟଣାରେ ୯ ଜଣଙ୍କୁ ଉଦ୍ଧାର କରାଯାଇଛି ଓ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହା ସହିତ ଏହି ଦୁର୍ଘଟଣା ପାଇଁ ଦାୟୀ ବିଲ୍ଡରଙ୍କୁ ବି ଭିରାର ପୁଲିସ ଗିରଫ କରିଛି।

ଭିରାରର ବିଜୟ ନଗର ସ୍ଥିତ ରମାବାଇ ବିଲ୍ଡିଂର ଏକ ଅଂଶ ମଙ୍ଗଳବାର ରାତିରେ ପାଖରେ ଥିବା ଘର ଉପରକୁ ଖସି ପଡିଥିଲା। ଏଥିରେ ଘର ସଂପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଥିଲା। ଘଟଣା ସଂପର୍କରେ ସୂଚନା ମିଳିବା ମାତ୍ରେ ଭିରାର ନଗର ନିଗମ ଦଳ ଓ ଏନ୍‌ଡିଆରଏଫ୍ ଦଳ ବୁଧବାର ରାତିଠାରୁ ଏଯାବତ୍ ରିଲିଫ ଓ ରେସକ୍ୟୁ କାର୍ଯ୍ୟ ଜାରି ରଖିଛନ୍ତି। ଗୁରୁବାର ଦ୍ୱିପ୍ରହରରେ ତଲାସୀ ଅଭିଯାନ ସମୟରେ ବିଲ୍ଡିଂର ଧ୍ୱଂସାବଶେଷ ମଧ୍ୟରୁ ଆଉ ଦୁଇଟି ମୃତଦେହ ଉଦ୍ଧାର କରାଯିବା ପରେ





ମୃତକଙ୍କ ସଂଖ୍ୟା ୧୭ ହୋଇଛି।

ଜନ୍ମ ଦିନ ପାଳନ ଚାଲିଥିବା ବେଳେ ହଠାତ୍ ଭୁଶୁଡ଼ି ପଡ଼ିଥିଲା ବିରାଟକାୟ ବିଲଡିଂର କିଛି ଅଂଶ। ଆଉ ଏହା ତଳେ ଚାପି ହୋଇ ବର୍ଥ ଡେ ଗର୍ଲ, ତାଙ୍କ ମା'ଙ୍କ ସମେତ ୧୫ ଜଣ ପ୍ରାଣ ହରାଇଥିଲେ।

ଝିଅର ପ୍ରଥମ ଜନ୍ମ ଦିନକୁ ବେଶ ଧୁମଧାମରେ ପାଳନ କରୁଥିଲେ। ଘରକୁ ସଜାଇଥିଲେ ଓ ବିଲଡିଂରେ ରହୁଥିବା ଅତିଥିମାନଙ୍କୁ ଡାକିଥିଲେ। ଠିକ ରାତି ୧୨ଟାରେ ଝିଅକୁ ବର୍ଷେ ପୂରିଥିଲା। ଏହାପରେ ଝିଅକୁ ଧରି ବାପା ମା' ଗେଷ୍ଟମାନଙ୍କ ସାମ୍ନାରେ କେକ କାଟିଥିଲେ। ନିଜ ଖାଇଥିଲେ ଓ କୁନି ଝିଅକୁ ବି ଦେଇଥିଲେ।

କିନ୍ତୁ ଠିକ ୧୨.୦୫ରେ ଘଟିଥିଲା ଅଘଟଣ। ଜନ୍ମ ଦିନ ପାଳନ ଚାଲିଥିବା ବେଳେ ହଠାତ୍ ଭୁଶୁଡ଼ି ପଡ଼ିଥିଲା ବିରାଟକାୟ ବିଲଡିଂର କିଛି ଅଂଶ। ଆଉ ଏହା ତଳେ ଚାପି ହୋଇ ବର୍ଥ ଡେ ଗର୍ଲ, ତାଙ୍କ ମା'ଙ୍କ ସମେତ ୧୫ ଜଣ ପ୍ରାଣ ହରାଇଥିଲେ। ବାପା ଜଣଙ୍କ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। *(ପୃଷ୍ଠା ୭ରେ)*

# ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮।୮**
**ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରାଷ୍ଟ୍ରପତି ଏକ୍ସରେ ପୋଷ୍ଟ କରି କହିଛନ୍ତି କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଦେଶବାସୀ ବିଶେଷ କରି ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା । କୃଷି ପ୍ରତି ସମ୍ମାନ ଏବଂ କୃଷକଙ୍କ ପ୍ରତି କୃତଜ୍ଞତା ହେଉଛି ଏହି ପର୍ବର ବିଶେଷତ୍ୱ । ଏହା ଆମ ବନ୍ଧୁତ୍ୱ ଓ ଆତ୍ମୀୟତାର ପ୍ରତୀକ ମଧ୍ୟ । ନୂଆଁଖାଇ ସମସ୍ତଙ୍କ ଜୀବନକୁ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଦେଉ, ଏହା ମୋର ଆନ୍ତରିକ କାମନା।

ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସରେ ପୋଷ୍ଟ କରି ସମସ୍ତଙ୍କୁ ନୂଆଁଖାଇର ହାର୍ଦ୍ଦିକ ଶୁଭକାମନା ଜଣାଇ କହିଛନ୍ତି ଯେ ଏହି ଲୋକପ୍ରିୟ ପର୍ବ କୃଷକମାନଙ୍କ ପ୍ରତି ଆମର ଗଭୀର କୃତଜ୍ଞତାର ସ୍ମରଣ କରାଏ । ଯାହାଙ୍କ କଠିନ ପରିଶ୍ରମ ଆମ ସମସ୍ତଙ୍କର ଭରଣପୋଷଣ କରେ । ପ୍ରତିଟି ଘରେ ଉତ୍ତମ ସ୍ୱାସ୍ଥ୍ୟ, ସମୃଦ୍ଧି ଏବଂ ଖୁସି ବିରାଜମାନ କରୁ।

ପବିତ୍ର ନୂଆଁଖାଇ ଅବସରରେ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜୟ ଜଗନ୍ନାଥ, ଜୟ ମାଁ ସମ୍‌ଲେଇ, 'ସମ୍‌କୁ ମୋର ନୂଆଁଖାଇ ଜୁହାର' । ଓଡ଼ିଶାର ମହାନ୍ କୃଷିଭିତ୍ତିକ ଗଣ ପର୍ବ ନୂଆଁଖାଇର ଶୁଭ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆମର୍ ମହାନ୍ ସଂସ୍କୃତି ଆଉ ପରମ୍ପରାର ବାର୍ତ୍ତା ବାହକ୍ ଆଏ ଇ ନୂଆଁଖାଇ ତିହାର୍ । ପରିବାରର ସଦସ୍ୟ ମାନେ ଦେଶ୍ ବିଦେଶ୍‌ର ଯେନ୍ତୁ ଭି ଥିଲେ ଇ ତିହାର୍ ଲାଗି ନିଜର୍ ନିଜର୍ ଗାଁ କେ ଘର୍ କେ ଫିର୍ଶନ। ପରିବାରର ସଭେ ଏକ୍ ହେଇ କରି ମିଶିକରି ନୂଆଁ ଖାଏସନ୍ ।

ମୁନୁଷ୍ ମୁନୁଷ୍ ଭିତରେ ସ୍ନେହ, ପ୍ରେମ୍, ଶ୍ରଦ୍ଧା, ସମ୍ମାନ୍‌ର ଆଦାନ୍ ପ୍ରଦାନ୍ ଆର୍ ଭାଇଚାରା କେ ନେଇ କରି ଆଇସି ଆମର୍ ଇ ପରବ୍ ନୂଆଁଖାଇ । ଆମର୍ ପରମ୍ପରାରେ ନୂଆଁଖାଇ ର ଯେତ୍‌କି ମହତ୍ତ୍ୱ ଅଛେ ସେତ୍‌କି ମହତ୍ତ୍ୱ ନୂଆଁଖାଇ ଭେଟଘାଟ୍ ର ଭି ଅଛେ । ନୂଆଁ ଖାଇ ସାର୍ଲା ପରେ ସଭେ ସବ୍‌କୁ ଭେଟ୍ ହେବାର, ବଡ୍ ମାନଙ୍କୁ ନୂଆଁଖାଇ ଜୁହାର କର୍ବାର, ସମକର୍ ଭିତରେ ଭାବ୍ ପ୍ରେମ୍ ର ଆଦାନ୍ ପ୍ରଦାନ୍ କର୍ବାର୍ ଆର୍ ନାଚ୍ ଗୀତ୍ ଖାନା ପିନା ମୌଜ ମଜ୍ଲିସ *(ପୃଷ୍ଠା ୭ରେ)*

## ଦୀନେଶ ପଟ୍ଟନାୟକ ହେବେ କାନାଡାରେ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ



**ନୂଆଦିଲ୍ଲୀ, ୨୮।୮**

ଭାରତୀୟ ବିଦେଶ ସେବାର ବରିଷ୍ଠ ଅଧିକାରୀ ଦୀନେଶ କୁମାର ପଟ୍ଟନାୟକଙ୍କୁ ବଡ଼ ଦାୟିତ୍ୱ ଦେଇଛନ୍ତି ସରକାର । କାନାଡାରେ ପରବର୍ତ୍ତୀ ଭାରତୀୟ ରାଷ୍ଟ୍ରଦୂତ ଭାବେ ତାଙ୍କୁ ନୂଆ ନିଯୁକ୍ତି ମିଳିଛି । ଦୀନେଶ କୁମାର ପଟ୍ଟନାୟକ ବର୍ତ୍ତମାନ ସ୍ପେନରେ ଭାରତୀୟ ରାଷ୍ଟ୍ରଦୂତ ଭାବେ ସେବା ପ୍ରଦାନ କରୁଛନ୍ତି । କାନାଡାରେ ରାଷ୍ଟ୍ରଦୂତ ଥିବା ସଞ୍ଜୟ କୁମାର ବର୍ମାଙ୍କୁ ଫେରାଇ *(ପୃଷ୍ଠା ୭ରେ)*

## ଆଜିଠୁ ଏସ୍‌ସି-ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷମାନଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଘାଟନ କରିବେ ଲୋକସଭା ବାଚସ୍ପତି

**ଭୁବନେଶ୍ୱର, ୨୮।୮**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରଠାରେ ଶୁକ୍ରବାରଠାରୁ ସଂସଦ ଏବଂ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କର ଦୁଇଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଓଡ଼ିଶା ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଶୁକ୍ରବାର ଆନୁଷ୍ଠାନିକ ଭାବେ ଏହି ସମ୍ମିଳନୀକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦଘାଟନ କରିବେ ବୋଲି ବାଚସ୍ପତି ସୁରମା ପାଢ଼ୀ ଗୁରୁବାର ଦିନ ବିଧାନସଭାଠାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ବାଚସ୍ପତି କହିଛନ୍ତି ଯେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଏହି ଧରଣର ଜାତୀୟ ସମ୍ମିଳନୀ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଛି। ଏଥିରୁ ସ୍ପଷ୍ଟ ଜଣାପଡେ ଯେ ପାର୍ଲାମେଣ୍ଟ ଓଡ଼ିଶା ଭଳି ଏକ ଅନୁସୂଚିତ ଜାତି ଓ ଜନଜାତି ବହୁଳ ରାଜ୍ୟକୁ ଗୁରୁତ୍ୱ ଦେଉଛନ୍ତି। ଏଥି ପାଇଁ ଲୋକସଭା ବାଚସ୍ପତି, ରାଜ୍ୟସଭା ଉପାଧ୍ୟକ୍ଷ ଏବଂ ତାଙ୍କର ସମସ୍ତ ସହଯୋଗୀଙ୍କୁ ବାଚସ୍ପତି କୃତଜ୍ଞତା ଜଣାଇ କହିଥିଲେ ଯେ ଏହି ସମ୍ମିଳନୀ ଅବସରରେ ଆଲୋଚନା ସହ ଅନ୍ୟ ସମସ୍ତ ରାଜ୍ୟକୁ ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟଙ୍କ ଚାଲିଚଳଣି, ପୋଷାକ ପରିଧାନ, କାର୍ଯ୍ୟକୁଶଳତା, କାରିଗରୀ ବିଦ୍ୟା, ହସ୍ତଶିଳ୍ପ ସଂପର୍କରେ ଅବଗତ କରାଇବା ପାଇଁ ଏକ ଦୁଇଦିନିଆ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଉଛି । ଓଡ଼ିଶାର ଐତିହ୍ୟ, ସଂସ୍କୃତି, ନୃତ୍ୟ-ସଂଗୀତ, ଚାରୁକଳା, କାରୁକଳା ସହିତ ଆଗନ୍ତୁକମାନଙ୍କୁ ପରିଚିତ କରାଇବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଅତିଥିମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ, କୋଣାର୍କ, ଜନଜାତି ସଂଗ୍ରହାଳୟ ଆଦି ବୁଲାଇ ଦେଖାଇବାର ମଧ୍ୟ ବ୍ୟବସ୍ଥା କରାଯାଇଛି । ଏହି ସମ୍ମିଳନୀରେ ଭିନ୍ନ ଭିନ୍ନ ରାଜ୍ୟରେ ରହିଥିବା ସଂସଦୀୟ ପରମ୍ପରା, କଲ୍ୟାଣମୂଳକ କାର୍ଯ୍ୟ ସଂପର୍କିତ ଭାବର ଆଦାନପ୍ରଦାନ ହେବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରକାଶ କରିଥିଲେ। ଓଡ଼ିଶାର ଅନୁସୂଚିତ ଜାତି ଓ *(ପୃଷ୍ଠା ୭ରେ)*

## ୫ରୁ ୧୫ ବର୍ଷର ପିଲାଙ୍କର ହେବ ବାୟୋମେଟ୍ରିକ ଅପଡେଟ୍

**ନୂଆଦିଲ୍ଲୀ, ୨୮।୮**

ୟୁନିକ୍ ଆଇଡେଣ୍ଟିଫିକେସନ ଅଥରିଟି ଅଫ ଇଣ୍ଡିଆ (ୟୁଆଇଡିଏଆଇ) ସ୍କୁଲ ପିଲାଙ୍କ ଆଧାର ସମ୍ପର୍କିତ ବାଧ୍ୟତାମୂଳକ ବାୟୋମେଟ୍ରିକ ଅପଡେଟ୍ (ଏମବିୟୁ)କୁ ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନଫର୍ମେସନ ସିଷ୍ଟମ ଫର ଏଜୁକେସନ ପ୍ଲସ (ୟୁଡିଆଇଏସଇ+) ଆପ୍ଲିକେସନରେ ଉପଲବ୍ଧ କରାଇବା ପାଇଁ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସହିତ ହାତ ମିଳାଇଛନ୍ତି। ଏହା ଦ୍ୱାରା କୋଟି କୋଟି ଛାତ୍ରଛାତ୍ରୀଙ୍କ ଆଧାରରେ ଏମବିୟୁ ସୁବିଧା ଉପଲବ୍ଧ ହୋଇପାରିବ।

୫ ବର୍ଷ ପିଲା ଓ ୧୫ ବର୍ଷ ବୟସର ପିଲାଙ୍କ ନିମନ୍ତେ ଆଧାରରେ ଏମବିୟୁ ଏକ ଅନିବାର୍ଯ୍ୟ ଆବଶ୍ୟକତା। ଆଧାରରେ ପିଲାଙ୍କ ବାୟୋମେଟ୍ରିକ ଡାଟା ସଠିକତା ଓ




ବିଶ୍ୱସନୀୟତା କାୟମ ରଖିବା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାୟ ୧୭ କୋଟି ଆଧାର ଏପରି ପିଲାଙ୍କର ଯେଉଁମାନଙ୍କର ଅନିବାର୍ଯ୍ୟ ବାୟୋମେଟ୍ରିକ ଅପଡେଟ୍ ହୋଇ ନାହିଁ। ଆଧାରରେ ପିଲାଙ୍କ ବାୟୋମେଟ୍ରିକ ଅପଡେଟ୍ କରିବା ଜରୁରି, ନଚେତ ପରେ ବିଭିନ୍ନ ସରକାରୀ ଯୋଜନାରେ ଲାଭ ପ୍ରାପ୍ତ କରିବା, ନିଟ, ଜେଇଇ, ସିୟୁଇଟି ପ୍ରତିଯୋଗିତା ସମେତ ବିଶ୍ୱବିଦ୍ୟାଳୟ ପରୀକ୍ଷାମାନଙ୍କରେ ପ୍ରମାଣିକରଣ କାଳରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ।

ଏଣୁ ୟୁଆଇଡିଏଆଇ ସିଇଓ ଭୁବନେଶ କୁମାର ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଙ୍କ ସବୁ ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ଏ ସମ୍ପର୍କରେ ଅବଗତ କରାଇଛନ୍ତି ଓ ସେମାନଙ୍କୁ ଆୟୋଜିତ ହେବାକୁ ଥିବା ଏମବିୟୁ ଶିବିରରେ ଆୟୋଜନରେ ସହଯୋଗ କରିବାକୁ କହିଛନ୍ତି। ତେବେ ସ୍କୁଲମାନେ କିପରି ଜାଣି ପାରିବେ କେଉଁ ଛାତ୍ରଙ୍କ ବାୟୋମେଟ୍ରିକ ଅପଡେଟ୍ ହୋଇଛି କି ନା? ଏଣୁ ଭାରତ ସରକାରଙ୍କ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗର ବୈଷୟିକ ଟିମ୍ ୟୁଡିଆଇଏସଇ+ ଆପ୍ଲିକେସନ ମାଧ୍ୟମରେ ଏହାର ସମାଧାନ ବାହାର କରିଛନ୍ତି। ଏବେ ସ୍କୁଲମାନଙ୍କୁ ଛାତ୍ରଛାତ୍ରୀଙ୍କୁ ଏମବିୟୁ ଅପଡେଟ୍ ନଥିଲେ ଜଣାଇ ଦେଇ ପାରିବେ।

## ଆଜିର ମୁଖ୍ୟ ଖବର

- ଗଞ୍ଜାମ କୂଳରେ ମାଛଧରା ନୌକା ଓଲଟିବା ଫଳରେ ଛଅ ଜଣ ମାଛଧରାଳି ସୁରକ୍ଷିତ ଉଦ୍ଧାର ଜଣେ ନିଖୋଜ ।
- ବାଲେଶ୍ୱରରେ ନିର୍ମମ ଘଟଣା, ୨୩ ବର୍ଷୀୟା ଯୁବତୀଙ୍କୁ ୬ମାସ ଧରି ଅପହରଣ କରି ଗଣଦୁଷ୍କର୍ମ ।
- ୨୨ବର୍ଷର ୟୁଟ୍ୟୁବର୍ ସାଗର କୁଣ୍ଡୁ ଦୁଦୁମା ଜଳପ୍ରପାତରେ ଭାସିଗଲେ।
- ବେଙ୍ଗାଲୁରରେ ୧୫୦୦୦ ଟଙ୍କାରେ କାମ କରୁଥିବା ଓଡିଶାର ଏକ ପ୍ରବାସୀ ଶ୍ରମିକ ଏନ୍‌ଇଇଟି ଉତୀର୍ଣ୍ଣ ।
- ଗ୍ରାମ୍ୟ ଜଙ୍ଗଲ ଜମିର ଅବୈଧ ଖଣିଜ ଖୋଳା କାର୍ଯ୍ୟ ନେଇ ଏନ୍‌ଜିଟି ନୋଟିସ୍ ।

## ସୁପ୍ରିମକୋର୍ଟରେ ୨ ନୂଆ ବିଚାରପତି

**ନୂଆଦିଲ୍ଲୀ, ୨୮।୮**

ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଆଲୋକ ଆରାଧେ ଏବଂ ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି ବିପୁଲ ମନୁଭାଇ ପାଞ୍ଚୋଲିଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ମିଳିଛି। ସୁପ୍ରିମକୋର୍ଟ କଲେଜିୟମ୍ ସୋମବାର ସେମାନଙ୍କ ନାମ ସୁପାରିସ କରିଥିବାବେଳେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସେମାନଙ୍କ ନିଯୁକ୍ତି ସମ୍ପର୍କରେ ଘୋଷଣା କରିଛି। ସେମାନଙ୍କ ଶପଥ ଗ୍ରହଣ ପରେ ସୁପ୍ରିମକୋର୍ଟରେ ମୋଟ ବିଚାରପତି ସଂଖ୍ୟା ସିଜେଆଇଙ୍କୁ ମିଶାଇ ୩୪ରେ ପହଞ୍ଚିଛି। ଜଷ୍ଟିସ୍ ଜୟମାଲ୍ୟ ବାଗଚି ୨୦୩୧



ଅକ୍ଟୋବର ୨ରେ ଅବସର ନେବାକୁ ଥିବାବେଳେ ଏହା ପରେ ଜଷ୍ଟିସ୍ ପାଞ୍ଚୋଲି ଭାରତର ପ୍ରଧାନ ବିଚାରପତି ହେବେ। ସେ ୨୦୩୧ ଅକ୍ଟୋବର ୩ରୁ ୨୦୩୩ ମେ' ୨୭ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ତେବେ ଜଷ୍ଟିସ୍ ପାଞ୍ଚୋଲିଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ *(ପୃଷ୍ଠା ୭ରେ)*

## ମା'ସମଲେଇଙ୍କ ନିକଟରେ ଲାଗି ହେଲା ନବାନ୍ନ

**ସମ୍ବଲପୁର, ୨୮।୮**
**ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ନିକଟରେ ଲାଗି ହେଲା ନବାନ୍ନ। ନୂଆଁଖାଇ ପାଇଁ ସମଲେଶ୍ୱରୀ ମନ୍ଦିରକୁ ତିନି ପୂଜକଙ୍କ ଘରୁ ପ୍ରଥମେ ଭୋଗ ଆସିଥିଲା। ତାପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ନବାନ୍ନ ଲାଗି ହୋଇଥିଲା। ଏହି ଅବସରରେ ନୂଆ ଚାଉଳ ସହିତ କ୍ଷୀରି, ପିଠା, ସାରୁଶାଗ ଲାଗି ହୋଇଛି। ଏହା ପରେ ଲୋକେ ନିଜ ନିଜ ଘରେ କୁଳ ଦେବାଦେବୀଙ୍କୁ ନୂଆଭୋଗ ଲାଗି କରି ନିଜେ ନୂଆ ଖାଇଛନ୍ତି।

ଗଣପର୍ବ ନୂଆଁଖାଇ ପାଇଁ ଉତ୍ସବମୁଖର



ହୋଇଛି ପଶ୍ଚିମ ଓଡ଼ିଶାର ପୁରପଲ୍ଲୀ। ଗାଁରୁ ସହର, ସବୁଠି ଚାଲିଛି ପ୍ରସ୍ତୁତି। ଗୁରୁବାର ପୂର୍ବାହ୍ନ ୧୦ଟା ୩୩ରୁ ୧୦ଟା ୫୫ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହୋଇଥିଲା। ଏହାପରେ ମା'ଙ୍କ ଦର୍ଶନ ପାଇଁ ମନ୍ଦିରଦ୍ୱାର ଖୋଲି ଦିଆଯିବ ବୋଲି ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟ ସୂଚନା ଦେଇଥିଲେ। ଆଜି ନୂଆଁଖାଇ ଅବସରରେ ଭୋଗମଣ୍ଡପରେ *(ପୃଷ୍ଠା ୭ରେ)*

## ମାଲକାନଗିରି ସୀମାନ୍ତରେ ଶିକ୍ଷାଦୂତଙ୍କୁ ହତ୍ୟା କଲେ ନକ୍ସଲ

**ମାଲକାନଗିରି, ୨୮।୮**
**ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ଅନ୍ତର୍ଗତ ଜଗରଗୁଣ୍ଡା ଥାନା ଅଞ୍ଚଳର ସିଲଗେର ଗ୍ରାମରେ ଜଣେ ଶିକ୍ଷାଦୂତଙ୍କୁ ହତ୍ୟା କରିଛନ୍ତି ନକ୍ସଲ। ବୁଧବାର ରାତିରେ ନକ୍ସଲ ଗାଁରେ ପହଞ୍ଚି ଶିକ୍ଷାଦୂତ ଲକ୍ଷ୍ମଣ ବାରସେଙ୍କୁ ଖୋଜିଥିଲେ। ତାଙ୍କ ଘରକୁ ଯାଇ ଲକ୍ଷ୍ମଣଙ୍କୁ ଘରୁ ଘୋଷାଡ଼ି ଆଣି ପ୍ରଥମେ ନିର୍ଦ୍ଦୟ ପିଟିଥିଲେ। ପରେ ତାଙ୍କୁ ହତ୍ୟା କରିଥିଲେ। ପରିବାର ଲୋକେ ତାଙ୍କୁ ରକ୍ଷା କରିବାକୁ ଯାଇ ଆହତ ହୋଇଥିଲେ।

## ଏକାଳ ପଖାଳ



ମହାନଦୀ ଜଳ ବିବାଦ କେବେକୁ
କେଜାଣି ଯେ ଯିବ ତୁଟି
ରାଇଜ ଆମର ହନ୍ତସନ୍ତ ଖୁବ୍
ଦୁଃଖ ଯାଏ ଛାତି ଫାଟି
ବଇଠକ ପରେ ବଇଠକ ଗୋଟି
ଫଳ କିନ୍ତୁ କିଛି ଏଯାଏ ଫଳୁନି
ଜଳଶୁଖି ଦିଶେ ବାଲି ମାଟି ।

# ବିଶ୍ୱର ଦ୍ୱିତୀୟ ସର୍ବବୃହତ ଅର୍ଥନୀତିରେ ପରିଣତ ହେବ ଭାରତ !




**ନୂଆଦିଲ୍ଲୀ, ୨୮।୮**

୨୦୩୮ ସୁଦ୍ଧା ଭାରତର ଜିଡିପି ୩୪.୨ ଟ୍ରିଲିୟନରେ ପହଞ୍ଚି ପାରେ ବୋଲି ଋଣ ଇକୋନୋମୀ ୱାଚର ୨୦୨୫ ଅଗଷ୍ଟ ମାସ ସଂସ୍କରଣରେ ଉଲ୍ଲେଖ କରାଯାଇଛି।

ଆସନ୍ତା ୨୦୩୦ ସୁଦ୍ଧା ଭାରତର ଅର୍ଥନୀତି ୨୦.୭ ଟ୍ରିଲିୟନ ଡଲାରରେ ପହଞ୍ଚିବ। ସେହିପରି ୨୦୩୮ ସୁଦ୍ଧା ଭାରତର ଜିଡ଼ିପି ୩୪.୨ ଟ୍ରିଲିୟନରେ ପହଞ୍ଚି ପାରେ ବୋଲି ଋଣ ଇକୋନୋମୀ ୱାଚର ୨୦୨୫ ଅଗଷ୍ଟ ମାସ ସଂସ୍କରଣରେ ଉଲ୍ଲେଖ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ଭାରତର ଶକ୍ତିଶାଳୀ ଅର୍ଥନୀତିକ ରଣନୀତି, ଅନୁକୂଳ ଭୌଗୋଳିକ ସ୍ଥିତି, ଯୁବ ଜନସଂଖ୍ୟା, ସମତୁଲ ବିତ୍ତୀୟ ସ୍ଥିତି ଓ କାର୍ଯ୍ୟକାରୀ ହେଉଥିବା ଗଠନମୂଳକ ସଂସ୍କାର ଦୀର୍ଘକାଳୀନ ଅଭିବୃଦ୍ଧିର ସଙ୍କେତ ଦେଉଛି। ବିଶ୍ୱରେ ଅନିଶ୍ଚିତତା ଲାଗି ରହିଥିବା ବେଳେ ଭାରତର ଅଭିବୃଦ୍ଧି ବଳବତ୍ତର ରହିବ ବୋଲି ରିପୋର୍ଟରେ ଦାବି କରାଯାଇଛି।

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଯଦି ବର୍ତ୍ତମାନ ଜାରି ରହିଥିବା ଅଭିବୃଦ୍ଧି ହାର ବଳବତ୍ତର ରହିବ, ତା'ହେଲେ ୨୦୨୮ ସୁଦ୍ଧା ଭାରତ ପିପିପି (କ୍ରୟ ଶକ୍ତି ସମାନତା) କ୍ଷେତ୍ରରେ ବିଶ୍ୱର *(ପୃଷ୍ଠା ୭ରେ)*

## ଆସୁଛି ଆଉ ଏକ ଘୂର୍ଣ୍ଣିବଳୟ : ସେପ୍ଟେମ୍ବର ପହିଲାରୁ ପୁଣି ଭିଜିବ ଓଡ଼ିଶା

**ଭୁବନେଶ୍ୱର, ୨୮।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଉପରେ ପୁଣି ଆଉ ଏକ ଘୂର୍ଣ୍ଣିବଳୟ । ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଉପକୂଳରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ସମ୍ଭାବନା ରହିଛି ବୋଲି ସୂଚନା ଦେଇଛନ୍ତି ପାଣିପାଗ ବୈଜ୍ଞାନିକ ଶରତ ସାହୁ । ଯାହା ଫଳରେ ସେପ୍ଟେମ୍ବର ପହିଲାରୁ ରାଜ୍ୟରେ ପୁଣି ଜାରି ରହିବ ବର୍ଷା ପୁଣି ଭିଜିବ ଓଡ଼ିଶା।

ସେପଟେ ଲଘୁଚାପ ପ୍ରଭାବରେ ଆଉ ୩ ଦିନ ରାଜ୍ୟରେ ପ୍ରବଳ ବର୍ଷା ଚେତାବନୀ ବି ରହିଥିବା ବେଳେ ଲଘୁଚାପରେ ପରିଣତ



ହୋଇଛି ସଦୃଶ ଲଘୁଚାପ । ଛତିଶଗଡ଼ ଉପରେ ସକ୍ରିୟ ରହିଛି । ଶୁକ୍ରବାରଠୁ କମିବ ବର୍ଷାର ପରିମାଣ । ଉତ୍ତର ଓ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର *(ପୃଷ୍ଠା ୭ରେ)*

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୯ ଅଗଷ୍ଟ ୨୦୨୫ ଶୁକ୍ରବାର








## ଶିକ୍ଷକ ପ୍ରଜ୍ଞା ପ୍ରସାଦ ତଥାଗତଙ୍କୁ 'ଓଡ଼ିଶା ଆଇକନ୍ ଆୱାର୍ଡ-୨୦୨୫'

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଦିନ ସେଣ୍ଟର୍ ଫର୍ ଏଜୁକେଶନାଲ ଡେଭଲପ୍‌ମେଣ୍ଟ ଫାଉଣ୍ଡେସନ୍ ଏବଂ ନୀତି ଆୟୋଗର ମିଳିତ ସହଯୋଗରେ,୨୬ ଅଗଷ୍ଟ, ୨୦୨୫ରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଏହାର "୧୭ତମ ଶିକ୍ଷା ସମ୍ମିଳନୀ" ଆୟୋଜନ କରାଯାଇଥିଲା । ଯାହାଦ୍ୱାରା ଉତ୍ସର୍ଗୀକୃତ ଶିକ୍ଷାବିତଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ତତ୍‌ସହିତ 'ଜାତୀୟ ଶିକ୍ଷା ନୀତି–୨୦୨୦'ର ପାଞ୍ଚ ବର୍ଷ ପୂର୍ତ୍ତି ଉଦ୍ଦେଶ୍ୟରେ ଏକ ବକ୍ତୃତାମାଳା ଆୟୋଜନ କରାଯାଇଥିଲା । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଶିକ୍ଷା କ୍ଷେତ୍ରରେ ବିଶିଷ୍ଟ ଅବଦାନ ରଖୁଥିବା ଶିକ୍ଷକମାନେ ଏଠି ଯୋଗ ଦେଇଥିଲେ । ଏନ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ, ଡକ୍ଟର ହୃଷୀକେଶ ସେନାପତି ଓ ଡକ୍ଟର ଶଙ୍କର ଗୋଏଙ୍କା (ଏମ୍.ଡି., ୱାଓ ଫାଉଣ୍ଡେସନ୍) ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ । ଏକାମ୍ର ବିଧାୟକ ବାବୁ ସିଂହ, ମୁଖ୍ୟ ଅତିଥି ସ୍ମୃତି ପଟ୍ଟନାୟକ, ବିଜେପି ନେତ୍ରୀ, କଟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ 'ଜାତୀୟ ଶିକ୍ଷା ନୀତି–୨୦୨୦'ର ସଫଳ ପ୍ରୟୋଗରେ ଶିକ୍ଷକଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ସିବିଏସ୍‌ଇ ସହୋଦୟ ସ୍କୁଲ କମ୍ପ୍ଲେକ୍ସ, ପୂର୍ବ ଓଡ଼ିଶା ଅଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ଡକ୍ଟର ପ୍ରିୟଦର୍ଶୀ ନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମାଲୁଦ ପୁରୀ ଜିଲ୍ଲାର ଶିକ୍ଷକ ପ୍ରଜ୍ଞା ପ୍ରସାଦ ତଥାଗତଙ୍କୁ 'ଓଡ଼ିଶା ଆଇକନ୍ ଆୱାର୍ଡ–୨୦୨୫'ରେ ସମ୍ମାନିତ କରାଯାଇଥିଲା । ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ଯୁବ କବି ଓ ସୁବକ୍ତା ଭାବରେ ଏହି ଅଞ୍ଚଳରେ ପରିଚିତ ଅଟନ୍ତି ।

## ଭାଲୁ ଆକ୍ରମଣରେ ଜଣେ ଆହତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ସମ୍ଭାରୁ ପଞ୍ଚାୟତର ତୁରଙ୍ଗ ଅଞ୍ଚଳରେ ସକାଳ ସମୟରେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ଭାବେ ଆହତ ହୋଇଛି । ଖବରପାଇ ଗଡ଼ମଧୁପୁର ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ଭାଲୁକୁ ଜଙ୍ଗଲ ଆଡକୁ ଘୋଉଡାଉଛନ୍ତି । ମା' ଭାଲୁ ସହ ୨ଟି ଛୁଆ ଭାଲୁ ଅଛନ୍ତି । ଖାଦ୍ୟ ଅନ୍ୱେଷଣରେ ଭାଲୁ ସବୁ ଜଙ୍ଗଲ ଛାଡି ଜନବସତି ଅଞ୍ଚଳକୁ ଆସୁଛନ୍ତି । ଭାଲୁଙ୍କ ପାଇଁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଜିଲ୍ଲାର ବିଭିନ୍ନ ବ୍ଲକ ଗୁଡିକରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ସମୀକ୍ଷା ବୈଠକ କରାଯାଇଛି । ଏଥିରେ ଜିଲ୍ଲାରେ ବିଭିନ୍ନ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ମନ୍ଥର ଗତିରେ ଚାଲିଥିବାରୁ କାର୍ଯ୍ୟ ଗୁଡିକୁ ତ୍ୱରାନିତ୍ୱ କରିବା ପାଇଁ ଆଲୋଚନା କରାଯାଇଛି । ଜିଲ୍ଲାର ମହାକାଳପଡା, ମାର୍ଶାଘାଇ, ଆଳି, ରାଜକନିକା, ଗରଦପୁର, ପଟ୍ଟାମୁଣ୍ଡାଇ, ରାଜନଗର ପ୍ରଭୃତି ଅଞ୍ଚଳରେ ଏଲ୍‌ଏଣ୍ଡଟି ଓ ଲକ୍ଷ୍ମୀ କମ୍ପାନୀ ଦ୍ୱାରା କରାଯାଉଥିବା ପାନୀୟ ଜଳ ଯୋଗାଣ ମେଗା ପ୍ରକଳ୍ପ ଗୁଡିକୁ ତୁରନ୍ତ ସାରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକଳ୍ପ ଗୁଡିକର କାର୍ଯ୍ୟ ଶିଘ୍ର ସମାପ୍ତ ହେଲେ ଜନସାଧାରଣଙ୍କ ହିତରେ ଆସିବ । ଏଥି ସହିତ ଜିଲ୍ଲାର ବିଭିନ୍ନ ଗ୍ରାମ ଗୁଡିକରେ ଖରାପ ହୋଇ ପଡିଥିବା ନଳକୂପ, ଗଭୀର ନଳକୂପ ଗୁଡିକୁ ମରାତି କରି ଏହାକୁ ସୁପରିଚାଳନା କରିବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଥିବା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମୀୟ ଜଳ ଯୋଗାଣ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ସମସ୍ତ ବିଡିଓ, ବ୍ଲକ ଜଳ ଯୋଗାଣ ଅଧିକାରୀ, ଏସ୍‌ଡିଓ ପ୍ରମୁଖ ଉପସ୍ଥିତ ଥିଲେ ।

## ବୈତରଣୀ ନଦୀର ବନ୍ୟାପାଣି କମୁଛି:ବିପନ୍ନଙ୍କ ଦୁର୍ଦ୍ଦଶା ବଢୁଛି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବୈତରଣୀ ନଦୀରେ ଦେଖା ଦେଇଥିବା ବନ୍ୟା କମୁଥିଲେ ମଧ୍ୟ ବଢୁଛି ବିପନ୍ନଙ୍କ ଦୁର୍ଦ୍ଦଶା । ଚାନ୍ଦବାଲି ବ୍ଲକର ୪ ପଞ୍ଚାୟତରେ ବନ୍ୟା ସ୍ଥିତିର ସାମାନ୍ୟ ସୁଧାର ଆସିଥିଲେ ମଧ ଏବେବି ୩ଟି ରାସ୍ତାରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଆରଡି, ଓଳଗ, ନାନ୍ଦପୁର ପଞ୍ଚାୟତର ୧୪ ଗାଁ ବାହ୍ୟଜଗତରୁ ବିଛିନ୍ନ ହୋଇ ରହିଛି । ୫ ଦିନ ହେଲା ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇ ରହିଛି । ସେହିପରି ୫ଦିନ ହେଲା ଭୋକ ଉପାସରେ ଗୃହପାଳିତ ପଶୁ ଗାଁ ଦାଣ୍ଡ ଓ ନଦୀବନ୍ଧର ଆଶ୍ରୟ ନେଇଛନ୍ତି । ବିଶେଷକରି ବୈତରଣୀ ନଦୀ ଆଖଣ୍ଡଳମଣି–କୁଆଖିଆ ୨୦ ନମ୍ବର ଜାତୀୟ ରାଜପଥର ବୋଡକ ଠାରେ କୂଳ ଲଘିଂବାରୁ ୧ କିମି ରାସ୍ତା ଧୋଇ ନେଇଛି । ତାହାସହ ଆରଡି ବସ୍‌ଷ୍ଟାଣ୍ଡ ନିକଟ ପାନ୍ଥନିବାସ ପାଖରେ ଜାତୀୟ ରାଜପଥର କଲ୍‌ଭର୍ଟ ଦବିଯିବାରୁ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ଚାନ୍ଦବାଲି ବିଧାୟକ ବ୍ୟୋମେକଶ ରାୟ ବ୍ଲକର ତଳିଆ ଅଞ୍ଚଳରେ ବିପନ୍ନଙ୍କୁ ଭେଟି ଭଲମନ୍ଦ ବୁଝିଛନ୍ତି । ସେହିପରି ଜିଲ୍ଲା ପ୍ରଶାସନ ଅଧିକାରୀ ବନ୍ୟାଞ୍ଚଳକୁ ଯାଇ ବିପନ୍ନଙ୍କୁ ଭେଟିବା ସହ ଜଳବନ୍ଦୀ ହୋଇ ରହିଥିବା ବିପନ୍ନ ମାନଙ୍କ ପାଇଁ ରନ୍ଧାଖାଦ୍ୟ ପାଣି ଛାଡିବା ଯାଏ ଯୋଗାଇ ଦେବାକୁ କହିଛନ୍ତି ଭଦ୍ରକ ଜିଲ୍ଲାପାଳ ଦିଲିପ ରାଉତରାୟ ।

## ଲଗାଣ ବର୍ଷାରେ ଅନେକ ଘର ଓ କାନ୍ଥ ଭୁଶୁଡ଼ିଲା

**ସେମିଳିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ପିତାଗୁଡା ଓ ରାଜପୁତ ଗ୍ରାମ ପଞ୍ଚାୟତ ଅଧିନରେ ଥିବା ଅନେକ ଗ୍ରାମରେ ଲଗାଣ ବର୍ଷାରେ ଅନେକ ଘର ଓ କାନ୍ଥ ଭୁଶୁଡିଥିବା ସୂଚନା ମିଳିଛି । ପିତାଗୁଡା ପଞ୍ଚାୟତର ଚୋରି ମାଲିପୁଟ ଗ୍ରାମରେ ବୁଧବାର ଦିନ ୧୧ ଘଟିକା ସମୟରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ତିନି ବଖରାକୁ ଲାଗିଥିବା କାନ୍ଥ ସମ୍ପୂର୍ଣ୍ଣ ଭାବେ ଭୁଶୁଡିଯାଇଛି । ଏହି ଘରେ ହରାନ୍ନା ନାୟକଙ୍କ ସହଧର୍ମିଣୀ ପଦ୍ମିନୀ ନାୟକ ବସବାସ କରୁଥିଲେ । କାନ୍ଥ ଭୁଶୁଡିଲା ସମୟରେ ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ । ଡୁଡ଼ି ଓ ଅଖା ବସ୍ତାରେ ଥିବା ଧାନ, ମାଣ୍ଡିଆ, ଶୁଆଁ ପୋଷାକ ଆସବାବ ନଥିପତ୍ର ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ସ୍ୱାମୀ ହରାନ୍ନା ନାୟକ, ସହଧର୍ମିଣୀ ପଦ୍ମିନୀ ଦୁଃଖରେ ଭାଙ୍ଗି ପଡିଛନ୍ତି ଓ ପିତାଗୁଡା ଗ୍ରାମ ପଞ୍ଚାୟତ ଖରାଗୁଡା ଗ୍ରାମର ମଙ୍ଗୁ ଦେଉଳପାଡିଆଙ୍କ କାନ୍ଥ ଭୁଶୁଡି ପଡିଛି ତାହା ସହିତ କିଛି ଶୁଖିଲା ଖାଦ୍ୟ ତଥା ଧାନ, ମାଣ୍ଡିଆ, ଚାଉଳ, ନଷ୍ଟ ହୋଇଛି । ସେହିପରି ରାଜୁପୁଟ ପଞ୍ଚାୟତ କାଙ୍ଗ୍ରା ଗ୍ରାମର ଧନ ଖରା ଝରାପୁଟର ଧନେଶ ପାଙ୍ଗିଙ୍କ ଘର ଭାଙ୍ଗିଥିବା ଜଣାପଡିଛି । ପାତ୍ରପୁଟ, ରୋଷେଇପୁଟ, ପୂଜାରୀପୁଟ, ମୁଖିବିଡ଼େଇ, ପୋଡାଗଡ଼, କାଙ୍ଗ୍ରା, ରାଜୁପୁଟ, ରାଜୁବିଡ଼େଇ ଗ୍ରାମର ଧାନ ଜମି ରାତିସାରାର ଲଗାଣ ବର୍ଷାରେ ବିଲ ଜମିର ବଡ଼ ବଡ଼ ହାଡ଼ିବନ୍ଧ ସବୁ ଧୋଇ ନେଇଯାଇଛି ବର୍ଷା । ଉପର ମୁଣ୍ଡରୁ ବର୍ଷା ପାଣି ମାଟି ଗୋଡି ପଥର ଅନାବନା ଜିନିଷ ଧୋଇଆଣି ବାଲିଚର କରିଦେଇଛି ଲଗୁଚାପ ବର୍ଷା । ଚାଷୀକୂଳ ଚିନ୍ତାରେ ଶହ ଶହ ଟଙ୍କା ଧାର କରଜ କରି ବର୍ଷକର ଫସଲ ଧାନ ସବୁ କରିଥିଲେ । ରାଜୁପୁଟ ସରପଞ୍ଚ ପିତାମ୍ବର କିର୍ସାନୀ ବିଭିନ୍ନ ଗ୍ରାମ ପରିଦର୍ଶନ କରିବା ସହ ବିଲବାଲି ବୁଲି ସ୍ଥିତି ଅନୁଧ୍ୟାନ କରି ରାଜସ୍ୱନିରୀକ୍ଷକ କୃଷି କର୍ମଚାରୀଙ୍କୁ ଅବଗତ କଲେ ରାଜୁପୁଟ ସରପଞ୍ଚ ପିତାମ୍ବର କିର୍ସାନୀ । ସବୁ ଗାଁ ବିଲବାଡ଼ି ବୁଲି ଚାଷୀକୂଳକୁ ଆଶ୍ୱାସନା ଦେଇଛନ୍ତି ସରକାରଙ୍କ ତରଫରୁ ଘର ମିଳିଲେ ଚିରେ ଉପକୃତ ହେବେ ବୋଲି କ୍ଷତିଗ୍ରସ୍ତ ଲୋକ ନିବେଦନ କରିଛନ୍ତି । ଏଥିପ୍ରତି ବ୍ଲକ ପ୍ରଶାସନର ଦୃଷ୍ଟି କେବେ ପଡିବ ପରିବାର ଲୋକେଙ୍କୁ ପକ୍କା ଘର କେବେ ମିଳିବ ତାହା ଦେଖିବାକୁ ବାକି ରହିଲା । ପ୍ରକାଶଥାଉ କି ସେମିଳିଗୁଡା ଅଞ୍ଚଳରେ ୧୦୮.୪ ମି ମି ବର୍ଷା ହୋଇଥିବା ସୂଚନା ମିଳିଛି ।

## ଲଗାଣ ବର୍ଷାରେ ଜୟପୁର ତହସିଲ ଅଧିନରେ ୧୭ଟି ଘର ଆଂଶିକ ଭାଙ୍ଗିଲା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଲଗାଣ ବର୍ଷାରେ ଜୟପୁର ତହସିଲ ଅଧିନରେ ୧୭ଟି ଘର ଆଂଶିକ ଭାଙ୍ଗି ଥିବା ଜଣାଯାଇଛି । ଏନେଇ ଜୟପୁର ତହିଲଦାର ସବ୍ୟସାଚି ଜେନା, ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ରାଜସ୍ୱ ସୁପର ଭାଇଜର ହରିହର ଶତପଥି ଉପସ୍ଥିତ ରହି ତଥ୍ୟ ସଂଗ୍ରହ କରିବା ସହ ପଲିଥିନ ପ୍ରଦାନ କରିଥିଲେ । କେବିଡିର ବୁନୁ କାଡ୍ରାକା ସିଙ୍ଗିଂବନ୍ଧର ଉଦ୍ଧବ ବୈପାରି, ଭାଜିଗୁଡା ପୂର୍ଣ୍ଣଚନ୍ଦ୍ର ଗୌଡ ହାଟପଦା ରାମ ଚନ୍ଦ୍ର ଖରା, ବୈରାଗିମଠର ଗୋରି ବିଷୋୟୀ, ବାପୁଜି ନଗରର ଅମ୍ବିକା ଖରା, ଭାଜିଗୁଡା ଗୋରି ମଣି ହରିଜନ, ଖଡପାର ମୁଦି ଭତ୍ରା, ନୂଆପୁଟର ଡମ୍ବୁ ପରାଜ, ହାଟପାଦାର ସୁବାସ ଖରା, ବାପୁଜି ନଗରର କୋମ୍ବୁ ଖରା, ପଲକାପୁଟ ରିନା ପରଜା, ବାପୁଜି ନଗରର ହାଡି ଖରା, ପଲକାପୁଟର ଜୟନ୍ତି ବାଘ, ବିଜୁ ରାଜନଗର ଏମ୍‌ଡି ଫାୟାତ ଘର ଭାଙ୍ଗିଥିବା ଜଣାଯାଇଛି ।

## ନୂଆଁଖାଇ ଭେଟ୍‌ରେ ଯୋଗଦେବା ପାଇଁ ସାଂସଦକୁ ଭେଟିଲା ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଝାରବନ୍ଧ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**



ପାଇକମାଲ, ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଝାରବନ୍ଧର ନୂଆଁଖାଇ ଭେଟ୍‌ଘାଟ ୨୦୨୫ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାପାଇଁ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଭେଟିଛି ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଝାରବନ୍ଧ ଅଞ୍ଚଳର କ୍ରୀଡା କଳା ସଂସ୍କୃତି ସ୍ମୃତି ସାହିତ୍ୟ ତଥା ଶିକ୍ଷା କ୍ଷେତ୍ରରେ ଝାରବନ୍ଧ ବ୍ଲକ କିପରି ଆଗକୁ ବିକାଶ ତଥା ଭାଇଚାରା ସୃଷ୍ଟି ପାଇଁ ନୂଆଁଖାଇ ଭେଟ୍‌ଘାଟ୍ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଖ୍ୟତଃ ଶିଶୁ ସାମ୍ବାଦିକ ତାଲିମ ଶିବିର, କଳା, ସାହିତ୍ୟ, କୁଇଜ୍, ତର୍କ, ନୃତ୍ୟ, ଗୀତର ପ୍ରତିଯୋଗିତା ବିଭିନ୍ନ ଅନୁଷ୍ଠାନ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବାର ସୂଚନା ରହିଛି । ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଝାରବନ୍ଧର ସଭାପତି ମୋତିଲାଲ ବାଗ, ସମ୍ପାଦକ ସୋମନାଥ ବାଗ, କୋଷାଧ୍ୟକ୍ଷ ସୌଦାଗର ବରିହା, ମିଡ଼ିଆ ପ୍ରଭାରୀ ନାରାୟଣ ଶତନାମୀ ସାଂସଦକୁ ଭେଟିଥିଲେ । ସାଂସଦ ପ୍ରଦୀପ ପୁରୋହିତ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଝାରବନ୍ଧର ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ସେପ୍ଟେମ୍ବର ତୃତୀୟ ସପ୍ତାହରେ ନୂଆଁଖାଇ ଭେଟ୍‌ଘାଟ୍ ୨୦୨୫ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ କାର୍ଯ୍ୟକ୍ରମ ହେବାର ଆସୋସିଏସନ୍ ସଭାପତି ମୋତିଲାଲ ବାଗ ସୂଚନା ଦେଇଛନ୍ତି ।



## ମଦ ଓ ଗଞ୍ଜେଇ ଜବତ:୬ ଗିରଫ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢଉ କରାଯାଇ ଜମ୍ବୁ, ଆଳି ଗ୍ରାମର ଚିତ୍ତରଞ୍ଜନ ସେନାପତିଙ୍କ ଠାରୁ ୩.୫ କିଲୋ ଗ୍ରାମ ଗଞ୍ଜେଇ ସହ ଗୋଟିଏ ମୋଟର ସାଇକଲ, ପ୍ରଭାକରପୁର ଗ୍ରାମର ମୁଖୀ ରାଉତଙ୍କ ଠାରୁ ୫୪୦ ଲିଟର ଦେଶୀ ରନ୍ଧା ମଦ, ପୁନି ରାଉତଙ୍କ ଠାରୁ ୬୭୧ ଲିଟର ଦେଶୀ ରନ୍ଧା ମଦ, ଆଶା ରାଉତଙ୍କ ଠାରୁ ୭୨୧ ଲିଟର ଦେଶୀ ରନ୍ଧା ମଦ, ରାଇବାରୀ ରାଉତଙ୍କ ଠାରୁ ୪୨୧ ଲିଟର ଦେଶୀ ରନ୍ଧା ମଦ ଓ ଆସ୍ତିକ ମଣ୍ଡଳଙ୍କ ଠାରୁ ୩୦୭ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି । ଏମାନଙ୍କ ପାଖରୁ ସମୁଦାୟ ୨୦୪୬ ଲିଟର ଦେଶୀ ରନ୍ଧା ମଦ, ୩.୫ କିଲୋ ଗ୍ରାମ ଗଞ୍ଜେଇ ଓ ଏକ ଗୋଟି ମୋଟର ସାଇକଲ ଜବତ କରାଯାଇ ୪ ମହିଳା ସମେତ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ଏବଂ ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ ଏବଂ ପଦ୍ମଲୋଚନ ନାୟକ, ଅବକାରୀ ଉପନିରିକ୍ଷକ କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।



## ଡିଜିଟାଲ୍ ବିଜ୍ଞାନ ପୁସ୍ତକ 'ଚତୁର୍ଥ ଶିଳ୍ପ ବିପ୍ଳବ' ଉନ୍ମୋଚିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ମହାନଗରର ଜଣାଶୁଣା ଲେଖିକା ମାଧୁରୀ ଅଧିକାରୀଙ୍କ ରଚିତ ଡିଜିଟାଲ୍ ବିଜ୍ଞାନ ସଂପର୍କୀୟ ପୁସ୍ତକ 'ଚତୁର୍ଥ ଶିଳ୍ପ ବିପ୍ଳବ' ଓଡ଼ିଶା ସରକାରଙ୍କ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି । ପୁସ୍ତକ ଉନ୍ମୋଚନ ଅବସରରେ ଓଡ଼ିଆ ଭାଷାରେ ଶିଳ୍ପ ଓ ଦକ୍ଷତା ବିକାଶ ସମ୍ପର୍କିତ ଏଭଳି ପୁସ୍ତକ ପ୍ରକାଶନ ବିରଳ ବୋଲି ମନ୍ତ୍ରୀ କହିବା ସହ ଲେଖିକାଙ୍କୁ ସାଧୁବାଦ ଜଣାଇଥିଲେ । ପୁସ୍ତକଟିରେ ଆଧୁନିକ ଶିଳ୍ପାୟନ ଓ ଦକ୍ଷତା ବିକାଶର ୪୦ଟି ଭିନ୍ନ ଭିନ୍ନ ଦିଗ ସମ୍ପର୍କରେ ଉଲ୍ଲେଖ ରହିଛି । ଏହି ନିରାଡମ୍ବର ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଲେଖିକା ମାଧୁରୀ ଅଧିକାରୀଙ୍କ ସହ ଓଡ଼ିଶା ଲେଖିକା ସଂସଦର ସଭାନେତ୍ରୀ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିୟାରସିଂହ, ପୁସ୍ତକ ପ୍ରକାଶକ ଉମାଶଙ୍କର ପାଣିଗ୍ରାହୀ, ଡା. ପ୍ରମିଳା ପାଣିଗ୍ରାହୀ, ସାହିତ୍ୟିକ ସୁଶାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ ।

## ବର୍ଷା ପାଣିରେ ବେହାଲ ଜୟପୁର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ବର୍ଷା ପଣିରେ ବେହାଲ ହେଉଛି ଜୟପୁର ସହର । ବର୍ଷା ଯୋଗୁ ଜୟପୁର ସହରର ବିଭିନ୍ନ କଲୋନୀରେ ଜଳ ଲୋକଙ୍କ ଘର ବୁଡାଇ ରଖିଥିବା ବେଳେ ଅନେକ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ପାଣି ଜମିଛି । ଜୟପୁରର ଫିସରି ଅଫିସ, ଏମ୍‌ଆଇ ଅଫିସ, ଆକାଶବାଣି କେନ୍ଦ୍ର, ବିଇଓ ଅଫିସ ଭଳି ଅନେକ କାର୍ଯ୍ୟାଳୟରେ ବର୍ଷା ପାଣି ପଶିଥିବା ସୂଚନା ମିଳିଛି । ରାତି ଗୋଟାଏ ଠାରୁ ରାତ୍ର ୩ଟା ପର୍ଯ୍ୟନ୍ତ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ରାତ୍ର ୩ଟାରୁ ସକାଳ ୬ଘଣ୍ଟା ପର୍ଯ୍ୟନ୍ତ ବାଦଲଫଟା ବର୍ଷାରେ ଜୟପୁର ସହର ପାଣିରେ ବେହାଲ ହୋଇଯାଇଥିଲା । ସହରର ମୁଖ୍ୟରାସ୍ତା ଏମଜି ରୋଡ, ଏନକେଟି ରୋଡରେ ରାସ୍ତା ଉପରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିଲା । ସହରର ନାଳ ଗୁଡିକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଯାଇଥିବା ଯୋଗୁ ନାଳର ପାଣି ଗୁଡିକ ରାସ୍ତା ଉପରକୁ ଚାଲି ଆସିଥିଲା । କୁମ୍ଭାରସାହି, ଦୈନିକ ବଜାର ଅଞ୍ଚଳରେ ଚାଲିବା କଷ୍ଟକର ହୋଇପଡିଥିଲା । ଗଣେଶ ପୂଜା ଥିବା ଯୋଗୁ ଲୋକେ ପୂଜା ପାଇଁ ପ୍ରସ୍ତୁତ ଥିବାବେଳେ ରାତିରେ ବର୍ଷା ସମସ୍ତଙ୍କୁ ନାକେଦମ୍ କରିଦେଇଥିଲା । ସ୍ଥାନୀୟ ତଳିଅଞ୍ଚଳ ଅଡିଟ କଲୋନୀ, କିଆବନ୍ଧ ସାହି, ବିଜୁରାଜ ନଗର ଓ ହାଟପଦା ଅଞ୍ଚଳ ଓ ସନ୍ତୋଷୀମା ନଗରରେ ଘର ଭିତରେ ପାଣି ପଶିଯାଇଥିବା ଯୋଗୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସକାଳୁ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ବିଜୁରାଜନଗର ଅଞ୍ଚଳ ବୁଲି ଦେଖିବା ସହ ସେଠାକାର ଲୋକମାନଙ୍କୁ ପାଉଁରୁଟି ବଣ୍ଟନ କରିଥିଲେ । ସେହିପରି ଅପରାହ୍ନରେ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀ ସମସ୍ତ ଜଳମଗ୍ନ ଅଞ୍ଚଳ ବୁଲି ଦେଖି ସେଠାକାର ସମସ୍ୟା ପଚାରିବୁଝିବା ସହ ଡ୍ରେନ୍ ନଥିବା ଅଞ୍ଚଳରେ ପୌର କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରି କିଛି ପାଚେରୀ ଭାଙ୍ଗୀ ଜଳ ନିଷ୍କାସନ କରିଥିଲେ । ସେହିପରି ପୌରଉପାଧକ୍ଷ ବି. ସୁନିତା ବେଲରୋଡ, ପ୍ରସାଦରାଓ ପେଟା, ସମ୍ଭାରତୋଟା ଅଞ୍ଚଳ ଗୁଡିକ ବୁଲି ଦେଖିବା ସହ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ପାରାବେଡା ଅଞ୍ଚଳର ଶ୍ରୀରାମନଗର ଅଞ୍ଚଳ ମଧ ପାଣି ବୁଡି ରହିଥିଲା । ଜୟପୁର ପାରାବେଡାରୁ ଗଡପଦର ଯିବା ସମୟରେ ଦୁବୁଲି ବ୍ରିଜ୍ ଉପରେ ଦୁଇଫୁଟ୍ ପାଣି ପ୍ରବାହିତ ହେଉଥିବା ଯୋଗୁ ୩ ଘଣ୍ଟା ଧରି ଜୟପୁରରୁ ଦୁବୁଲି ଗଡପଦର ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ଜଣାଯାଇଛି ।

## ଆହତ ବୃଦ୍ଧାଙ୍କୁ ସେବା ଯୋଗାଇଲେ ପୌରାଧକ୍ଷା

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ରାସ୍ତାରେ ପଡ଼ି ଗୁରୁତର ଆହତ ଜଣେ ୮୬ ବର୍ଷିୟା ବୃଦ୍ଧାଙ୍କୁ ଚୌଦ୍ୱାର ପୌରାଧକ୍ଷା ଉଦ୍ଧାର କରି ଚିକିତ୍ସା ଯୋଗାଇବା ସହିତ ତାଙ୍କୁ ତାଙ୍କ ଘରେ ଛାଡ଼ିଛନ୍ତି । ପ୍ରକାଶଯେ ଚୌଦ୍ୱାର ପୌରପାଳିକା ଅଧିନ ଗୌସ ନଗର ବାସିନ୍ଦା କମନା ରାଣୀ ଗୁହା ନାମ୍ନି ଉକ୍ତ ବୃଦ୍ଧା ଜଣକ ଏକୁଟିଆ ପୁରୀ ଯାଇ ଜଗନ୍ନାଥ ଦର୍ଶନ ସାରି ନିଜ ଘରକୁ ଫେରୁଥିବା ବେଳେ ଗାନ୍ଧୀଛକ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖ ରାସ୍ତାରେ ହଠାତ୍ ପଡ଼ିଯାଇ ଆହତ ହେବା ସହିତ ଚେତାଶୂନ୍ୟ ହୋଇଯାଇଥିଲେ । ଉକ୍ତ ରାସ୍ତାରେ ଯାଉଥିବା ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ବୃଦ୍ଧା ଜଣକ ରାସ୍ତାରେ ଏକୁଟିଆ ପଡ଼ିଥିବା ଦେଖି ତାଙ୍କୁ ରାସ୍ତାରୁ ଉଠାଇ ନିକଟସ୍ଥ ମେଡ଼ିକାଲରେ ଚିକିତ୍ସା କରାଇବା ସହିତ ତାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।



## ସିଏମ୍ କିଷାନ ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଉପକୃତ ହେଲେ ୨.୫ ଲକ୍ଷ ଚାଷୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ସିଏମ୍ କିଷାନ ଯୋଜନାରେ ଉପକୃତ ହେବେ ପ୍ରାୟ ୨.୫ ଲକ୍ଷ ଚାଷୀ । ଏନେଇ ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ମଲିକଙ୍କ ଅଧକ୍ଷତାରେ ଆୟୋଜିତ ଏକ ସଭାରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ଡ଼ଃ ମନୋଜ ପଟ୍ଟନାୟକ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ଏଡିଓ ମାର୍ଶାଘାଇ ହେମନ୍ତ ସାମଲ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗାୟତ୍ରୀ ସାହୁ, ଏଓ ନିରଞ୍ଜନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଚାଷୀ ଯୋଗଦେଇଥିଲେ । ଜିଲ୍ଲାର କେନ୍ଦ୍ରାପଡା ବ୍ଲକରୁ ୧୮୭୫୫ ଜଣ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଏବଂ ଭୂମିହୀନ ୭୪୨୭, ଡେରାବିଶର ୧୮୦୬୭ ଥିବାବେଳେ ଭୂମିହୀନ ୮୩୭୦, ମାର୍ଶାଘାଇର ୧୬୭୬୪ ଜଣ ଓ ୫୯୪୯ ଜଣ ଭୂମିହୀନ, ମହାକାଳପଡାରୁ ୩୧୭୦୧ ଜଣ ଓ ଭୂମିହୀନ ୭୭୩୧ ଜଣ, ଗରଦପୁରରୁ ୧୬୫୮୯ ଜଣ, ଭୂମିହୀନ ୪୪୯୦, ପଟ୍ଟାମୁଣ୍ଡାଇର ୧୮୦୯୯ ଜଣ, ଭୂମିହୀନ ୮୬୨୯, ଆଳିର ୧୯୭୩୯ ଜଣ, ଭୂମିହୀନ ୭୦୧୬ ଜଣ, ରାଜକନିକାର ୨୦୫୪୭ ଜଣ, ଭୂମିହୀନ ୬୪୦୪, ରାଜନଗରର ୨୦୨୬୨ ଜଣ, ଭୂମିହୀନ ୮୭୪୨ ଜଣ । ଏହିଭଳି ଜିଲ୍ଲାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୧ ଲକ୍ଷ ୮୦ ହଜାର ୫୨୩ ଜଣ ଥିବାବେଳେ କୃଷକ ପରିବାରର ଭୂମିହୀନ ୬୪୭୫୮ ଜଣ ଅଛନ୍ତି । ଏହି ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ସିଏମ୍ କିଷାନ ଯୋଜନାର ଅର୍ଥ ଅନ୍‌ଲାଇନ୍ ମାଧ୍ୟମରେ ପହଞ୍ଚିଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚାର ସଭାପତି ଶ୍ରୀଧର ପ୍ରଧାନ, ସମ୍ପାଦକ ସତ୍ୟରଞ୍ଜନ ସାହୁ, ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆଁଖାଇ ନୂଆ ଫସଲ ଅମଳକରି ଦେବତାଙ୍କୁ ଅର୍ପଣ ଓ ପରିବାର ସହିତ ଖାଇବାର ପର୍ବ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଚାଲିଚଳଣି, ସଂସ୍କୃତି ଓ ପରମ୍ପରା ନିଆରା ଏବଂ ଦେଶର ଅନ୍ୟାନ ଅଞ୍ଚଳ ଠାରୁ ଭିନ୍ନ ଓ ସ୍ୱତନ୍ତ୍ର । କଥାରେ ଅଛି – ଓଡ଼ିଶାରେ ବାର ମାସରେ ତେର ପର୍ବ । ଦୁଃଖ ଓ ଯନ୍ତ୍ରଣାରେ ପରିପୂର୍ଣ୍ଣ ମଣିଷ ଜୀବନକୁ ସରସ ଓ ସୁନ୍ଦର କରିଥାଏ ବିଭିନ୍ନ ପର୍ବପର୍ବାଣି । ଓଡ଼ିଶାରେ ପାଳିତ ହେଉଥିବା ବିଭିନ୍ନ ପର୍ବ ପର୍ବାଣି ମଧ୍ୟରେ ନୂଆଖାଇ ପର୍ବ ସ୍ୱତନ୍ତ୍ର । ବିଶେଷ କରି ପଶ୍ଚିମ ଓଡ଼ିଶାରେ ଏହି ପର୍ବକୁ ଆନନ୍ଦ ଓ ଉଦ୍ଦୀପନାର ସହ ପାଳନ କରାଯାଇଥାଏ । ବିଦ୍ୟାଦାତା ପ୍ରଭୁ ଗଣନାଥ ଗଣେଶଙ୍କ ପୂଜା ପରଦିନ ଅର୍ଥାତ୍ ଭାଦ୍ରବ ମାସ ପଞ୍ଚମୀ ତିଥିରେ ନୂଆଖାଇ ପର୍ବ ପାଳନ କରାଯାଏ । ଏହିଦିନ ବର୍ଷର ପ୍ରଥମ ଅନ୍ନ ଇଷ୍ଟ ଦେବୀଙ୍କୁ ଅର୍ପଣ କରିବାର ବିଧି ରହିଛି । ଏହି ପର୍ବରେ ବସୁମତୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ପାଇଁ ବର୍ଷର ପ୍ରଥମ ଫସଲର ନୂଆ ଧାନ କେଣ୍ଡା ଓ ନୂଆ ଚୁଡାକୁ ଏକ ନୂଆ ହାଣ୍ଡିରେ ଭୋଗ କରାଯାଇ ଘରର ଇଷ୍ଟଦେବୀ ଓ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । ପୂର୍ବ କାଳରେ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଅନୁସାରେ ନୂଆଖାଇବାର ଲଗ୍ନ ଧାର୍ଯ୍ୟ କରି ଭିନ୍ନ ଭିନ୍ନ ଦିନ ନୂଆ ଖାଉଥିଲେ । ରାଜାରାଜୁଡ଼ା ଶାସନ ପରେ ମଧ ରାଜାଙ୍କ ଇଷ୍ଟଦେବୀଙ୍କ ନାମ ଅନୁସାରେ ପଣ୍ଡିତମାନେ ନବାନ୍ନ ଭକ୍ଷଣ ତିଥି ବାହାର କରୁଥିଲେ, ୧୯୯୧ ମସିହା ପର୍ଯ୍ୟନ୍ତ ନୂଆଖାଇ ପର୍ବ ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ତିଥିରେ ପାଳିତ ନହୋଇ ଭାଦ୍ରବ ଶୁକ୍ଳପକ୍ଷର ଯେକୌଣସି ଏକ ତିଥିରେ ପାଳିତ ହେଉଥିଲା । ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ସାରା ଓଡ଼ିଶାରେ ଗୋଟିଏ ଦିନରେ ନୂଆଖାଇ ପର୍ବ ପାଳନ କରାଯିବା ପାଇଁ ଘୋଷଣା କରି ସାରା ଓଡ଼ିଶା ସରକାରୀ ଛୁଟି କରିବା ପାଇଁ ମଧ ଘୋଷଣା କରିଥିଲେ । ଏହି ପଦକ୍ଷେପକୁ ପଶ୍ଚିମ ଓଡ଼ିଶାର ସବୁମହଲରେ ଚିନ୍ତାକରାଯାଇ ସର୍ବସମ୍ମତ କ୍ରମେ ଗଣେଶ ପୂଜାର ପରଦିନ ଅର୍ଥାତ୍ ଋଷି ପଞ୍ଚମୀ ଦିନଟି ସ୍ଥିର କରାଗଲା । ସେହି ବର୍ଷଠାରୁ ପ୍ରତ୍ୟେକ ବର୍ଷ ପଶ୍ଚିମାଞ୍ଚଳରେ ଗୋଟିଏ ଦିନରେ ନୂଆଖାଇ ପର୍ବ ପାଳିତ ହୋଇଆସୁଛି । ନୂଆଖାଇ ପଶ୍ଚିମ ଓଡ଼ିଶାର ଗଣପର୍ବ । ନୂଆଖାଇ ପୂର୍ବରୁ ଲୋକ ମାନଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଭାରି ରହିଥାଏ । ଧନୀ ଗରିବ ନିର୍ବିଶେଷରେ ସମସ୍ତେ ଏ ପର୍ବରେ ନିଜ ଘର ସଜାନ୍ତି । ଘରର ସ୍ତ୍ରୀ ଲୋକମାନେ ଘରଦ୍ୱାର ଲିପାପୋଛା କରି ଘରର ସମସ୍ତ ବ୍ୟବହୃତ ଜିନିଷ ସଫା କରି ସଜାଇ ରଖନ୍ତି । ମିଠା ଓ ପିଠା ତିଆରି ପାଇଁ ସମସ୍ତ ସାମଗ୍ରୀ ଯୋଗାଡ କରାଯାଏ । ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତେ ନୂଆ ନୂଆ ଜିନିଷ କିଣା ବିକାରେ ବ୍ୟସ୍ତ ରୁହନ୍ତି । ନୂଆଖାଇ ଦିନ ସମସ୍ତେ ଶୀଘ୍ର ଶଯ୍ୟା ତ୍ୟାଗ କରି ନିଜ ନିଜର ନିତ୍ୟକର୍ମ ସାରନ୍ତି । ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ପୂଜାପାଠରେ ବସନ୍ତି । ପିତୃପୁରୁଷଙ୍କୁ ପିଣ୍ଡ ଦାନ ପରେ ନୂଆ ଧାନ କେଣ୍ଡା ଓ ଚୂଡ଼ା, ପିଠାପଣା ଦେବଦେବୀଙ୍କୁ ସମର୍ପଣ କରନ୍ତି । ଧୂପ ଦୀପ ଦେଇ ପୂଜା କରନ୍ତି । ଚୂଡ଼ା, ଘିଅ, ମହୁ, କ୍ଷୀର, ଗୁଡ କଦଳୀରେ ପ୍ରସ୍ତୁତ ଭୋଗ ଦିଅଁଙ୍କ ନିକଟରେ ଲାଗି କରନ୍ତି । ନୂଆଖାଇ ଅବସରରେ ସାନମାନେ ବଡ ମାନଙ୍କୁ ନୂଆଖାଇ ଜୁହାର କରନ୍ତି । ତାପରେ ବଡମାନେ ଘରେ ପ୍ରସ୍ତୁତ ପିଠାପଣା, ଖିରିପୁରୀ, ମିଠା, ଡାଲି, ତରକାରୀ ଆଦି ପ୍ରସାଦ ରୂପେ ସେବନ କରି ଖୁସି ଅନୁଭବ କରନ୍ତି । ନୂଆ ଖାଇ ସାରି ଝିଅ ବୋହୂମାନେ ରଙ୍ଗ ବେରଙ୍ଗ ପୋଷାକ ପରିଧାନ କରି 'ନୂଆ ଖାଇ ଭେଟ ଘାଟ' ପାଇଁ ବାହାରନ୍ତି । ଘର ଘର ସାହି ସାହି ବୁଲି ଗୁରୁଜନ ମାନଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରନ୍ତି । ଗୁରୁଜନମାନେ ଆଶୀର୍ବାଦ କରନ୍ତି ଓ କହନ୍ତି 'ବଞ୍ଚିଥିଲେ ଆରବର୍ଷ ଦେଖା ହେବ' । ଏହି ପର୍ବରେ ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଗାଁ ମନ୍ଦିରକୁ ଯାଇ ସମସ୍ତେ ଦେବୀ ଦର୍ଶନ କରିବାର ପ୍ରଥା ରହିଛି । ସେମାନେ ଠାକୁରଙ୍କ ପାଖରେ ଅଧିକ ଫସଲ ଉତ୍ପାଦନ ହେଉ ଓ ସଂସାରରୁ ଖାଦ୍ୟ କଷ୍ଟ ଦୂର ହେଉ ବୋଲି ପ୍ରାର୍ଥନା କରନ୍ତି । ସଞ୍ଜ ହେଲେ ସମସ୍ତେ ଖେଳକୁଦ, ନାଚ–ଗୀତ, ଭଜନ– କୀର୍ତ୍ତନ, ନାଟ–ତାମସା ଓ ଖିଅପିଆରେ ନିଜକୁ ବ୍ୟସ୍ତ ରଖନ୍ତି । ଆଦିବାସୀ ସମ୍ପ୍ରଦାୟ ଲୋକମାନଙ୍କ ନାଚ–ଗୀତ ଓ ବାଦ୍ୟ ବେଶ ଆନନ୍ଦ ଦେଇଥାଏ । ସେମାନେ ଏହି ପର୍ବକୁ ଆଗ୍ରହ ଓ ଉତ୍ସାହ ମଧ୍ୟରେ ପାଳନ୍ତି । ନୂଆଁଖାଇ ପୂର୍ବଦିନ ପାହୁଡ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଦେବୀଙ୍କ ମନ୍ଦିରକୁ ବଜା ଗଜା ସହିତ ଘଣ୍ଟ ଶଙ୍ଖ ଦୁଲୁ ଦୁଲି ବାଜା କୀର୍ତ୍ତନ ମଣ୍ଡଳୀ ସହିତ ସାଂସ୍କୃତିକ ଶୋଭା ଯାତ୍ରାରେ ସମସ୍ତ ନୂଆଜିନିଷ ନୂଆଧାନ ଚୁଡ଼ା ଇତ୍ୟାଦି ମନ୍ଦିରକୁ ଆସିଥାଏ ଏହା ଦେବୀଙ୍କୁ ଅର୍ପଣ କରାଯାଏ । ପରଦିନ ପଞ୍ଚାମି ନୂଆ ଲଗାଇ ଭକ୍ତମାନଙ୍କୁ ଦେଲା ପରେ ତାକୁ ନେଇ ପରିବାର ସହିତ ନୂଆଁ ଖିଆର ପରମ୍ପରା ରହିଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଅଗଷ୍ଟ ୨୦୨୫ ଶୁକ୍ରବାର





# ବନ୍ୟା ପରେ ବଢୁଛି ଦୁର୍ଦ୍ଦଶା:ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ ସମସ୍ୟା

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଆଖୁଆପଦାରେ ବୈତରଣୀରେ ଜଳସ୍ତର କମିଥିଲେ ବି ତଳିଆ ଅଞ୍ଚଳରେ ଦୁର୍ଦ୍ଦଶା ଲାଗି ରହିଛି। ଭଉସାହି, ବୟାଙ୍ଗଡିହ, କୋଠାର, ପାଳସାହି, ରଇପୁର ପଞ୍ଚାୟତକୁ ଧିରେ ଧିରେ ବନ୍ୟା ପାଣି ମାଡ଼ିବାରେ ଲାଗିଛି। ଏହିସବୁ ପଞ୍ଚାୟତର ଚାଷ ଜମି ବୁଡ଼ି ଯାଇଛି। ଉପର ମୁଣ୍ଡରେ ପାଣି ଖସୁଥିବାବେଳେ ତଳ ମୁଣ୍ଡରେ ପାଣି ମାଡ଼ିବାରେ ଲାଗିଛି। ସେପଟେ ଲଘୁଚାପ ଜନିତ ବର୍ଷା ହେଉଥିବାରୁ ପୁଣି ପାଣି ଆସିବା ଆଶଙ୍କା ରହିଛି। ଏପରି ହେଲେ ପରିସ୍ଥିତି ସଂଗୀନ ହୋଇପଡ଼ିବ ବୋଲି ଆଶଙ୍କା କରାଯାଉଛି। ଆରପଟେ ହସନାବାଦ, ଅର୍ଜୁନପୁର, ପଧାନି, ସୋହଡ଼ା ଓ ନଦୀଗାଁ ପଞ୍ଚାୟତରେ ବନ୍ୟା ହ୍ରାସ ପାଇଛି। ତଥାପି ହସନାବାଦ ପଞ୍ଚାୟତର ଅନଳଡିହ ଓ ଗୋପବନ୍ଧୁନଗର, ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ଗାଁରେ ଏବେବି ଘର ଭିତରେ ପାଣି ଲହଡ଼ି ଭାଙ୍ଗୁଛି। ଅନଳଡିହର ୮୦ରୁ ଅଧିକ ପରିବାର ଜଳବନ୍ଦୀ ଭିତରେ ରହିଛନ୍ତି। ପ୍ରଭାବିତ ଅଞ୍ଚଳକୁ ମନ୍ତ୍ରୀ ଓ ରାଜନେତାଙ୍କ ଲାଇନ୍ ଲାଗିଛି। ସକାଳେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ହସନାବାଦ, ଧୁଷୁରୀ, ଅର୍ଜୁନପୁର, ପଧାନି ଓ ସୋହଡ଼ା ପଞ୍ଚାୟତର ବନ୍ୟା ପ୍ଲାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ଏହାସହ ନିଜ କର୍ମୀଙ୍କ ଦ୍ୱାରା କେତେକ ଜାଗାରେ ଶୁଖିଲା ଖାଦ୍ୟ ବାଣ୍ଟିଥିଲେ। ସ୍ଥାନୀୟ ବିଧାୟକ ତଥା ସୂର୍ଯ୍ୟବଂଶୀ ସୂରଜ ଅନଳଡିହ ଓ ଗୋପବନ୍ଧୁନଗର ଗାଁରେ ପହଞ୍ଚି ବନ୍ୟାପ୍ଲାବିତ ଘର ବୁଲି ଦେଖିଥିଲେ। ଖୁବ୍‌ଶୀଘ୍ର ସବୁଦିନିଆ ପଦକ୍ଷେପ ନିଆଯିବ ଓ ଗାଁରେ ବନ୍ୟା ନିୟନ୍ତ୍ରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି କହିଛନ୍ତି। ଏହାପରେ ସେ ଆଶ୍ରୟସ୍ଥଳୀଗୁଡ଼ିକ ବୁଲି ରନ୍ଧା ଖାଦ୍ୟ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା ମଧ୍ୟ କରିଥିଲେ। ସେପଟେ ହସନାବାଦ ବାସିନ୍ଦା ତଥା ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଧାମନଗରର ବିଜେଡି ନେତା ସଞ୍ଜୟ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଧାମନଗର ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ ଓ ଜିଲ୍ଲା ପରିଷଦ ସଦସ୍ୟମାନେ ବନ୍ୟାଞ୍ଚଳ ବୁଲିଛନ୍ତି। ଅର୍ଜୁନପୁର ପଞ୍ଚାୟତର ବାଲିପାଟଣାରେ ପଞ୍ଚାୟତ ପକ୍ଷରୁ ଦିଆଯାଉଥିବା ରନ୍ଧାଖାଦ୍ୟ ପ୍ରସ୍ତୁତି ବୁଲି ଦେଖିଥିଲେ। ଏହାସହ ବନ୍ୟା ପ୍ରଭାବିତଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ତେବେ ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଧାମନଗର ବ୍ଲକ ପକ୍ଷରୁ ୫ଟି ପଞ୍ଚାୟତର ୨୫ଟି ସ୍ଥାନରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ଦିଓଳି ଖାଇବାକୁ ଦିଆଯାଉଛି। ବିଡିଓ ବନବିହାରୀ ଦିନ୍ଦା, ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କ ଏସବୁର ଅନୁଧ୍ୟାନ କରୁଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟରେ ଆଶ୍ରୟ ନେଇଥିବା କିଛି ଲୋକ ଘରକୁ ଫେରିଥିଲେ ବି ରୋଷେଇ କରିପାରିନାହାନ୍ତି। ସେମାନେ ସମସ୍ତେ ରନ୍ଧା ଖାଦ୍ୟ ଉପରେ ନିର୍ଭର କରିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ବିସ୍କୁଟ, ଚୁଡ଼ା, ଚିନି ଓ ଦିଆସିଲି ଯୋଗାଇ ଦିଆଯାଇଛି। ହେଲେ କୁଅ, ନଳକୂଅ ବୁଡ଼ି ଯାଇଥିବାରୁ ପିଇବା ପାଣି ପାଇଁ ଲୋକେ କର୍କଚ୍ଛନ ହେଉଛନ୍ତି। ବନ୍ଧ କଡ଼ରେ ଥିବା ନଳକୂପ ଉପରେ ଲୋକେ ଭରସା କରୁଛନ୍ତି। ଧୁଷୁରୀ-ହସନାବାଦ ରାସ୍ତା ବୁଡ଼ିଥିବାରୁ ଟ୍ୟାଙ୍କର ପାଣି ମଧ୍ୟ ପହଞ୍ଚି ପାରୁନି। ଫଳରେ ଅନଳଡିହ, ଗୋପବନ୍ଧୁନଗର, ପଙ୍ଗଟା, ଅସ୍ତକ ଓ ଅର୍ଜୁନପୁରର ଲୋକେ ହନ୍ତସନ୍ତ ହେଉଛନ୍ତି। ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର, ଉତ୍ତେଇପୁରର ମଲ୍ଲିମାହାରା, ଖଡ଼ିପଦାର ଗାଇଛନ୍ଦା, ମଠମାହାରା ଓ କନକେଇ ଏସକେପରୁ ପାଣି ଖସିଛି। ହେଲେ ମାଡ଼ିଥିବା ପାଣି ଏବେ ବି ଚାଷ ଜମିରେ ମାଡୁଛି। ବନ୍ୟା ଯୋଗୁ ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, ପଧାନି, କରଦା, ଅର୍ଜୁନପୁର, ଦଳାଙ୍ଗ, ବୟାଙ୍ଗଡିହ, କୋଠାର, ରଇପୁର ଓ ରାଧାବଲ୍ଲଭପୁର ପଞ୍ଚାୟତର ହଜାର ହଜାର ହେକ୍ଟର ଜମି ବୁଡ଼ି ରହିଥିବାରୁ ଧାନ ଚାଷ ନଷ୍ଟ ହେବା ଆଶଙ୍କା ରହିଛି। ଏଇ କିଛି ଦିନ ତଳେ ଏହିସବୁ ଅଞ୍ଚଳରେ ରୁଆପୋତା ହୋଇଥିଲା। ହେଲେ ବନ୍ୟା ଜଳ ମାଡ଼ିବାରୁ କେଉଁଠି ବିଲରୁ ଧାନ ଗଛ ଧୋଇ ଯାଇଛି। ଆଉ କେତେକ ଜମିରେ ବହଳିଆ ପଟୁ ପଡ଼ିଯିବା ଆଶଙ୍କା ରହିଛି। ସେହିପରି ବନ୍ୟା ଅଞ୍ଚଳରେ ଗୃହପାଳିତ ପଶୁଙ୍କୁ ଏଯାଏ ଖାଦ୍ୟ ମିଳିନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବନ୍ୟା ଭିତରେ ରାଜନୈତିକ ମାହୋଲ ମଧ୍ୟ ସରଗରମ ହୋଇଛି। ଶାସକ ବିଜେପିର ସମସ୍ତ କର୍ମକର୍ତ୍ତା ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଲାଗିଥିବାବେଳେ ବିଜେଡି ମଧ୍ୟ ପଛରେ ପଡ଼ିନାହିଁ। ବିଭିନ୍ନ ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଥିବାରୁ ସେମାନେ ମଧ୍ୟ ନିଜ ଆଡୁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ବାଣ୍ଟୁଥିବା ଦେଖାଯାଇଛି।





# ରକ୍ଷଣାବେକ୍ଷଣ ଅଭାବ:ଆର୍‌ଟିଓ କଲୋନୀ ଗୃହଗୁଡ଼ିକ ସରୀସୃପଙ୍କ ବାସସ୍ଥାନ ପାଲଟିଛି

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ସଦର ମହକୁମାରେ ଥିବା ଆର୍‌ଟିଓ କଲୋନୀର ଗୃହ ଗୁଡିକ ମରାମତି ଓ ରକ୍ଷଣା ବେକ୍ଷଣ ଅଭାବରୁ କଲୋନୀର ଗୃହ ଗୁଡିକ ଭାଙ୍ଗିରୁଜି ସରୀସୃପ ମାନଙ୍କର ବାସସ୍ଥାନ ପାଲଟିଥିବାର ଜଣାପଡିଛି। ଅନୁସନ୍ଧାନରୁ ଜଣାପଡିଛି ଯେ, ଏକଦା ଦିନେ ଚଳଚଞ୍ଚଳ କୋଳାହଳ ହେଉଥିବା ଆର୍‌ଟିଓ କଲୋନୀ ଆଜିର ଦିନରେ ଶୂନ୍‌ଶାନ୍ ହୋଇପଡିଛି। କଲୋନୀରେ ଥିବା ସରକାରୀ କ୍ୱାର୍ଟର ଗୁଡିକର ଠିକ୍‌ଭାବେ ରକ୍ଷଣା ବେକ୍ଷଣ କରାନଯିବା ସାଙ୍ଗକୁ ମରାମତି ଉପରେ ଦୃଷ୍ଟି ନଦେବା କାରଣରୁ କ୍ୱାର୍ଟର ଗୁଡିକ ଧୀରେ ଧୀରେ ବ୍ୟବହାର ଅନୁପଯୋଗୀ ହୋଇ ପଡିରହି ସରୀସୃପ ମାନଙ୍କର ବାସସ୍ଥାନ ପାଲଟିଛି। ସେହିଭଳି କ୍ୱାର୍ଟରକୁ ଯିବା ରାସ୍ତା ଓ କଲୋନୀର ପରିବେଶ ମଧ୍ୟ ଜଙ୍ଗଲମୟ ହୋଇପଡିଛି। କର୍ମଚାରୀମାନେ କ୍ୱାର୍ଟର ଅଭାବରୁ ଅନ୍ୟତ୍ର ମାସିକ ହଜାର ହଜାର ଟଙ୍କା ଭଡା ଦେଇ ରହୁଥିବାବେଳେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ କ୍ୱାର୍ଟର ଗୁଡିର ନବୀକରଣ ଉପରେ ସାମନ୍ୟତମ ଉଦ୍ୟମ ମଧ୍ୟ କରାଯାଉନଥିବାର ଅଭିଯୋଗ ହୋଇଛି। ବେସରକାରୀ ଘର ଭଡା ବହୁ ଅଧିକ ଥିବାରୁ କେତେକ କର୍ମଚାରୀ ବିନା କାଗଜ ପତ୍ରରେ କେବଳ ମୌଖିକ ଅନୁମତି ନେଇ ଏହି ବିପଦସଂକୁଳ ଗୃହରେ ରହୁଥିବାର ଦେଖାଯାଇଛି। ଯାହାକି ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି।

# ବନ୍ୟା ପାଣିରେ ଭାସିଯାଇ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ସଙ୍ଖୁଆ କେନାଲ ବନ୍ୟା ପାଣିରେ ଭାସିଗଲେ ଜଣେ କଲେଜ ଛାତ୍ର। ମଙ୍ଗଳବାର ଶୌଚ ହେବା ପାଇଁ ଯାଇଥିବା ବେଳେ ଗୋଡ ଖସିଯିବାରୁ ପାଣିରେ ବାସିଯାଇଥିଲେ। ଓଡ୍ରାଫ ଟିମ୍ ଖୋଜାଖୋଜି କରିବା ପରେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଛାତ୍ର ଜଣକ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ମଲ୍ଲିକାପୁର ପଞ୍ଚାୟତ ୮ ନମ୍ବର ୱାର୍ଡର ମନ୍ମଥ ରଣାଙ୍କ ପୁଅ ମଦନ ରଣା ବୋଲି ଜଣାପଡିଛି। ମଦନ ମଲ୍ଲିକାପୁର-ବଉଳାଙ୍ଗ ରାସ୍ତା ସଙ୍ଖୁଆ ପୋଲ ପାର୍ଶ୍ୱରେ ଶୌଚ ହେଉଥିବା ସମୟରେ ଗୋଡ଼ ଖସିଯିବାରୁ ସେ ବନ୍ୟା ପାଣିରେ ଭାସି ଯାଇଥିଲେ। ଏହାକୁ ଦେଖି କିଛି ସ୍ଥାନୀୟ ଯୁବକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇନଥିଲେ। ପରେ ଦଶରଥପୁର ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିବା ପରେ ମଧ୍ୟ ନିଖୋଜ ମଦନଙ୍କୁ ଠାବ କରିପାରିନଥିଲେ। ବେଶି ରାତି ହୋଇଯିବାରୁ ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ଖୋଜାଖୋଜି ନକରି ନଦୀରୁ ଫେରି ଆସିଥିଲେ। ସେପଟେ ନଦୀରେ ମଦନର ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ଓଡ୍ରାଫ୍ ଟିମ୍‌କୁ ଖବର ଦେଇଥିଲେ। ଓଡ୍ରାଫ୍ ଟିମ୍ ଆସି ମଦନର ମୃତଦେହକୁ ଉଦ୍ଧାର କରିଛନ୍ତି। ଏଥିସହିତ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତ ମଦନଙ୍କ ପରିବାର ଏକ ଦୁଃଖୀ ପରିବାର। ମଦନଙ୍କ ବାପା ମନ୍ମଥ ରଣା ଗତ ୧୫ ବର୍ଷ ହେବ ମୃତ୍ୟୁବରଣ କରିଛନ୍ତି। ପରିବାର ଦୁଃଖ ଦେଖିନପାରି ମୃତ ମଦନଙ୍କ ଭାଇ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିବାବେଳେ ମଦନ ଗାଁ ଗଣ୍ଡାରେ ଯେଉଁ ଫୁଲ ବିକେ ନିଜେ ପଢେ ଆଉ ମାଆକୁ ପୋଷେ। ଏଭଳି ଅବସ୍ଥାରେ ମଦନଙ୍କ ମୃତ୍ୟୁକୁ ନେଇ ପୁରା ପରିବାର ଚିନ୍ତାରେ। ସେପଟେ ଏହି ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗଣେଶ ପୂଜା ଥିବା ବେଳେ ମଦନଙ୍କ ମୃତକୁ ନେଇ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

# ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥର ରେକର୍ଡ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥ (ଇକୋର) ଚଳିତ ଆର୍ଥିକ ବର୍ଷର ମାତ୍ର ୧୪୮ ଦିନ ମଧ୍ୟରେ ୧୦୦ ନିୟୁତ ଟନ୍ ପଣ୍ୟ ଅପସାରଣର ମାଇଲଖୁଣ୍ଟ ଅତିକ୍ରମ କରି, ପଣ୍ୟ ପରିବହନରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଚଳିତ ଆର୍ଥିକ ବର୍ଷର ୨୬ ଅଗଷ୍ଟ ୨୦୨୫ ସୁଦ୍ଧା, ପୂର୍ବତଟ ରେଳପଥ ସଫଳତାର ସହିତ ୧୦୦.୫୫ ନିୟୁତ ଟନ ପଣ୍ୟ ଅପସାରଣ କରିଛି, ଯାହା ଗତବର୍ଷର ସମାନ ସମୟ ତୁଳନାରେ ୮% ପ୍ରଭାବଶାଳୀ ଅଭିବୃଦ୍ଧି ପଞ୍ଜିକୃତ କରି ୭.୪୩ ନିୟୁତ ଟନ୍ ଅଧିକ ପଣ୍ୟ ଅପସାରଣ କରିପାରିଛି। ରେଳ ମଣ୍ଡଳ ଗୁଡ଼ିକ ଦ୍ୱାରା ଯୋଗଦାନ: ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ: ୫୮.୧ ନିୟୁତ ଟନ୍, ୱାଲଟିୟର ରେଳ ମଣ୍ଡଳ: ୨୫.୪୬ ନିୟୁତ ଟନ୍, ସମ୍ବଲପୁର ରେଳ ମଣ୍ଡଳ: ୧୭ ନିୟୁତ ଟନ୍। ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଥିବା ପ୍ରମୁଖ ଶିଳ୍ପ ଏବଂ ବନ୍ଦରଗୁଡିକର ଲଜିଷ୍ଟିକ୍ ଆବଶ୍ୟକତାକୁ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ରେଳପଥ ପାରାଦୀପ, ବିଶାଖାପାଟଣା (ଭାଇଜାଗ୍), ଗଙ୍ଗାଭରମ, ଗୋପାଳପୁର ଏବଂ ଧାମରା ଭଳି ପ୍ରମୁଖ ବନ୍ଦରଗୁଡ଼ିକୁ ସେବା ପ୍ରଦାନ କରିଥାଏ ଏବଂ ଇସ୍ପାତ, ଶକ୍ତି, ଆଲୁମିନିୟମ୍, ସାର, ସିମେଣ୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡିକର ପରିବହନ ଚାହିଦା ପୂରଣ କରିଥାଏ। ପୂର୍ବତଟ ରେଳପଥ ଦ୍ୱାରା ପରିବହନ ହେଉଥିବା ପ୍ରମୁଖ ଦ୍ରବ୍ୟଗୁଡ଼ିକ ହେଉଛି କୋଇଲା, ଲୁହାପଥର, ଆଲୁମିନିୟମ୍, ମାଙ୍ଗାନିଜ୍ ଏବଂ ବକ୍ସାଇଟ୍। ଏହି ମାଇଲ୍‌ଖୁଣ୍ଟ କେବଳ ପୂର୍ବତଟ ରେଳପଥର କାର୍ଯ୍ୟକ୍ଷମ ଦକ୍ଷତାକୁ ନୁହେଁ, ଭାରତର ଶିଳ୍ପ ଚାହିଦା ପୂରଣ ପାଇଁ ଏହାର ବର୍ଦ୍ଧିତ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରେ। ଉଲ୍ଲେଖନୀୟ ଯେ, ଏହି ସଫଳତା ଆର୍ଥିକ ବର୍ଷ ୨୦୨୪-୨୫ (୧୬୦ ଦିନ) ତୁଳନାରେ ୧୨ ଦିନ ପୂର୍ବରୁ ଏବଂ ଆର୍ଥିକ ବର୍ଷ ୨୦୨୩-୨୪ (୧୭୧ ଦିନ) ତୁଳନାରେ ୨୩ ଦିନ ପୂର୍ବରୁ ହାସଲ କରାଯାଇଛି। ପଣ୍ୟ ପରିବହନ ଏବଂ ବନ୍ଦର ସଂଯୋଗୀକରଣରେ ନିରନ୍ତର ଉନ୍ନତି ମାଧ୍ୟମରେ, ପୂର୍ବତଟ ରେଳପଥ ବିଭିନ୍ନ ଶିଳ୍ପରେ ଅତ୍ୟାବଶ୍ୟକ ସାମଗ୍ରୀର ଦ୍ରୁତ ଏବଂ ସୁଗମ ପରିବହନ ସୁନିଶ୍ଚିତ କରି ଭାରତର ଆର୍ଥିକ ଅଭିବୃଦ୍ଧିର ଦୃଢ଼ ଭିତ୍ତିସ୍ତମ୍ଭ ହୋଇ ରହିଛି।



# ସାମଗ୍ରୀର ଗୁଣବତ୍ତା ଓ ପରିମାଣ ଯାଞ୍ଚ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ସମ୍ପୃକ୍ତ ଅଞ୍ଚଳର ତହସିଲଦାର, ସିଡିପିଓ ଏବଂ ସୁପରଭାଇଜ ମିଳିତ ଭାବେ ଜିଲ୍ଲାର ୧୨ ଗୋଟି ଟେକ୍ ହୋମ୍ ରାସନ୍ ଉତ୍ପାଦକ ୟୁନିଟ୍‌ର ନିରୀକ୍ଷଣ କରିଛନ୍ତି। ଉତ୍ପାଦକ ୟୁନିଟ୍‌ର ପ୍ରସ୍ତୁତି ପର୍ଯ୍ୟାୟ, ସାମଗ୍ରୀର ଗୁଣବତ୍ତା ଓ ପରିମାଣ ସମ୍ପୂର୍ଣ୍ଣ ଭାବେ ଯାଞ୍ଚ କରାଯାଇଛି। ଏହା ସହିତ ଉତ୍ପାଦକ ୟୁନିଟ୍‌ର ଦସ୍ତାବିଜ୍ ମଧ୍ୟ ଯାଞ୍ଚ କରାଯାଇଥିଲା। ନିରୀକ୍ଷଣ ଟିମ୍ ଉତ୍ପାଦକ ୟୁନିଟ୍‌ର ଉଚ୍ଚ ମାନଦଣ୍ଡ ସହ ନିୟମାବଳୀ ପାଳନ ଉପରେ ସନ୍ତୁଷ୍ଟ ବ୍ୟକ୍ତ କରିଛନ୍ତି। ସମସ୍ତ ଉତ୍ପାଦକ ୟୁନିଟ୍ ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁସରଣ କରି ଗୁଣବତ୍ତା ରକ୍ଷାଉପରେ ଗୁରୁତ୍ୱ ଦେଉଥିବା ନିରୀକ୍ଷଣ ଟିମ୍ ସ୍ୱୀକୃତି ଦେବା ସହିତ ସକରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି।

# ମରଣାନ୍ତକ ଆକ୍ରମଣ ମାମଲାରେ ଆଉ ଜଣେ ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ଟାଉନ୍ ଥାନା ପୋଲିସ ଦୈନିକ ବଜାରରେ ମଦ୍ୟପାନ କରିବା ସହ ଗଣ୍ଡଗୋଳ ଏବଂ ମରଣାନ୍ତକ ଆକ୍ରମଣ ମାମଲାରେ ଅନ୍ୟ ଏକ ଅଭିଯୁକ୍ତ ଧରିବାରେ ସଫଳ ହୋଇଛି। ଗୋପବନ୍ଧୁ ନଗରର ଜଣେ ଅପରାଧୀକୁ ଧରିବାରେ ସଫଳ ହୋଇଥିବା ବେଳେ ସେହି ଗୋପବନ୍ଧୁନଗର ଅଞ୍ଚଳର ବାଦଲ ନାଗକୁ ଧରି କୋର୍ଟ ଚାଲାଣ କରିଛି ଟାଉନ୍ ପୋଲିସ ପୋଲିସ। ସୂଚନା ଅନୁଯାୟୀ, ଜୟପୁର ଦୈନିକ ବଜାରରେ ପୂର୍ବ ଶତୃତାକୁ ନେଇ ଓଡ଼ିଆ ମେଦ୍ରୀ ସାହିର ହେମନ୍ତ ପରଜାଙ୍କୁ ଗୋପବନ୍ଧୁ ନଗରର ଦୁଇ ଅଭିଯୁକ୍ତ ଏକ କ୍ରିକେଟ୍ ବ୍ୟାଟ୍ ସହାୟତାରେ ଆକ୍ରମଣ କରିବା ଯୋଗୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପ୍ରଚୁର ରକ୍ତସ୍ରାବ ଯୋଗୁ ଅଭିଯୋଗକାରୀ ଗୁରୁତର ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଏଥିନେଇ ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତି କରାଯାଇ ପୋଲିସ ମରଣାନ୍ତକ ଆକ୍ରମଣ ମାମଲାରେ ଏକ ମାମଲା ୩୦୪/୨୫ ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

# ରାସ୍ତା ଶୋଚନୀୟ ପ୍ରତିବାଦରେ ମହିଳାଙ୍କ ଧାରଣା




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ ଅନ୍ତର୍ଗତ ନହଙ୍ଗ ପଞ୍ଚାୟତର ହରିଜନ ବସ୍ତି ରାସ୍ତା ଶୋଚନୀୟ ହୋଇପଡିଥିବା ନେଇ ଶତାଧିକ ମହିଳା ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ହରିଜନ ବସ୍ତିର ୧୩ନଂ ୱାର୍ଡ ରାସ୍ତା ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ଖାଲଖମା ଓ କାଦୁଆରେ ଭର୍ତ୍ତି ହେବା ସହ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଛି। ଯାହାଫଳରେ ଉକ୍ତ ବସ୍ତିକୁ ଜରୁରୀ କାଳୀନ ସେବା, ଆମ୍ବୁଲାନ୍ସ, ଦମକଳ, ସ୍କୁଲ ଗାଡ଼ି ଆଦୌ ଯାତାୟାତ କରିପାରୁନାହିଁ। ରାସ୍ତାରେ ସ୍କୁଲ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ ଓ ମହିଳାମାନେ ଯାତାୟାତ କରିପାରୁନାହାଁନ୍ତି। ଏଥିସହିତ ରୋଗୀକୁ ମେଡିକାଲ୍ ନେଇ ଯିବା ଆସିବା ମଧ୍ୟ କଷ୍ଟସାଧ୍ୟ ହୋଇପଡିଛି। ତୁରନ୍ତ ଏହି ରାସ୍ତା ନିର୍ମାଣ କରିବା ପାଇଁ ସରପଞ୍ଚ ବିଳାସିନୀ ସେଠୀ, ଶିବ ପ୍ରସାଦ ମଳିକ, ରଜନୀକାନ୍ତ ମଳିକ, ମମତା ଦାସ, ମୁଲା ଦାସ, ନିଗମାନନ୍ଦ ଦାସ, ଅଭୟ ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି।

# ସାଉଣ୍ଡ୍ ଲିମିଟ୍‌ର ମେସିନ୍ ଯାଞ୍ଚ ହେଉନି:ବ୍ୟାଣ୍ଡ୍ ଓ ଡିଜେ ଉପରେ କଟକଣା

**କଟକ, ନ୍ୟୁଜ୍ ବ୍ୟୁରୋ**

ଗଣେଶ ପୂଜାରୁ ପାର୍ବଣ ଋତୁର ଆରମ୍ଭ ହେଉଛି। ପଛକୁ ପଛ ଅନେକ ପୂଜା, ପର୍ବପର୍ବାଣୀ ଅଛି। ଏସବୁ ପୂଜା ମହୋତ୍ସବ, ଭସାଣି ଶୋଭାଯାତ୍ରାରେ ଶବ୍ଦ କଟକଣା କଡ଼ାକଡ଼ି ଭାବେ ଲାଗୁ କରାଯିବ ବୋଲି ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି। କିନ୍ତୁ ଶବ୍ଦ କଟକଣା କିଭଳି ଲାଗୁ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ବ୍ୟାଣ୍ଡ୍ ପାର୍ଟି ଓ ଡିଜେ ସାଉଣ୍ଡ୍ ଅପରେଟରଙ୍କ ପାଖରେ ସାଉଣ୍ଡ୍ ଲିମିଟ୍‌ର ମେସିନ୍ ଅଛି କି ନାହିଁ ତାହା ଯାଞ୍ଚ ହେଉନାହିଁ। ସମସ୍ତ ସଂସ୍ଥା ସାଉଣ୍ଡ୍ ଲିମିଟ୍‌ର ମେସିନ୍ ଲଗାଇବେ ବୋଲି ୨୦୧୧ ମସିହାରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ କିଛି ସଂସ୍ଥା ଏହି ମେସିନ୍ କିଣିଥିଲେ। ୨୦୧୨ ମସିହା ପରଠାରୁ ଅର୍ଥାତ୍ ଦୀର୍ଘ ୧୩ ବର୍ଷ ହେବ ଏନେଇ ପୋଲିସ ପକ୍ଷରୁ ଖୋଲତାଡ଼ ହୋଇନାହିଁ। ତେଣୁ ବ୍ୟାଣ୍ଡ୍ ଓ ଡିଜେ ସଂସ୍ଥା ପାଖରେ ସାଉଣ୍ଡ ଲିମିଟ୍‌ର ମେସିନ୍ ଅଛି କା, ସେମାନେ ତାହା ବ୍ୟବହାର କରୁଛନ୍ତି କି ନାହିଁ ପୋଲିସ ପାଖରେ ସେ ନେଇ କୌଣସି ସୂଚନା ନାହିଁ। ଭସାଣି, ବିବାହ ଶୋଭାଯାତ୍ରାରେ ଶବ୍ଦ ପ୍ରଦୂଷଣ ନେଇ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି ହେବାରୁ ୨୦୧୧ ମସିହାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସାଉଣ୍ଡ୍ ଲିମିଟର ମେସିନ୍ ଲଗାଇବା ବାଧ୍ୟତାମୂଳକ। ମେସିନ୍‌ର ସିରିଏଲ୍ ନମ୍ବର ସାଉଣ୍ଡ୍ ସଂସ୍ଥାର ବୁକିଂ ରସିଦ୍‌ରେ ଉଲ୍ଲେଖ ରହିବ। ସର୍ବାଧିକ ୬୫ ଡେସିବଲ୍‌ରେ ସାଉଣ୍ଡ୍ ବାଜିପାରିବ। ପୋଲିସ ଶୋଭାଯାତ୍ରା ଲାଇସେନ୍ସ ଦେବାବେଳେ ଏହି ନିୟମ କଡ଼ାକଡ଼ି କଲା। ୨୦୧୨ ବିବାହ ଋତୁରେ ପୋଲିସ ସାଉଣ୍ଡ ଲିମିଟ୍‌ର ଯାଞ୍ଚ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା। ମାତ୍ର ଏହି ଘଟଣା ପରଠୁ ପୋଲିସ କିନ୍ତୁ ସାଉଣ୍ଡ୍ ଲିମିଟର ମେସିନ୍‌ର ବାସ୍ତବ ସ୍ଥିତି ଯାଞ୍ଚ କରିନି। ସେହି ପୁରୁଣା ୬୦/୬୫ଟି ସଂସ୍ଥା ଆଣିଥିବା ଲିମିଟର ମେସିନ୍‌ର ସିରିଏଲ୍ ନମ୍ବର ବହୁ ବ୍ୟାଣ୍ଡ୍ ଓ ଡିଜେ ସଂସ୍ଥାର ରସିଦ୍ ବହିରେ ଛପା ହୋଇଛି। ଏପରିକି ଗୋଟିଏ ସଂସ୍ଥା ଗୋଟିଏ ମେସିନ୍ ଆଣି ତାର ୩ରୁ ୪ଟି ୟୁନିଟ୍‌କୁ ସେହିଥିରେ ଚଳାଉଛନ୍ତି। ପୋଲିସ୍ କିନ୍ତୁ ଏହାକୁ ଯାଞ୍ଚ କରୁନି। ରସିଦ୍‌ରେ ସିରିଏଲ୍ ନମ୍ବର ଦେଖି ଲାଇସେନ୍ସ ଦେଇଦେଉଛି। ଅନ୍ୟପକ୍ଷରେ କଟକ ସହର ବାହାର ଅର୍ଥାତ୍ ଅନ୍ୟ ଜିଲ୍ଲାରୁ ଆସୁଥିବା ସଂସ୍ଥା ପାଖରେ ବିଲ୍‌କୁଲ୍ ଲିମିଟର ମେସିନ୍ ନାହିଁ। କଟକରେ ଏଭଳି ଯାଞ୍ଚ ହେଉଥିବା ଜାଣି ମନଇଚ୍ଛା ଏକ ସିରିଏଲ୍ ନମ୍ବର ରସିଦ୍‌ରେ ଛାପିଦେଇ ଲାଇସେନ୍ସ ନେଉଛନ୍ତି। ଗଲା ୧୩ ବର୍ଷ ଭିତରେ ୫ ଗୁଣା ବ୍ୟାଣ୍ଡ୍ ଓ ଡିଜେ ସାଉଣ୍ଡ୍ ସଂସ୍ଥା ବଢ଼ିଛି। ହେଲେ ସେମାନେ ନୂଆ ସାଉଣ୍ଡ୍ ଲିମିଟ୍‌ର ମେସିନ୍ କିଣିଛନ୍ତି କି ନାହିଁ ତାହା ପୋଲିସ ଦେଖୁନି। କେବଳ ସେତିକି ନୁହେଁ, ଶୋଭାଯାତ୍ରାରେ ବାଜୁଥିବା ସାଉଣ୍ଡ୍‌ର ମାତ୍ରା କେତେ ଅଛି ତାହା ଜାଣିବା ପାଇଁ ପୋଲିସ ପାଖରେ ବି ମେସିନ୍ ନାହିଁ। ଯେଉଁ ଗୋଟିଏ କି ଦୁଇଟି ମେସିନ୍ ଅଛି ତାହା କାମ କରୁଛି କି ନାହିଁ ତାହା ଅସ୍ପଷ୍ଟ। ଗଣେଶ ପୂଜା ବେଳେ ଗୋଟିଏ ଦିନରେ ୩ ଶହରୁ ଅଧିକ କମିଟି ମେଢ଼ ବିସର୍ଜନ କରିବେ। ତେଣୁ ଏଭଳି ସ୍ଥିତିରେ ସାଉଣ୍ଡ୍ ଉପରେ କଟକଣା କିଭଳି ରହିବ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି।



# ବାଲେଶ୍ୱର ଜିଲ୍ଲାର ୩,୫୫,୮୮୫ ହିତାଧିକାରୀ ପାଇଲେ କିଷାନ୍ କିସ୍ତି

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାରେ ଜିଲ୍ଲାସ୍ତରୀୟ ସିଏମ୍ କିଷାନ ଦିବସ ୨୦୨୫ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଂସଦ, ବାଲେଶ୍ୱର, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସଦର ମାନସ କୁମାର ଦତ୍ତ, ସରକାରୀ ଦଳର ଉପ-ମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା, ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ନାରାୟଣ ପ୍ରଧାନ ଏବଂ ଜିଲ୍ଲାପାଳ, ବାଲେଶ୍ୱର ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ଥିଲେ। ଏହା ସହିତ ୧୨ଟି ବ୍ଲକରୁ ୨୫୦ ଜଣ କୃଷକ, ବିଭିନ୍ନ ବିଭାଗୀୟ ଅଧିକାରୀ, ବାଲିଆପାଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ, ସମସ୍ତ ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ଗ୍ରାମ କୃଷି କର୍ମୀ, ସଦର, ରେମୁଣା ଓ ବସ୍ତାର କୃଷି ଅଧିଦର୍ଶକ ଏବଂ ସମସ୍ତ ବ୍ଲକର ଆତ୍ମା କର୍ମଚାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ ତାଙ୍କର ଉଦ୍‌ବୋଧନୀ ଭାଷଣରେ ସରକାରଙ୍କ ଆଭିମୁଖ୍ୟ ଯଥା ଦୁଇଟି ଋତୁରେ ଚାଷୀମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ମୋଟ ୪୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରତ୍ୟକ୍ଷ ହିତାଧିକାରୀ ସ୍ଥାନାନ୍ତର ମାଧ୍ୟମରେ ପ୍ରଦାନ କରାଯିବା ଓ ଏହା ବ୍ୟତୀତ, ସିଏମ୍ କିଷାନ ଯୋଜନାର ହିତାଧିକାରୀଙ୍କ ମେଧାବୀ ଛାତ୍ରଛାତ୍ରୀ ପାଇଁ କୃଷି ବିଦ୍ୟାନିଧି ଯୋଜନା ଅଧୀନରେ ବୈଷୟିକ ଶିକ୍ଷା ନିମନ୍ତେ, ବୃତ୍ତି ପ୍ରଦାନ କରାଯାଉଥିବା ବୋଲି କହିଥିଲେ। ବାଲେଶ୍ୱର ଜିଲ୍ଲାର ୩ ଲକ୍ଷ ୫୫ ହଜାର ୮୮୫ ଜଣ ଭୂମିହୀନ ଏବଂ କ୍ଷୁଦ୍ର ଓ ନାମମାତ୍ର କୃଷକମାନଙ୍କୁ ଡିବିଟି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଏମ୍ କିଷାନ କିସ୍ତି ପ୍ରଦାନ କରାଯାଇଥିଲା। ସେହିପରି ୨୦୨୪-୨୫ ବର୍ଷରେ ବାଲେଶ୍ୱରର ୧ ହଜାର ୫୩୭ ଜଣ ଛାତ୍ରଛାତ୍ରୀ କୃଷି ବିଦ୍ୟାନିଧି ଯୋଜନା ଅଧୀନରେ ୬ କୋଟି ୫୫ ଲକ୍ଷ ଟଙ୍କାର ବୃତ୍ତି ପାଇଛନ୍ତି। ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ କରିଥିଲେ। ପରିଶେଷରେ ଏଡିଓ ସରୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱର ଓୟୁଏଟି କୃଷି ବିଦ୍ୟା ସଦନରୁ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ କରାଯାଇଥିଲା।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶା ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୯।୮।୨୦୨୫, ଭାଦ୍ରବ ଦି୧୩ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୩୦।୩୨** **ଚନ୍ଦ୍ରୋଦୟ- ଦିଘ ୧୦।୨୫।୦୩**

**ଷଷ୍ଠୀ-** ରାଘ ୮।୨୨ ପର୍ଯ୍ୟନ୍ତ। **ସ୍ୱାତୀ ନକ୍ଷତ୍ର-** ଦିଘ ୧୧।୩୯ ପର୍ଯ୍ୟନ୍ତ। **ତୁଳା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ ରାଘ ୮।୨୨ ପରେ ତାଳ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୩୪ ଗତେ ଘ ୬।୨୪ ମଧ୍ୟେ। ଦିଘ ୧୨।୧୩ ଗତେ ଘ ୨।୪୧ ମଧ୍ୟେ। **ପର୍ବୋତ୍ସବ-** ଷଠୀ ଓଷା, ସୋମନାଥ ବ୍ରତ ଆରମ୍ଭ।



**ମେଷ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିର୍ଣ୍ଣୟ କରିବେ। ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟର ପରିମାଣ ବଢ଼ିବାର ସୂଚନା।



**ବୃଷ:** ଶତ୍ରୁ ହାନୀ ଘଟିପାରେ। ମାନସିକ ଶାନ୍ତି ଫେରିଆସିବ। ବ୍ୟବସାୟରେ ସଫଳତା ଦେଖାଦେବ। ରୋଜଗାରର ପରିମାଣ ବଢ଼ିବ। ପରିବାରରେ ଖୁସି ଫେରି ଆସିବ। ଯଶସ୍ୱୀ ହେବେ। ଦେହ ଭଲ ରହିବ।



**ମିଥୁନ:** ଆଲୋଚନା ଓ ପ୍ରତ୍ୟାଲୋଚନା ମାଧ୍ୟମରେ ସମସ୍ତ ପ୍ରକାରର ସମସ୍ୟା ସମାଧାନ ହେବ। ପାରିବାରିକ ଶାନ୍ତି ନଷ୍ଟ ହେବ। ବନ୍ଧୁଙ୍କ ସହ ଭେଟ ହେବ। ରୋଜଗାର ଭଲ ହେବ। ଗୃହେ ଆନନ୍ଦ ଦେଖାଦେବ।



**କର୍କଟ:** ଆଜି ଆପଣଙ୍କର ଦ୍ରବ୍ୟ ନଷ୍ଟ ଯୋଗ ରହିଛି। ଆର୍ଥିକ ସ୍ଥିତି ମାନ୍ଦା ହେବ। ପାରିବାରିକ ଶାନ୍ତି ନଷ୍ଟ ହେବ। ବ୍ୟବସାୟରେ କ୍ଷତି ଦେଖାଦେବ। ଠକମାନଙ୍କ ଠାରୁ ଦୂରେଇ ଯାଆନ୍ତୁ। ମନ ଅସ୍ଥିର ରହିବ।



**ସିଂହ:** କର୍ମକ୍ଷେତ୍ରରେ ଆଶାବାଦୀ ହୋଇ କାର୍ଯ୍ୟ କଲେ ସଫଳତା ପ୍ରାପ୍ତ ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଭ୍ରମଣ ସହିତ ଦେବ ଦର୍ଶନର ଯୋଗ ମଧ୍ୟ ରହିଛି। ଆୟର ପରିମାଣ ସ୍ଥିର ରହିବ।



**କନ୍ୟା:** ବ୍ୟବସାୟ ଆପଣଙ୍କ ପାଇଁ ଲାଭ ଦାୟକ ହୋଇପାରେ। ଆୟର ପରିମାଣ ବଢ଼ିବ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହୋଇପାରେ। ଶରୀର ସାମାନ୍ୟ ଅସୁସ୍ଥ ରହିବ। ଘରେ ଶାନ୍ତି ଫେରି ଆସିବାର ସୂଚନା।



**ତୁଳା:** ବାକିଥିବା କାମଟି ପୂରଣ କରି ଆତ୍ମସନ୍ତୋଷ ଲାଭ କରିବେ। ଶୁଭ ଖବର ପ୍ରାପ୍ତ ହୋଇପାରେ। ଘରକୁ ବନ୍ଧୁଙ୍କ ଆଗମନ ଘଟିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଶରୀର ସୁସ୍ଥ ରହିବାର ସୂଚନା।



**ବିଛା:** ଆଜି ଆପଣଙ୍କର ବ୍ୟୟ ଯୋଗ ରହିଛି। କଚେରୀ ମାମଲାରେ ଶୁଣାଣି ବିଳମ୍ବ ଘଟିପାରେ। ବ୍ୟବସାୟରେ କ୍ଷତି ଘଟିପାରେ। ପାରିବାରିକ ଅଶାନ୍ତି ଦେଖାଦେବ। କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ।



**ଧନୁ:** ଚାକିରୀ କ୍ଷେତ୍ରରେ ଉତ୍ସାହ ସହକାରେ କାର୍ଯ୍ୟ କରିଚାଲିବେ। ପାରିବାରିକ ଜୀବନ ସୁଖମୟ ହେବ। ଅର୍ଥ ପ୍ରାପ୍ତିର ସୂଚନା ଦେଖାଦେଇପାରେ। ଦେହ ଓ ମନ ଭଲ ରହିବ। ଆୟ ଓ ବ୍ୟୟ ସମାନ ରହିବ।



**ମକର:** ସାମାଜିକ ସ୍ତରରେ ସମ୍ମାନ ଲାଭ ହୋଇପାରେ। ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ। ରୋଜଗାର ଭଲ ହେବ। ଲୋକପ୍ରିୟତା ବୃଦ୍ଧି ପାଇବ।



**କୁମ୍ଭ:** ପରୋପକାରୀ ହେବେ। ଦୂରଯାତ୍ରା କରିପାରନ୍ତି। ସୁସମ୍ବାଦ ମିଳିପାରେ। କର୍ମକ୍ଷେତ୍ରରେ ମନ ପ୍ରଫୁଲ୍ଲ ରହିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଶାନ୍ତି ଅବ୍ୟାହତ ରହିବାର ସୂଚନା।



**ମୀନ:** ଦେହ ପୀଡ଼ା ଦେଖାଦେଇପାରେ। ଆର୍ଥିକ ସ୍ଥିତି ଖରାପ ହୋଇପାରେ। ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ମହିଳାମାନେ କୃତକାର୍ଯ୍ୟ ହେବେ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୦।୮।୨୦୨୫, ଭାଦ୍ରବ ଦି୧୪ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୩୦।୪୫** **ଚନ୍ଦ୍ରୋଦୟ- ଦିଘ ୧୧।୧୮।୧୧**

**ସପ୍ତମୀ-** ରାଘ ୧୦।୪୭ ପର୍ଯ୍ୟନ୍ତ। **ବିଶାଖା ନକ୍ଷତ୍ର-** ଦିଘ ୨।୩୭ ପର୍ଯ୍ୟନ୍ତ। **ତୁଳା ଚନ୍ଦ୍ର-** ଦିଘ ୭।୫୨ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। ଦିଘ ୭।୫୨ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୧୦।୪୭ ପରେ ନଡ଼ିଆ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୧୦।୧୪ ଗତେ ଘ ୧୦।୧ ମଧ୍ୟେ। ରାଘ ୮।୧୯ ଗତେ ଘ ୧୦।୩୭ ମଧ୍ୟେ। **ପର୍ବୋତ୍ସବ-** ଲଳିତା ସପ୍ତମୀ, କୁକ୍କୁଟୀ ବ୍ରତ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବଢ଼ୁଛି ବିଶ୍ୱ ତାପନ

ପ୍ରାୟ ୧୦ ବର୍ଷ ତଳେ ଚୀନ୍‌ରୁ ଅନେକ ଫଟୋ ଓ ଭିଡିଓ ସାମ୍ନାକୁ ଆସିଲା, ଯେଉଁଥିରେ ଲୋକଙ୍କୁ ପ୍ରଦୂଷଣକୁ ନେଇ ଚିନ୍ତିତ ଥିବା ଦେଖିବାକୁ ମିଳିଲା । ଶୀତଦିନେ ସ୍ଥିତି ଆହୁରି ଖରାପ ହେଉଥିଲା । ଇତିମଧ୍ୟରେ ସରକାର ଅନେକ ନିୟମ ଲାଗୁ କଲେ । କୋଇଲା ଚାଳିତ କାରଖାନାଠୁ ଆରମ୍ଭ କରି ଗାଡ଼ି ଉପରେ କଠୋର ନିୟମ ଲାଗୁ ହେଲା । ଫଳରେ ୨୦୧୦ରୁ ୧୦ ବର୍ଷ ମଧ୍ୟରେ ସେଠାରେ ବିଷାକ୍ତ ଗ୍ୟାସ୍ ନିର୍ଗମନ ମାତ୍ରା ଖୁବ୍ କମିଗଲା। କିନ୍ତୁ ଏହି ସଫେଇ ପଦକ୍ଷେପ ସୂର୍ଯ୍ୟର ଉତ୍ତାପକୁ ରୋକୁଥିବା ସେହି ସ୍ତରକୁ ହଟାଇଦେଲା। ଅର୍ଥାତ୍ ବିଶ୍ୱ ଉତ୍ତାପନ ବଢ଼ିଲା।

ପ୍ରଦୂଷଣ କମିଲେ ଉତ୍ତାପ କେମିତି ବଢ଼େ, ତାହା ବୁଝିବା ପୂର୍ବରୁ ସଦ୍ୟ ଅଧ୍ୟୟନ ବିଷୟରେ ଜାଣିବା ଆବଶ୍ୟକ । କମ୍ୟୁନିକେସନ୍ସ ଆର୍ଥ୍ ଆଣ୍ଡ ଏନ୍‌ଭିରନ୍‌ମେଣ୍ଟ ନାମକ ଅନ୍ତର୍ଜାତୀୟ ବିଜ୍ଞାନ ପତ୍ରିକାରେ ଏକ ସଦ୍ୟ ଅଧ୍ୟୟନ ପ୍ରକାଶ ପାଇଛି । ଅଧ୍ୟୟନ ଅନୁସାରେ, ବିଶ୍ୱ ଉତ୍ତାପନରେ ବର୍ତ୍ତମାନ ଯେଉଁ ବୃଦ୍ଧି ପରିଲକ୍ଷିତ ହେଉଛି, ପୂର୍ବ ଏସିଆରେ ସ୍ୱଚ୍ଛତା ମଧ୍ୟ ଏଥିପାଇଁ ଦାୟୀ । ଅଧ୍ୟୟନରେ ଆମେରିକା, ନରୱେ ଓ ବ୍ରିଟେନର ବୈଜ୍ଞାନିକମାନେ ମିଳିତ ଭାବେ କାମ କରିଛନ୍ତି । ସେମାନେ ଜାଣିବାକୁ ପାଇଛନ୍ତି, ୨୦୧୦ରୁ ପରବର୍ତ୍ତୀ ଦଶନ୍ଧିରେ ପୃଥିବୀର ହାରାହାରି ତାପମାତ୍ରା ୦.୨୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବଢ଼ିବା କଥା । କିନ୍ତୁ ପ୍ରକୃତରେ ତାପମାତ୍ରା ୦.୩୩ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଗଲା । ଏହି ଅନ୍ତର ପଢ଼ିବା ଓ ଶୁଣିବା ପାଇଁ କମ୍ ମନେ ହେଉଥାଇପାରେ । କିନ୍ତୁ ବିଶ୍ୱସ୍ତରରେ ବହୁତ ଅଧିକ । ଏହି ବର୍ଦ୍ଧିତ ଗ୍ରାଫ୍‌ରୁ ପ୍ରାୟ ୦.୦୭ ଡିଗ୍ରୀ ଉତ୍ତାପ କେବଳ ପୂର୍ବ ଏସିଆର ସ୍ୱଚ୍ଛ ବାୟୁ ଯୋଗୁ ବଢ଼ିଛି । ଅର୍ଥାତ୍ ବାୟୁକୁ ସ୍ୱଚ୍ଛ କରିବାର ପ୍ରୟାସ ଅଜାଣତରେ ବିଶ୍ୱକୁ ଆହୁରି ଉତ୍ତପ୍ତ କରିଛି। କିନ୍ତୁ ଚୀନ୍ ଏମିତି କ'ଣ କଲା ପ୍ରଦୂଷଣକୁ ନେଇ ନିରନ୍ତର ଚାଲିଥିବା ହୋ-ହଲ୍ଲା ମଧ୍ୟରେ ବେଜିଂ ନିଜର କାରଖାନା, ବିଜୁଳିଘର ଓ ଗାଡ଼ିରୁ ହେଉଥିବା ପ୍ରଦୂଷଣ ରୋକିବା ଉପରେ ଧ୍ୟାନ ଦେଲା । ଖାସ୍‌କରି ସଲ୍‌ଫର ଡାଇଅକ୍ସାଇଡ୍ ନାମକ ଗ୍ୟାସ୍‌କୁ କମାଇବା ଉପରେ ଫୋକସ୍ କଲା, ଯାହା ବାୟୁ ପ୍ରଦୂଷଣର ବଡ଼ କାରଣ । କୋଇଲାରୁ ପରିଚାଳିତ ପ୍ଲାଣ୍ଟଗୁଡ଼ିକୁ ବନ୍ଦ କରାଗଲା । କାରଖାନା ପାଇଁ କଡ଼ା ନିୟମ ଲାଗୁ ହେଲା। ଏହା ଦ୍ୱାରା ବାୟୁ ପରିଷ୍କାର ହେବାକୁ ଲାଗିଲା । କିନ୍ତୁ ବିଶ୍ୱ ଉପରେ ଏହାର ଓଲଟା ପ୍ରଭାବ ପଡ଼ିଲା। ବାୟୁରେ ଉପସ୍ଥିତ ସଲଫର ଡାଇଅକ୍ସାଇଡ୍‌ର କଣିକାକୁ ଏରୋସୋଲ୍ ମଧ୍ୟ କୁହାଯାଏ। ସୂର୍ଯ୍ୟର ଉତ୍ତାପ ଏହି କଣିକାରେ ବାଜି ପୁଣି ଫେରିଯାଏ। ଏହା ଦ୍ୱାରା ପୃଥିବୀରେ ସୂର୍ଯ୍ୟର ସେହି ତାପମାତ୍ରା ପହଞ୍ଚିପାରେ ନାହିଁ। ଚୀନ୍ ଯେତେବେଳେ ବାୟୁରୁ ଏରୋସୋଲ୍ ହଟାଇଦେଲା, ପରଦା ହଟିବାରୁ ଉତ୍ତାପ ସିଧା ତଳକୁ ପହଞ୍ଚିଲା । ବିଶ୍ୱ ତାପମାତ୍ରାରେ ଅତିରିକ୍ତ ବୃଦ୍ଧିରେ କେବଳ ଚୀନ୍ ନୁହେଁ, ଜାପାନ, ଦକ୍ଷିଣ କୋରିଆ ଭଳି ଦେଶ ମଧ୍ୟ ସାମିଲ । ଏ ସମସ୍ତ ଦେଶ ମିଶି ସୋଲାର ଜିଓଇଞ୍ଜିନିୟରିଙ୍ଗ କରୁଛନ୍ତି । ଏହାର ଅର୍ଥ ଜାଣିଶୁଣି ବାୟୁରେ ଏଭଳି କଣିକା(ଏରୋସୋଲ୍) ଛାଡ଼ିବା, ଯାହା ସୂର୍ଯ୍ୟ ରଶ୍ମିକୁ ଫେରାଇଦେବ। ଆଗ୍ନେୟଗିରି ବିସ୍ଫୋରଣକୁ ଦେଖି ଏହି ବିଚାର ସେମାନଙ୍କ ମନକୁ ଆସିଲା । ଯେତେବେଳେ କୌଣସି ବଡ଼ ବିସ୍ଫୋରଣ ହୁଏ, ଆଖପାଖରେ ଧୂଳି ଓ ଧୂଆଁ ବ୍ୟାପିଯାଏ। ଏହା ପରେ ଉକ୍ତ କ୍ଷେତ୍ରର ତାପମାତ୍ରା ବହୁତ ଦିନ ପର୍ଯ୍ୟନ୍ତ କମ୍ ରହେ। ଏଥିରୁ ଉପରୋକ୍ତ ଦେଶ ସୋଲାର ଜିଓଇଞ୍ଜିନିୟରିଙ୍ଗ୍‌ର ବିଚାର ପାଇଲେ। ଏହି ବିଚାରକୁ ନେଇ ୨୦୨୨ରେ ମେକ୍ସିକୋରେ ସବୁଠୁ ବଡ଼ ପ୍ରୟୋଗ ହେଲା । ଏକ ଆମେରିକୀୟ କମ୍ପାନି ତାପମାତ୍ରା ହ୍ରାସ କରିବା ଲାଗି ଚୁପ୍‌ଚାପ୍ ବାୟୁରେ ସଲ୍‌ଫର ଡାଇଅକ୍ସାଇଡ୍‌ପୂର୍ଣ୍ଣ ବେଲୁନ୍ ଛାଡ଼ିଲା । କିନ୍ତୁ ମାମଲା ସାମ୍ନାକୁ ଆସିବା ପରେ ହଙ୍ଗାମା ହେଲା । ମେକ୍ସିକୋର ବୈଜ୍ଞାନିକମାନେ ବିରୋଧ କଲେ । ଏରୋସୋଲ୍‌ର ସନ୍ତୁଳନ ବିଗିଡ଼ିଲେ, ଭୟଙ୍କର ବର୍ଷା-ମରୁଡ଼ି କିମ୍ବା ଅତିଶୟ ଥଣ୍ଡା ଭଳି ଅନେକ ଚରମ ସ୍ଥିତି ଉପୁଜିବ ବୋଲି ଚେତାବନୀ ଦେଲେ । ଶେଷରେ କମ୍ପାନି ପ୍ରୟୋଗକୁ ବନ୍ଦ କରିଦେଲା। କିନ୍ତୁ ବିଶ୍ୱ ଉତ୍ତାପନକୁ ରୋକିବା ପାଇଁ ଏହି ନୂଆ କୌଶଳ ଚର୍ଚ୍ଚାକୁ ଆସିଲା । ବାୟୁ ପ୍ରଦୂଷଣକୁ ହ୍ରାସ କରିବାର ଏହି ଉପାୟ ଭୁଲ ନୁହେଁ । କିନ୍ତୁ ସଲ୍‌ଫର ଡାଇଅକ୍ସାଇଡ୍ ସହିତ କାର୍ବନ୍ ଡାଇଅକ୍ସାଇଡ୍ ଓ ଅନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ୍‌ଗୁଡ଼ିକୁ ମଧ୍ୟ କମାଇବା ଜରୁରି, ଯାହା ଯୋଗୁ ବିଶ୍ୱ ତାପନ ବଢ଼ୁଛି ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୩୪)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ମହାରାଣୀ କହିଲେ " ହେ ବିଶର ତୁମେ ମୋ ସାଥିରେ ଆସ ଏଇ ମହାବୀର ବାଟିକା ମଧ୍ୟରେ ରହିଛି ଏକ ଗୃହ। ଯେଉଁ ଗୃହରେ ଆଦିକନ୍ଦ ସାମନ୍ତରା ନାମରେ ଜଣେ ଖଣ୍ଡାୟତ ଲୋକ ରହୁଛନ୍ତି । ତାଙ୍କ ସାଥିରେ ରହୁଛନ୍ତି ତାଙ୍କର ପତ୍ନୀ, ଗୋଟିଏ ବିଧବା କନ୍ୟା ଓ ଗୋଟିଏ ସାନପୁଅ। ତେବେ ସେମାନେ ବହୁତ ଗରୀବ କିନ୍ତୁ ସେମାନେ ବହୁତ ଭଲ ମଣିଷ। ତାଙ୍କରି ଗୃହରେ ତୁମେ କିଛିଦିନ ଅବସ୍ଥାନ କର। ଆସନ୍ତା କାଲି ପ୍ରତ୍ୟୁଷରେ ମୁଁ ମହାରାଜାଙ୍କ ସହିତ ଆସି ଏଠାରେ ପହଞ୍ଚିବି। ଏହାପରେ ତୁମ ପାଇଁ ଏଠାରେ ସମସ୍ତ ବ୍ୟବସ୍ଥା କରାଇ ଦେବୁ। ଏବେ ତୁମେ ତାଙ୍କରି ଗୃହରେ ଅବସ୍ଥାନ କର।" ବିଶର ମହାନ୍ତିଙ୍କ ହାତଧରି ନେଇ ଗଲେ ଆଦିକନ୍ଦ ସାମନ୍ତରାଙ୍କ ଗୃହକୁ। ସନ୍ନ୍ୟାସୀଙ୍କୁ ଦେଖି ଆଦିକନ୍ଦ ସାମନ୍ତରାଙ୍କ ପରିବାର ବର୍ଗ ଭୂମିଷ୍ଠ ପ୍ରଣାମ କଲେ।

ମହାରାଣୀ କହିଲେ ଆଦିକନ୍ଦଙ୍କୁ "ଇଏ ହେଉଛନ୍ତି ଜଣେ ସନ୍ନ୍ୟାସୀ, ବହୁତ ଦୂରରୁ ଆସିଛନ୍ତି ଏଠାରେ ଅବସ୍ଥାନ କରିବେ। ଆମେ ଆସନ୍ତାକାଲି ତାଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିଦେବୁ। ତୁମେ ଦୟାକରି ଏ ସନ୍ନ୍ୟାସୀଙ୍କର ସମସ୍ତ ସେବା ଯତ୍ନ କରିବା ଏତକ ଗୃହମାଲିକ ଆଦିକନ୍ଦଙ୍କୁ କହି ପୁନର୍ବାର ମହାରାଣୀ ମୁକ୍ତାମାଳା କୁଜଙ୍ଗ ଗଡର ରାଜଉଆସକୁ ସେହି ନୌକାରେ ପରିଚାରିକାଙ୍କ ସହ ପତ୍ୟାବର୍ତ୍ତନ କଲେ। ଆଦିକନ୍ଦଙ୍କ ଗୋଟିଏ ବଖରାରେ ମାଲିକ କନାଟିଏ ବିଛାଇ ମୃଦଙ୍ଗଟିକୁ ରଖିଲେ। ରାତିରେ ସେହି ମୃଦଙ୍ଗ ନିକଟରେ ଭାଗବତର ଗୋଟିଏ ଅଧ୍ୟାୟ ପାଠକରି ଆଦିକନ୍ଦଙ୍କ ଗୃହରେ ଭୋଜନ ସାରି ନଡିଆ ପତ୍ରର ବିଛଣା ଉପରେ ନିଜର କ୍ଳାନ୍ତ ଶରୀରଟିକୁ ବିଶ୍ରାମଦେଲେ। ପଥଶ୍ରମ କରି କରି ସେ ହୋଇଗଲେଣି ଗୋଟାଏ ପାଷାଣ ଖଣ୍ଡ। ଆଖିରେ ଆଉ ଲୁହନାହିଁ କାନ୍ଦିବାକୁ। ମୁଖମଣ୍ଡଳରେ ଆଉ ହସନାହିଁ ମନ ଖୋଲି ହସିବାକୁ। ମନର କଥା କହିବାପାଇଁ ଯେତେ ଇଚ୍ଛା ହେଉଥିଲେବି ଦରଦୀ ମଣିଷଟିଏ ନାହାନ୍ତି ତାଙ୍କୁ ଯିଏ ସାମାନ୍ୟ ଆଶ୍ୱାସନାଟିଏ ଦେଇପାରିବ। ତାଙ୍କ ନିକଟରେ ଏମିତି କେହି ଜଣେ ହେଲେବି ନାହାଁନ୍ତି, ଯିଏକି ତାଙ୍କ ହୃଦୟର ଅବ୍ୟକ୍ତ ଯନ୍ତ୍ରଣାକୁ ଶ୍ରବଣ କରି ଆଖିରୁ ଟିକିଏ ଲୁହ ପୋଛିଦେଇ ପାରିବ। କେବଳ ସେହି ଜଗନ୍ନାଥ। ସମସ୍ତ ଯନ୍ତ୍ରଣାର ବିଲୋପରେ ପରମ ଶାନ୍ତି ହେଉଛନ୍ତି ସେହି ଜଗନ୍ନାଥ। ସମସ୍ତ ରାତ୍ରୀର ପରିସମାପ୍ତିରେ ପ୍ରତ୍ୟୁଷର ସୂର୍ଯ୍ୟୋଦୟ ହେଉଛନ୍ତି ସେହି ଜଗନ୍ନାଥ। ଚକ୍ଷୁରୁ ନିର୍ଗତ ହେଉଥିବା ଅବିଶ୍ରାନ୍ତ ଲୋତକ ଧାରାରେ ସେ ହେଉଛନ୍ତି ପରମ ଆଶ୍ୱାସନା। ପ୍ରତିଟି ସଂଘର୍ଷର ଭୀଷଣତା ଭିତରେ ସେହି ଜଗନ୍ନାଥ ହେଉଛନ୍ତି ଦିଗବିଜୟୀ ସମ୍ରାଟ। ବିଶରଙ୍କ ଶରୀର ମଧ୍ୟରେ ପ୍ରତିଟି ହୃଦସ୍ପନ୍ଦନ କରି ଚାଲିଛି ଜୟଜଗନ୍ନାଥ, ଜୟ ଜଗନ୍ନାଥ।
(କ୍ରମଶଃ)

# ଦାଢ଼ି

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଆମ ଭାରତୀୟ ସଂସ୍କୃତିରେ ଦାଢ଼ିର ଏକ ଭିନ୍ନ ମାନ୍ୟତା ରହିଛି। ଆମର ମୁନିଋଷିମାନଙ୍କର ଯେଉଁ ଛବି ସାଧାରଣ ଜନଚେତନାରେ ରହିଛି, ତାହା ହେଉଛି ଲମ୍ବା ଦାଢ଼ିବାଲା । ଜ୍ଞାନୀ, ଗୁଣୀ ଲୋକମାନେ ଦାଢ଼ି ରଖନ୍ତି ବୋଲି ଆମର ଧାରଣା । ଏ ଧରଣର ଭିତ୍ତିଟି ହେଲା- ଆମର ଅନେକ ଜ୍ଞାନୀ, ଗୁଣୀ, କବି, ତପସ୍ୱୀମାନେ ଦାଢ଼ି ରଖଛନ୍ତି । ରବୀନ୍ଦ୍ରନାଥଙ୍କ ଲମ୍ବା ଦାଢ଼ି ଥିଲା । ଗୋପବନ୍ଧୁଙ୍କର ମଧ୍ୟ ଦାଢ଼ି ଥିଲା ।

କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖନ୍ତୁ ପାଗଳ କଥା କହିଲା ମାତ୍ରେ ମୋ ମନ ଭିତରକୁ ଯଉ ଛବିଟା ପ୍ରଥମେ ଆସେ ସେ ହେଉଛି ଲମ୍ବା ଦାଢ଼ି ରଖିଥିବା ଲୋକଟିଏ । ଅତ୍ୟନ୍ତ ଜ୍ଞାନୀ, ଗୁଣୀ ଲୋକ ବି ଦାଢ଼ି ରଖିବାର ଚିତ୍ରଟା ଆଖି ଆଗରେ ଆସେ ପୁଣି ପାଗଳ ବି ଚିତ୍ରଟା ଆଖି ଆଗରେ ଆସେ । ତାମାନେ ଏ ଦି'ଟା ଭିତରେ ଫରକ୍ ବୋଧେ ବହୁତ କମ୍।

ବର୍ତ୍ତମାନ ସମୟରେ ଦାଢ଼ି ରଖିବାଟା ଗୋଟେ ବଡ଼ ଫେସନ୍ ହେଇଉଠିଛି ସାରା ପୃଥିବୀରେ । କ୍ରିକେଟରମାନଙ୍କୁ ଦେଖନ୍ତୁ । ବର୍ତ୍ତମାନ ଯେଉଁମାନେ ଟେଷ୍ଟ କ୍ରିକେଟ୍, ୱାନ୍‌ଡେ' କ୍ରିକେଟ୍, ଆପିଏଲ୍ କ୍ରିକେଟ୍ ଖେଳୁଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶ ଦାଢ଼ି ରଖିଛନ୍ତି । ଆପଣ ୧୯୮୩ରେ ଯେଉଁ ବିଶ୍ୱକପ୍ ଜିତିଥିଲା ଆମ ଦଳ, କପିଳ ଦେବଙ୍କ ନେତୃତ୍ୱରେ ସେ ଦଳଟିର ଫଟୋ ଟିକେ ଦେଖନ୍ତୁ। କେବଳ ସୈୟଦ କିରମାନୀ ଏବଂ ବଲ୍‌ବିନ୍ଦର ସାନ୍ଧୁଙ୍କୁ ଛାଡ଼ିଦେଲେ ଆଉ କେହି ଦାଢ଼ି ରଖିନଥିଲେ । କିନ୍ତୁ ଏବେ ଦେଖନ୍ତୁ ସମସ୍ତେ ଦାଢ଼ି ରଖୁଛନ୍ତି । ବିନା ଦାଢ଼ିବାଲା ଲୋକ ଖୋଜି ପାଇବା ମୁସ୍କିଲ୍ ହେଲାଣି କ୍ରିକେଟ୍ ଟିମ୍‌ରେ। ସମାନ କଥା ଚଳଚ୍ଚିତ୍ର ଜଗତରେ ମଧ୍ୟ ଦେଖନ୍ତୁ । ଅଧିକାଂଶ ଅଭିନେତା ଦାଢ଼ି ରଖୁଛନ୍ତି। ସତୁରି ଅଶୀ ଦଶକରେ ଦାଢ଼ିବାଲା ଅଭିନେତା ଖୋଜିଲେ କେବଳ କବୀର ବେଦୀ ଆଉ ଜଣେ ଦି'ଜଣଙ୍କୁ ଛାଡ଼ିଦେଲେ ସାଧାରଣତଃ ଦେଖିବାକୁ ମିଳୁନଥିଲା। ଅଧିକାଂଶ ଅଭିନେତା କ୍ଲିନ୍ ସେଭ୍‌ଡ୍ ରହୁଥିଲେ। କିନ୍ତୁ ଏବକୁ ଅଧିକାଂଶ ଅଭିନେତା ଦାଢ଼ି ରଖୁଛନ୍ତି ।

ପ୍ରଶ୍ନ: ଲୋକ ଦାଢ଼ି କାହିଁକି ରଖନ୍ତି ? କେତେକେ କହନ୍ତି ଯେ, ନିଜକୁ ଡିଷ୍ଟିଙ୍କ୍‌ଟ୍ କରିବା ପାଇଁ ଲୋକ ଦାଢ଼ି ରଖନ୍ତି । କେତେକ ସୋସିଓଲୋଜିଷ୍ଟ ବା ସମାଜତତ୍ତ୍ୱବିଦ୍ ମନେ କରନ୍ତି ଯେ, ଆମେରିକାରେ ଭିଏତ୍‌ନାମ୍ ଯୁଦ୍ଧ ପରେପରେ ହିପି କଲ୍‌ଚର ଆସିଲା ସେତେବେଳେ ଅନେକେ ଦାଢ଼ି ରଖିଲେ । ଏହା ଥିଲା ବ୍ୟବସ୍ଥା ବିରୋଧରେ ଏକ ପ୍ରକାର ପ୍ରତିବାଦର ପ୍ରତୀକ । ପ୍ରୋଟେଷ୍ଟ ଏଗେନଷ୍ଟ ଦି ଏଷ୍ଟାବ୍ଲିସ୍‌ମେଣ୍ଟ । ହିପି କଲ୍‌ଚରରେ ଦାଢ଼ି ହେଲା ଏକ ମୁକ୍ତ ଚେତନାର ପ୍ରତୀକ ।

ଗୋଟେ ସମୟରେ ଅଫିସ୍‌ରେ ଦାଢ଼ି ରଖିବା, ଦାଢ଼ି ବଢ଼େଇବା ଖୁବ୍ ଭଲ ଆଖିରେ ଦେଖାଯାଉନଥିଲା । ଡାକ୍ତର, ପୋଲିସ୍, ସାମରିକ ବାହିନୀର ଲୋକେ ଦାଢ଼ି ରଖିବାଟାକୁ ଭଲ ଆଖିରେ ଦେଖାଯାଉନଥିଲା । ଆମେରିକାରେ ତ କିଛି ଖେଳରେ ବି ଦାଢ଼ି ରଖିବାକୁ ପସନ୍ଦ କରାଯାଉନଥିଲା । ଯେମିତି ବାସ୍କେଟ୍‌ବଲ୍‌ରେ କେବଳ ନିଶ ରଖିପାରିବ, ଦାଢ଼ି ରଖିବାକୁ ପସନ୍ଦ କରାଯାଉନଥିଲା ।

କିନ୍ତୁ କ୍ରମଶଃ ଲୋକ ଦାଢ଼ି ରଖିବା ପାଇଁ ଲାଗିଲେ ଏବଂ ଦାଢ଼ି ରଖିବାଟା ଗୋଟେ ଟ୍ରେଣ୍ଡ୍ ଏବେ ହେଇଗଲାଣି ।

ଦାଢ଼ି ରଖିବାର ପୁଣି କଥା ଅଛି। ଆଗରୁ ଯେମିତି ବାସ୍ ଜଣେ ଦାଢ଼ି କାଟିବା ବନ୍ଦ କରିଦେଲା ଆଉ ଦାଢ଼ି ତା'ର ମନକୁ ମନ ବଢ଼ି ଚାଲିଲା, ସେମିତି ଆଉ ଆଜିକାଲି ନାହିଁ । ଦାଢ଼ିକୁ ନେଇକି ବହୁ ଭାବନା ଚିନ୍ତା ହଉଛି । ଦାଢ଼ି ଫେସନ୍ ହେଲାଣି । ତେଣୁ ତାକୁ ଠିକ୍ ଭାବରେ ରଖିବା – ଏକ କଳାର ମାନ୍ୟତା ପାଇଲାଣି ।

ଦାଢ଼ି ବିଷୟରେ ଯଉମାନେ ଗବେଷଣା କରନ୍ତି, ପାଠ ପଢ଼ାନ୍ତି, ସ୍କଲାର ହୁଅନ୍ତି ଇଂରାଜୀରେ ତାଙ୍କର ବି ଗୋଟେ ନାଁ ବାହାରିଲାଣି । ତାକୁ କୁହାଯାଉଛି ପୋଗୋନୋଲୋଜିଷ୍ଟ । ଆଲାନ୍ ପିଟରକିନ୍ ବୋଲି ଜଣେ ଭଦ୍ରଲୋକ ଦାଢ଼ି ଉପରେ ଗୋଟେ ବହି ଲେଖିଛନ୍ତି: ୱାନ୍ ଥାଉଜ୍ୟାଣ୍ଡ ବିୟର୍ଡସ୍। ସେଥିରେ ସେ ଲେଖିଛନ୍ତି ଯେ, ଦାଢ଼ି ପୁଣି ଫେରିଆସିଛି । ଇଟ୍‌ସ୍ ଆନ୍ ଆକ୍ଟ ଅଫ୍ ରିବେଲିୟନ୍। ଇଏ ଏକ ବିଦ୍ରୋହ। ଆଗରୁ ଯେମିତି ଅଫିସ୍‌ରେ ଦାଢ଼ି ରଖିବା ପାଇଁ ଭଲ ଆଖିରେ ଦେଖାଯାଉନଥିଲା, ତା ବିରୋଧରେ, କର୍ପୋରେଟ୍ କଲ୍‌ଚର ବିରୋଧରେ ଇଏ ଏକ ବିପ୍ଳବ, ଇଏ ପ୍ରମାଣ କରିବାକୁ ଚାହୁଁଛି ଯେ ଆମେ ଆଉ କର୍ପୋରେଟ୍‌ର ଭୃତ୍ୟ ହେଇନାହୁଁ।

ଦାଢ଼ି ରଖିବା ଭଲ ନା ଖରାପ ? ଇତିହାସ କହେ ପୃଥିବୀର ଅନେକ ଦେଶରେ ଦାଢ଼ି ରଖିବାଟାକୁ ଭଲ ଆଖିରେ ଦେଖାଯାଉନଥିଲା । ପୁଣି ଆଉ ଅନେକ ଦେଶରେ ଲୋକଙ୍କୁ ଦାଢ଼ି ରଖିବା ପାଇଁ ପ୍ରୋତ୍ସାହନ ଦିଆଯାଉଥିଲା ।

ଇତିହାସ କଥା ଛାଡ଼ନ୍ତୁ, ବିଜ୍ଞାନ ବି ଏପର୍ଯ୍ୟନ୍ତ ଠିକ୍ କରି କହିପାରୁନି ଯେ ଦାଢ଼ି ରଖିଲା ଫଳରେ ମଣିଷର କ'ଣ ଲାଭ ହୁଏ ? ପ୍ରକୃତି ଆମ ଦେହରେ ଯେତେ ଅଙ୍ଗ ପ୍ରତ୍ୟଙ୍ଗ ସୃଷ୍ଟି କରିଛି- ତାର କିଛି ନା କିଛି ଉପାଦେୟତା ଅଛି । କାମରେ ନ ଆସୁଥିବା ଅଙ୍ଗ ପ୍ରତ୍ୟଙ୍ଗକୁ ପ୍ରକୃତି କ୍ରମଶଃ ଦେହରୁ ବାଦ୍ ଦେଇ ଦିଏ । ହେଲେ ଦାଢ଼ିର କ'ଣ କାମ ? ଯଦି ଏହା ମଣିଷ ପାଇଁ ଦରକାରୀ ତେବେ ପ୍ରକୃତି ନାରୀ ପୁରୁଷ ଉଭୟଙ୍କୁ ଏହା ଦେଇଥାନ୍ତା ! କେବଳ ପୁରୁଷମାନଙ୍କୁ କାହିଁକି ନିଶ ଦାଢ଼ି ଦେଲା ? କେତେକ ଜୀବ ବିଜ୍ଞାନୀ କହନ୍ତି: ପ୍ରକୃତି ପୁରୁଷକୁ ନାରୀମାନଙ୍କୁ ସହବାସ ପାଇଁ ଆକର୍ଷଣ କରିବା ପାଇଁ କିଛି କିଛି ଜିନିଷ ଦେଇଥାଏ – ପୁରୁଷ ସିଂହର ଯେମିତି କେଶର ଥାଏ, ପୁରୁଷ ମୟୂରର ଯେମିତି ପୁଚ୍ଛ । ପୁରୁଷକୁ ହୁଏତ ସେଇଥିପାଇଁ ନିଶଦାଢ଼ି ଦେଇଛି । ହେଲେ ଏହା କଣ ସତ ? ନାରୀ କଣ ଦାଢ଼ିନିଶ ବାଲା ପୁରୁଷ ପ୍ରତି ଅଧିକ ଆକର୍ଷିତ ହୁଏ ? ଏ ପ୍ରଶ୍ନକୁ ନେଇ ବହୁତ ଗବେଷଣା ହୋଇଛି । ବହୁତ ସର୍ଭେ ହୋଇଛି। ହେଲେ ନିଶ୍ଚିତ ଭାବେ କିଛି ଉତ୍ତର ମିଳିନାହିଁ । ତେଣୁ ପୁରୁଷକୁ ପ୍ରକୃତି ନିଶ ଦାଢ଼ି କାହିଁକି ଦେଇଛି ତାହା ଏଯାଏଁ ରହସ୍ୟ ହୋଇ ରହିଛି ।

# ଭାରତୀୟ ଦର୍ଶନରେ କର୍ମବାଦ



ଡ ଚନ୍ଦ୍ରକଳା ନାୟକ
ଅଧ୍ୟାପିକା,
ମହାପୁରୁଷ ହାଡ଼ିଦାସ
ମହାବିଦ୍ୟାଳୟ,
ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ଭାରତୀୟ ସଂସ୍କୃତିରେ ଦର୍ଶନକୁ ତତ୍ତ୍ୱଜ୍ଞାନ ବା ଆଧ୍ୟାତ୍ମ ବିଦ୍ୟା ବୋଲି ଅଭିହିତ କରାଯାଏ। ଦର୍ଶନର ଆକ୍ଷରିକ ଅର୍ଥ ହେଉଛି 'ପ୍ରଜ୍ଞାନୁରାଗ'। ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ମତରେ ଦର୍ଶନ ହେଉଛି, ବାସ୍ତବତାର ସଂପର୍କରେ ଏକ ଯୁକ୍ତିଯୁକ୍ତ ସମସ୍ୟା। ଭାରତୀୟ ଦର୍ଶନ ଦ୍ୱାରା ମନୁଷ୍ୟର ଶାରିରୀକ, ମାନସିକ, ସାମାଜିକ, ଆଧ୍ୟାତ୍ମିକ ତଥା ନୈତିକ ଶକ୍ତିର ବିକାଶ ଘଟିଥାଏ। ମନୁଷ୍ୟ ଜୀବନର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଦର୍ଶନ ଏକ ଜୀବନବ୍ୟାପୀ ପ୍ରକିୟା। ଭାରତୀୟ ଦର୍ଶନ କର୍ମବାଦରେ ଗଭୀର ଭାବେ ବିଶ୍ୱାସ ରଖେ। ଭାରତୀୟ ଦାର୍ଶନିକମାନଙ୍କ ପାଇଁ ଏହା ଅଲଂଘ୍ୟ ନିୟମ। ଯେଉଁଭଳି କର୍ମ ତଦନୁଯାୟୀ ନିଶ୍ଚିତ ଫଳ ହେଉଛି କର୍ମବାଦର ମୂଳଖାତା। କୃତକର୍ମର ଫଳ ନଷ୍ଟ ହୁଏନାହିଁ ଓ ଅକୃତକର୍ମର ଫଳ ଲାଭ ହୁଏ ନାହିଁ। ସେଥିପାଇଁ କୁହା ଯାଇଛି 'ଯଥା ଧେନୁ ସହସେଷୁ ବତ୍ସାଗଚ୍ଛତି ମାତରମ୍, ତଥା ଯଜ କୃତକର୍ମ କର୍ତ୍ତାରମନୁଗଚ୍ଛତି' । ଭାରତୀୟ ଦର୍ଶନରେ କେବଳ କର୍ମବାଦ ସୀମିତ ନୁହେଁ। ଏହା ସମଗ୍ର ଜାତୀୟ ଜୀବନକୁ ପ୍ରଭାବିତ କରିଛି। ସାଧାରଣରୁ ଅତିସାଧାରଣ ଲୋକଟିଏ ଏଥିରେ ଗଭୀର ବିଶ୍ୱାସ ରଖେ। ଏହି ବିଶ୍ୱାସ ଅନୁଯାୟୀ ନିଜ ଜୀବନକୁ ପରିଚାଳିତ କରିବାରେ ପ୍ରୟାସକରେ। ଭାରତୀୟ ପ୍ରାୟସମସ୍ତ ଦାର୍ଶନିକ ସଂପ୍ରଦାୟ କର୍ମବାଦକୁ ପ୍ରତ୍ୟକ୍ଷବା ପରୋକ୍ଷ ଭାବରେ ବିଶ୍ୱାସକରନ୍ତି। ବୌଦ୍ଧଧର୍ମ ଠାରୁ ଆରମ୍ଭ କରିବେଦା' ପର୍ଯ୍ୟନ୍ତ ସମସ୍ତେ କର୍ମବାଦ ଉପରେ ବିଶ୍ୱାସରଖିଥାନ୍ତି।

କର୍ମ ତିନି ପ୍ରକାରର। ସଂଚିତକର୍ମ, ପ୍ରାରବ୍ଧ କର୍ମ ଓ କ୍ରୀୟମାଣକର୍ମ। ଯେଉଁକର୍ମ ପୂର୍ବଜନ୍ମରେ, ଯାହାର ଫଳଭୋଗ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ, ତାହାସଂଚିତକର୍ମ ।ଯେଉଁକର୍ମର ଫଳଭୋଗ ଆରମ୍ଭ ହୋଇଛି, ତାହାକୁ ପ୍ରାରବ୍ଧ କର୍ମକୁହାଯାଏ। ପ୍ରାରବ୍ଧ କର୍ମର ଫଳଭୋଗ ପାଇଁ ଆମେ ଶରୀର ଧାରଣ କରିଛୁ। ଏହି ଜୀବନରେ ବର୍ତ୍ତମାନ ଆମେ ଯେଉଁ କର୍ମକରିଛୁ, ତାହାକୁ କ୍ରୀୟମାଣ କର୍ମ କୁହାଯାଏ। ଭାରତୀୟ ଦର୍ଶନ କର୍ମବାଦର ଉଭୟ ତାତ୍ତ୍ୱିକ ଓ ବ୍ୟବହାରିକ ଦିଗ ପ୍ରତିଗୁରୁତ୍ୱ ଦିଏ। ପାଶ୍ଚାତ୍ୟ ଦର୍ଶନ ସତ୍ୟକୁ ଜାଣିବାକୁ ଚେଷ୍ଟା କରେ, କିନ୍ତୁ ଭାରତୀୟ ଦର୍ଶନ ସତ୍ୟକୁ ଜାଣିବା ସହ ଜୀବନର ସତ୍ୟକୁ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖେ। ଏହା କେବଳ ତତ୍ତ୍ୱଚର୍ଯ୍ୟା ନୁହେଁ, ଜୀବନଚର୍ଯ୍ୟା ମଧ୍ୟ। ଭାରତୀୟ ଆଦର୍ଶ ଭାରତୀୟଙ୍କ ଜୀବନ ଧର୍ମ ପାଳଟି ଯାଏ। ଭାରତରେ ନୀତିଶାସ୍ତ୍ର ଓ ଧର୍ମ ଦର୍ଶନ ଠାରୁ ପୃଥକ ଭାବେ କିମ୍ବା ସ୍ୱାଧୀନ ଭାବେ କୌଣସି ବିଷୟ ଆଲୋଚିତ ହୋଇନାହିଁ। ଭାରତୀୟ ଦର୍ଶନରେ ଧର୍ମ ଓ ନୈତିକତାରଏକତ୍ର ବିକାଶ ଘଟିଛି। ସେଥିପାଇଁ କୁହାଯାଏ – ଭୋଗ ଦାନ ବା ଇନ୍ଦ୍ରିୟଲାଳସା ପରିତୃପ୍ତିକୁ ଆଦର୍ଶକଲେ, ଜୀବନର କଲ୍ୟାଣ ଅସମ୍ଭବ ଏବଂ ସମାଜରେ ଅରାଜକତା ଅବସମ୍ଭାବୀ। ଭାରତୀୟ ଦାର୍ଶନିକମାନେ ନୈତିକ ଆଦର୍ଶ ସହିତ ଆଧ୍ୟାତ୍ମିକତାକୁଏକତ୍ର ଯୁକ୍ତ କରିଥିବାରୁ ନୈତିକ ପରମାଦର୍ଶ ସମ୍ବନ୍ଧରେ ସେମାନଙ୍କ ଭିତରେ ବିଶେଷ ମତବାଦ ଦେଖାଯାଏ ନାହିଁ। ବ୍ୟକ୍ତିର ଜୀବନକୁ ସୁସ୍ଥ , ସୁଶୃଙ୍ଖଳା କରିବା ଓ ସାମାଜିକ କଲ୍ୟାଣ ପ୍ରତିଷ୍ଠା କରିବା ସବୁ ଭାରତୀୟ ଦାର୍ଶନିକଙ୍କ ପ୍ରାଥମିକତା।

ଶ୍ରୀମଦ ଭଗବତ୍‌ଗୀତା, ମହାଭାରତ ଯୁଦ୍ଧ ପରିପ୍ରେକ୍ଷୀରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଧନୁର୍ଦ୍ଧର ଅର୍ଜୁନଙ୍କୁ ଦେଇଥିବା ଉପଦେଶ ଏକାଧାରାରେ ଏକ ଜୀବନ ଶାସ୍ତ୍ର, ଧର୍ମଶାସ୍ତ୍ର ତଥା ନୀତିଶାସ୍ତ୍ର। ଗୀତାରେ ୧୮ଟି ଅଧ୍ୟାୟ ମଧ୍ୟରୁ ଦ୍ୱିତୀୟ ଅଧ୍ୟାୟ 'ସାଂଖ୍ୟଯୋଗ' ନାମରେ ପରିଚିତ। ଏହି ଅଧ୍ୟାୟରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ କର୍ମସଂପାଦନା ସଂପର୍କରେ ଯେଉଁ ଉପଦେଶ ଦେଇଛନ୍ତି ତାହା ହେଉଛି – କର୍ମଯୋଗ। ମହାଭାରତର ମହାସମରର ପ୍ରଥମ ଦିନରେ ପାଣ୍ଡବ ସେନାର ସେନାପତି ଅର୍ଜୁନ ସମ୍ମୁଖରେ ସ୍ୱଜନ ମାନଙ୍କୁ ଦେଖି କିଂକର୍ତ୍ତବ୍ୟ ବିମୁଢ ହୋଇଥିଲେ। ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ତାଙ୍କୁ କର୍ମର ଜଟିଳତତ୍ତ୍ୱକୁ ବାଖ୍ୟାକରିଛନ୍ତି ସ୍ୱୟଂଭାଗବାନ ଶ୍ରୀକୃଷ୍ଣ। ପ୍ରଭୁ କହିଛନ୍ତି, ଜୀବନ କର୍ମମୟ, ଜୀବନରେ ଏପରି ମୁହୂର୍ତ୍ତ ନାହିଁ, ଯେଉଁଠି କର୍ମ ନାହିଁ। କର୍ମହିଁ ଜୀବନ। କେବଳ ମୃତ୍ୟୁରେ ହିଁ କର୍ମରୁ ମୁକ୍ତି। ନିଜର ଧର୍ମାନୁସାରେ କର୍ତ୍ତବ୍ୟ କରିଚାଲିବା ମାନବ ଜୀବନର ଏକମାତ୍ର ଉଦ୍ଦେଶ୍ୟ। ଯୁଦ୍ଧରେ ପ୍ରୀୟଜନଙ୍କ ମୃତ୍ୟୁ ଆଶଙ୍କା ଅର୍ଜୁନଙ୍କୁ ବିଚଳିତ କରୁଥିଲା। ଫଳରେ ଯୁଦ୍ଧ ପ୍ରତି ସେ ଅନାଗ୍ରହ ପ୍ରକାଶ କରିଥିଲେ। ଅର୍ଜୁନଙ୍କୁ ଏହି ମାନସିକ ଅବସ୍ଥାରୁ ଉଦ୍ଧାର କରିବା ପାଇଁ ଶ୍ରୀକୃଷ୍ଣ ପ୍ରଥମେ ତାଙ୍କୁ ଆତ୍ମତତ୍ତ୍ୱ ଓ ସ୍ୱଧର୍ମ ପାଳନର ଉପଦେଶ ଦେଇଥିଲେ। କିନ୍ତୁ ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କ କଥା ପରିବର୍ତ୍ତନ କରି ପାରି ନଥିଲା। ଅର୍ଜୁନଙ୍କ ଏହି ମାନସିକ ଅବସ୍ଥାର କାରଣ ଥିଲା ତାଙ୍କର ଆତ୍ମାଭିମାନ। ସେ ନିଜକୁକର୍ତ୍ତା ମଣୁଥିଲେ। ଯୁଦ୍ଧରେ ଯେତେ ରକ୍ତପାତ ଓ ପ୍ରାଣହାନି ଘଟିବ, ତାହା ତାଙ୍କୁ ପାପ ଫଳ ଭୋଗ କରିବାକୁ ଦେବ ବୋଲି ସେ ଚିନ୍ତା କରୁଥିଲେ। ଅପର ପକ୍ଷରେ ଯୁଦ୍ଧକ୍ଷେତ୍ର ତ୍ୟାଗ କରି ଯିବା ଯୋଦ୍ଧା କ୍ଷେତ୍ରରେ ଅତ୍ୟନ୍ତ ଅଶୋଭନୀୟ ହେବ, ଏକଥା ବି ଭାବୁଥିଲେ। ଏହି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ ଶ୍ରୀକୃଷ୍ଣ ତାଙ୍କୁ କାମନାବାସନା ତ୍ୟାଗକରି, କର୍ତ୍ତୃତ୍ୱର ଅଭିମାନ ପରିହାରକରି, କିଭଳି କର୍ମ କରାଯାଇ ପାରିବ, ତାହା ବୁଝାଇ ଦେଲେ। ଫଳରେ ଆଶା ନ ରଖି ସଂପୂର୍ଣ୍ଣ ନିରାସକ୍ତ ଭାବେ କାର୍ଯ୍ୟକରିବା ହିଁ ପ୍ରକୃତକର୍ମଯୋଗ। ଯିଏ କେବଳକର୍ତ୍ତବ୍ୟ ପାଳନ ଉଦ୍ଦେଶ୍ୟରେ ଫଳାଫଳ ପ୍ରତି ଧ୍ୟାନ ନ ଦେଇ ନିଜକୁ କର୍ମରେ ସଂପୂର୍ଣ୍ଣ ନିୟୋଜିତ କରେ, ସେହିଁ ପ୍ରକୃତ କର୍ମଯୋଗୀ। ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଏହିବାଣୀ ଅର୍ଜୁନଙ୍କ ପାଇଁ କେବଳ ନଥିଲା, ବରଂ ପଥ ହୁଡୁଥିବା ଦିଗହରାମଣିଷ ପାଇଁଏହାମାର୍ଗ ଦର୍ଶନ ଥିଲା।

ଭାରତୀୟ ଦର୍ଶନରେଯେଉଁ ଦୁଇ ପ୍ରକାରରକର୍ମ କଥା କୁହାଯାଇଛି, ତାହାସକାମ ଓ ନିଷ୍କାମକର୍ମ ।ଯେଉଁକର୍ମ ଫଳପ୍ରାପ୍ତିର ଆକାଂକ୍ଷାର ଖେତାହାସ କାମ କର୍ମ ।କିନ୍ତୁକର୍ମଟିକରିବା ପରେ ଯଦି କର୍ତ୍ତାତାରଇପ୍‌ସିତ ଫଳ ନଥାଏ, ତେବେ ଯନ୍ତ୍ରଣାଭୋଗକରେ । ଅପର ପକ୍ଷରେ ନିଷ୍କାମକର୍ମରେକୌଣସି ଫଳ ଭୋଗରଇଚ୍ଛାଜଡିତ ନଥାଏ। ନିଷ୍କାମକର୍ମ ନୈତିକ ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟ। ଭାରତୀୟ ଦର୍ଶନରେ ନିଷ୍କାମ କର୍ମର ତିନୋଟି ଲକ୍ଷଣ ଅଛି। ପ୍ରଥମତଃ ଆକାଂକ୍ଷା ବର୍ଜନ କରିବା ଆବଶ୍ୟକ। ଦ୍ୱିତୀୟରେ କର୍ତ୍ତୃତାଭିମାନ ତ୍ୟାଗକରିବା। ଶେଷରେ ନିଜର ସମସ୍ତ କର୍ମଫଳ ଈଶ୍ୱରଙ୍କୁ ସମର୍ପଣ କରିଦେବା ଉଚିତ। ଯାହାଦ୍ୱାରା କର୍ମଫଳଜନିତ ସୁଖ ଦୁଃଖ ସଂଶୟ ଇତ୍ୟାଦି ବ୍ୟକ୍ତିକୁ ସ୍ପର୍ଶ କରେ ନାହିଁ। ଭଗବତ୍‌ଗୀତା ଭାରତୀୟ ଦର୍ଶନର ମୂଳମନ୍ତ୍ର। ପ୍ରଭୁ ଶ୍ରୀକୃଷ୍ଣଙ୍କ ଅମୃତବାଣୀ କେବଳ ଅର୍ଜୁନ କାହିଁକି, ସଂପୂର୍ଣ୍ଣ ମାନବ ସମାଜକୁ ଚିରକାଳ ବୁଦ୍ଧିଦୀପ୍ତ କରିଅଛି । ' କର୍ମଣ୍ୟେବ୍ୟାଧିକାରସ୍ତେମା ଫଳେଷୁ କଦାଚନ, ମା' କର୍ମଫଳ ହେତୁର୍ଭୁର୍ମାତେ ସଙ୍ଗେ ସ୍ୱାକର୍ମଣି'। କର୍ମରେ ମଣିଷର ଅଧିକାର ଅଛି। କଦାପି କର୍ମଫଳରେ ନାହିଁ।

ଭାରତୀୟ ଦର୍ଶନ କେତୋଟି ସ୍ୱତନ୍ତ୍ର ଗୁଣର ଅଧିକାରୀ ହୋଇଥିବାରୁ ଏହା ବିଶ୍ୱର ଅନ୍ୟ ଦାର୍ଶନିକ ଧାରାମାନଙ୍କ ଠାରୁ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଭାରତୀୟ ଦର୍ଶନ କର୍ମବାଦ ଓ ଉଦାରତାକୁ ବ୍ୟାପକ କରି ସାରା ବିଶ୍ୱରେ ନିଜର ସ୍ଥିତି ସୁଦୃଢ କରି ବିଶ୍ୱବବାସୀଙ୍କୁ କର୍ମବାଦର ପ୍ରେରଣା ଯୋଗାଇଛି। ସୃଷ୍ଟିର ସମସ୍ତ ମାନବ ସମାଜ ଏହି କର୍ମବାଦକୁ ନିଜର ଶରୀରତତ୍ତ୍ୱସହ ଉପଲବ୍ଧ କରି ତାକୁ କାର୍ଯ୍ୟରେ ପରିଣତ କରିପାରିଲେ, ଏ ସମାଜରେ ଏକ ସୁସ୍ଥବାତାବରଣ ପୁନର୍ବାର ଉଜ୍ଜୀବିତ ହେବ। କର୍ମହିଁ ଧର୍ମ ଓ ଭଗବାନ।

# ସମସ୍ତେ ନିର୍ଦ୍ଦୋଷ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)
ଗଙ୍ଗୋତ୍ରୀ ନଗର
ଶରୋଡ ନଂ-୩,
ଶିଶୁପାଳଗଡ
ମୋ-୪୩୭୯୯୪୩୭୯

ବହୁଚର୍ଚ୍ଚିତ ୨୦୦୬ ମୁମ୍ବାଇ ଟ୍ରେନ ବସ୍ଫୋରଣ ଓ ୨୦୦୮ ମାଲେଗାଁଓ ବିସ୍ଫୋରଣ ଘଟଣାରେ ଅଭିଯୁକ୍ତମାନେ ଅଦାଲତରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହେବା ତଦନ୍ତକାରୀ ସଂସ୍ଥାଗୁଡିକର ପାରିବାରପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲାରେ ଦୀର୍ଘ ୧୯ବର୍ଷ ପରେ ପ୍ରମାଣ ଅଭାବରୁ ହାଇକୋର୍ଟ ସମସ୍ତ ୧୨ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାର ସପ୍ତାହକ ପରେ ୨୦୦୮ ମାଲେଗାଁଓ ବିସ୍ଫୋରଣ ମାମଲାରେ ସ୍ୱତନ୍ତ୍ର ଅଦାଲତ ସମସ୍ତ ୭ଜଣ ଯାକ ଅଭିଯୁକ୍ତଙ୍କୁ ଖଲାସ କରିଦେଇଛନ୍ତି। ରାୟ ଘୋଷଣା କରି ସ୍ୱତନ୍ତ୍ର ଅଦାଲତର ବିଚାରପତି କହିଛନ୍ତି ଯେ, ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କୌଣସି ବଳିଷ୍ଠ ପ୍ରମାଣ ନାହିଁ, କେବଳ ଗୁରୁତର ସନ୍ଦେହର ବାତାବରଣ ରହିଛି। ତେଣୁ ଅଭିଯୁକ୍ତମାନଙ୍କୁ ଅଦାଲତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସନ୍ଦେହରେ କାହାରିକୁ ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କୌଣସି ହିନ୍ଦୁମାନେ କଦାପି ଆତଙ୍କବାଦୀ ହୋଇପାରିବେ ନାହିଁ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଘୋଷଣା କରିବାର ଦିନକ ପରେ ମାଲେଗାଁଓ ବିସ୍ଫୋରଣର ରାୟ ପ୍ରକାଶ ପାଇଛି। ଯେଉଁ ବିସ୍ଫୋରଣରେ ୬ଜଣଙ୍କର ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସମସ୍ତ ମୃତାହତଙ୍କ ମଧ୍ୟରେ ଅଧିକାଂଶ ସଂଖ୍ୟାଲଘୁ ସମ୍ପ୍ରଦାୟ ଥିଲେ। ମହାରାଷ୍ଟ୍ରରେ ମାଲେଗାଁଓ ଏକ ମୁସଲିମ ବହୁଳ ଅଞ୍ଚଳ ଭାବେ ପରିଚିତ। ମସଜିଦ୍ ନିକଟରେ ଏହି ବିସ୍ଫୋରଣ ଲୋକ ଗହଳି ଥିବା ସମୟରେ ସ୍ପଷ୍ଟ ଦିବାଲୋକରେ ଘଟିଥିଲା। ଏହି ବିସ୍ଫୋରଣ ଘଟଣାର ପଛରେ ଗୈରିକ ଆତଙ୍କବାଦୀଙ୍କ ହାତ ଥିବା ନେଇ ତତ୍‌କାଳୀନ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ବିସ୍ଫୋରଣରେ ସମ୍ପୃକ୍ତ ଥିବା ଅଭିଯୋଗରେ ବିଜେପିର ପୂର୍ବତନ ସାଂସଦ ସ୍ୱାଧ୍ୱୀ ପ୍ରଜ୍ଞା ଠାକୁରଙ୍କ ସମେତ ୭ଜଣଙ୍କୁ ମହାରାଷ୍ଟ୍ର ଏଟିଏସ ତଦନ୍ତ କରି ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଏହାର ତଦନ୍ତ ଦାୟିତ୍ୱ ଦେଶର ପ୍ରମୁଖ ଆତଙ୍କବାଦ ନିରୋଧି ସଂସ୍ଥା ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନଆଇଏ)କୁ ହସ୍ତାନ୍ତର କରାଯାଇଥିଲା। ଏହା ନିସନ୍ଦେହ ଯେ, ତଦନ୍ତରେ ଠୋସ୍ ପ୍ରମାଣ ସଂଗ୍ରହ କରିବାରେ ଏନଆଇଏ ବିଫଳ ହୋଇଥିବା ଅଦାଲତଙ୍କ ରାୟ ସ୍ପଷ୍ଟ ସଂକେତ ପ୍ରଦାନ କରେ। ବିଚାରପତି ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ଏକ ମୋଟର ବାଇକରେ ବିସ୍ଫୋରକ ଖଂଜାଯାଇଥିବା ନେଇ ଏନଆଇଏ ଅଦାଲତଙ୍କୁ ଅବଗତ କରାଇପାରିନାହିଁ। ସେହିପରି ବାଇକଟି ସ୍ୱାଧ୍ୱୀ ଠାକୁରଙ୍କ ମାଲିକାନାରେ ଥିବା ନେଇ ବଳିଷ୍ଠ ପ୍ରମାଣ ଉପସ୍ଥାପିତ କରିପାରିନାହିଁ। ତଦନ୍ତକାରୀ ଅଧିକାରୀ ପଞ୍ଚନାମା ପ୍ରସ୍ତୁତ କରିବା ସମୟରେ ଘଟଣାସ୍ଥଳର ନକ୍ସା(ସ୍କେଚ୍) ପ୍ରସ୍ତୁତ କରିନଥିଲେ କିମ୍ବା ଘଟଣାସ୍ଥଳରୁ କୌଣସି ଅଭିଯୁକ୍ତଙ୍କ ଅଙ୍ଗୁଳି ଛାପ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିନଥିଲେ। ଯେଉଁ ନମୁନା ସଂଗୃହୀତ ହୋଇଥିଲା, ସେଗୁଡିକ ନଷ୍ଟ ହୋଇଯାଇଥିବାରୁ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ବିଚାରପତି ଯାହା ଦର୍ଶାଇଛନ୍ତି, ତାହା ତଦନ୍ତକାରୀଙ୍କ ଅଜ୍ଞତା, ଅପରିପକ୍ୱତା ଓ ଖାମଖିଆଲ ମନୋଭାବକୁ ପ୍ରମାଣିତ କରୁଛି ବୋଲି କୁହାଯାଇପାରେ। ସେହିପରି ଅନ୍ୟତମ ଅଭିଯୁକ୍ତ ଲେଫ୍ଟନାଣ୍ଟ କର୍ଣ୍ଣେଲ ଶ୍ରୀକାନ୍ତ ପୁରୋହିତ ଏକ ଛାୟା ଦକ୍ଷୀଣପନ୍ଥୀ ଉଗ୍ରବାଦୀ ସଂଗଠନ ପାଇଁ ବିସ୍ଫୋରକ କିଣିବା ପାଇଁ ପାଣ୍ଠି ସଂଗ୍ରହ କରିବା ଏବଂ ସେଗୁଡିକୁ ନିଜ ବାସଭବନରେ ଲୁଚାଇ ରଖିଥିବା ନେଇ ତଦନ୍ତକାରୀ ଅଧିକାରୀ କୌଣସି ପ୍ରମାଣ ସଂଗ୍ରହ କରିବାରେ ବିଫଳ ହୋଇଛନ୍ତି। ଅନ୍ୟ ଭାଷାରେ ଏକ ବିସ୍ଫୋରଣ ସଂଗଠିତ ହୋଇଥିବା ପ୍ରମାଣ ବ୍ୟତୀତ ଏନଆଇଏ ଅନ୍ୟ କୌଣସି ଗୁରୁତର ଅଭିଯୋଗକୁ ପ୍ରମାଣିତ କରିପାରିନାହିଁ। କେବଳ ମାତ୍ର ସନ୍ଦେହ ବାସ୍ତବ ପ୍ରମାଣର ବିକଳ୍ପର ହୋଇପାରିବ ନାହିଁ। ଏଭଳି ନିମ୍ନମାନର ତଦନ୍ତ ପରିପ୍ରେକ୍ଷୀରେ ଏକ ଦଣ୍ଡବିଧାନ ସମ୍ପୂର୍ଣ୍ଣ ଅଯୌକ୍ତିକ ଏବଂ କାହାରିକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। କହିବା ବାହୁଲ୍ୟ ଯେ, ସ୍ୱାଧ୍ୱୀ ପ୍ରଜ୍ଞା ସିଂହ ଠାକୁର ଏବଂ ଅନ୍ୟ ୩ଜଣ ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ପାଉନଥିବାରୁ ସେମାନଙ୍କ ବିରୁଦ୍ଧରେ ମାମଲାକୁ ରଦ୍ଦ ପାଇଁ ୨୦୧୬ ମସିହାରେ ଏନଆଇଏ ସୁପାରିଶ କରିଥିଲା। ଏହା କ'ଣ ଅଭିଯୁକ୍ତମାନଙ୍କୁ ଖଲାସ କରିବା ପାଇଁ ଭବିଷ୍ୟବାଣୀ ଥିଲା କି ବୋଲି ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ। ମାଲେଗାଁଓ ବିସ୍ଫୋରଣ ଘଟଣା ଏଇଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ, ଏହି ଆକ୍ରମଣ ଘଟଣାରେ ପ୍ରଥମ ଥର ପାଇଁ ହିନ୍ଦୁ ଆତଙ୍କବାଦୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା, ଯାହାକି ଦେଶରେ ପ୍ରଥମ ଘଟଣା ଥିଲା। ଏହା ନିସନ୍ଦେହ ଯେ, ଆତଙ୍କ ମାମଲାରେ ଦୋଷୀଙ୍କୁ ଖୋଜି ବାହାର କରିବାକୁ ହେବ, ସେମାନଙ୍କ ଅପରାଧକୁ ପ୍ରମାଣିତ କରି ଦଣ୍ଡିତ କରିବାକୁ ହେବ। ଅପରାଧର ପ୍ରମାଣ ଖୋଜିବା ହେଉଛି ତଦନ୍ତକାରୀ ସଂସ୍ଥାର ଦାୟିତ୍ୱ। ଏହି ପ୍ରକ୍ରିୟା ଅନୁସରଣ କରିବାରେ ବିଫଳ ତଦନ୍ତକାରୀଙ୍କୁ ଉତ୍ତରଦାୟିତ୍ୱ ଫିକ୍ସ କରାଯିବା ଆବଶ୍ୟକ। ତେବେ ଆତଙ୍କ ମାମଲାରେ ତଦନ୍ତ ପାଇଁ ସମର୍ପିତ ତଦନ୍ତକାରୀ, ଉତ୍ତମ ଫୋରେନସିକ୍, ଉପଯୁକ୍ତ ପ୍ରକ୍ରିୟା ଅବଲମ୍ବନ ଏବଂ ରାଜନୈତିକ ଚାପମୁକ୍ତ ହେବା ଜରୁରୀ। ଅନ୍ୟଥା ଅଭିଯୁକ୍ତ ନିର୍ଦ୍ଦୋଷ ଖଲାସ ହେବା ସାର ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ।। ଶ୍ରାବଣୀ ।।

ସୁଜିତ କୁମାର ମିଶ୍ର

ଶ୍ରାବଣୀ ଗୋଟିଏ ଲୁହ ଜୁଡୁବୁଡୁ ସୁକୁମାରୀ ଝିଅ ନାଆଁ,
ଭିଜୁଥାଏ ଯିଏ ଭାବ ପଣତରେ ଭିଜାଇ ପ୍ରେମିକ ଗାଆଁ ।
ଶ୍ରାବଣୀ ଗୋଟିଏ ଅଚିହ୍ନା ସହରେ ହଜିଲା ଶ୍ରଦ୍ଧା ପାଉଁଜି,
ନିରୀହ ଓଠ ଯା ଝଡର କୋପରେ ନିରୁଦ୍ଦିଷ୍ଟ ଶୋଭାରାଜି ।

ଶ୍ରାବଣୀ ଗୋଟିଏ କୁହୁଳା ଛାତିର ସନ୍ତାପିତ ଶେଷଶିଖା,
ମନଖାତାରେ ସେ ମରଣର ଚିତ୍ର ମାନମୟୀ ବକ୍ରରେଖା ।
ଶ୍ରାବଣୀ ଗୋଟିଏ ପ୍ରତୀକ୍ଷା ବର୍ଷାରେ ଲାଜଲାଜ ଶ୍ରଦ୍ଧାନଇ,
ଜହ୍ନ ଆଲୁଅର ରଙ୍ଗ ମାଖିବାକୁ ଝୁରୁଥିବା ରାଧାରାଇ ।

ଶ୍ରାବଣୀ ଗୋଟିଏ ବଧୂଲି ଦେହର ସବୁଜ ସୁନ୍ଦର ଶାଢୀ,
ପ୍ରଣୟ ରାଗ ଯା ମେଘ ମେଦୁରିତ ପ୍ରାଣାକାଶେ ଭବ୍ୟଘଡି ।
ଶ୍ରାବଣୀ ଗୋଟିଏ ନିଆସୀ ମାଆର ବିବର୍ଣ୍ଣ ପଣତ କାନି,
ମିଛହସ ଯାର ସଂସାରର ପୁଣ୍ୟ ମାଙ୍ଗଳିକ ଶଙ୍ଖଧ୍ୱନି ।

ଶ୍ରାବଣୀ ଗୋଟିଏ ବିଦଗ୍ଧ ଗୀତର ସଜଳ ଚେତନା ସ୍ୱର,
ଯିଏ ବ୍ୟାପ୍ତିଟିଏ ନିଖିଳ ବିଶ୍ୱର ବିଶ୍ୱାସରେ ନିରନ୍ତର ।



ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ଝିଅଟି ସୀତା ପରି

ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ

ମାଟି ତଳେ କଣ ଝିଅ ଥାଏ ?
ପଚାରିଥିଲି ବୁଢୀମା'କୁ
ସୀତା କଣ ମାଟିରୁ ଜନ୍ମ
ସେଠି କଣ ତାଙ୍କ ପିତାମାତା ଥିଲେ
ତେବେ ସେ କେମିତି ମାଟିରୁ ଜନ୍ମ ହେଲେ ?
ଆଉ ଏଇ ମାଟିରେ ଲୋଟୁଥିବା କନ୍ୟାମାନେ
ସେମାନେ କଣ ସୀତା !
ସେମାନେ କଣ ଭୂମିକନ୍ୟା !
ହସିଲା ବୁଢୀମା, ତୁ ସତରେ ବୋକୀଟାଏ
ଏମାନେ ଭୂମିକନ୍ୟା ସତ କିନ୍ତୁ ସୀତା ନୁହେଁ
ସିଆରରୁ ବାହାରିଥିବା କନ୍ୟା ସୀତା
ଏମାନେ କାହିଁକି ହେବେନି ?

ସେ ବହ୍ନିକନ୍ୟା ଦ୍ରୌପଦୀ
ବହ୍ନିରୁ ଜାତ ବୋଲି ବହ୍ନିକନ୍ୟା
ଜାଳିଦେଇ ପାରିଥାନ୍ତେ ଦୁର୍ଯ୍ୟୋଧନକୁ
ସାରା କୁରୁ ସଭାକୁ ଅଭିଶାପ ଦେଇପାରିଥାନ୍ତେ
କିନ୍ତୁ ନିଜ ଶକ୍ତିକୁ ଆୟତ୍ତରେ ରଖିଲେ
ଅବିବେକୀ ଧୃତରାଷ୍ଟ୍ରଙ୍କର ଅନୁରୋଧ ରଖିଲେ
କାରଣ ସେ ନାରୀ ଧ୍ୱଂସକାରିଣୀ ନୁହେଁ ।

ହେ ଭୂମିକନ୍ୟାମାନେ !
ବୁଦାମୂଳରୁ ଜନ୍ମ ନିଅ ବୁଦାକନ୍ୟା ନାମେ
ନଦୀପଠାରୁ ଜନ୍ମ ନିଅ ପଠାକନ୍ୟାମାନେ
ତୁମେ ସୀତା ନୁହେଁ, ମିଳିବେନି ଜନକ ତୁମକୁ
ସେଇ ଅନାଥାଶ୍ରମ ତମର ସ୍ୱର୍ଗ ମର୍ତ୍ତ୍ୟ
ଝିଅ ସହେ ସହିବାକୁ ଜନ୍ମ ନିଏ
ସେ କୋମଳ କିନ୍ତୁ ଦୁର୍ବଳ ନୁହେଁ
ଆଉ କହିବନି 'ବିନାଶ୍ରୟେ ନ ବର୍ତ୍ତନ୍ତି
କବିତା ବନିତା ଲତା'
ସେ ଲତା ନୁହେଁ ଦ୍ରୁମଟିଏ
ସେ ପରିବାରର ମେରିଖୁଣ୍ଟ
ତା ଚାରିପାଖରେ ବୁଲୁଥାନ୍ତି ସାରା ପରିବାର ।

ସେ ବାଟି ହୁଏ କାଟି ହୁଏ
ଟକ୍ ମକ୍ ଫୁଟୁଥାଏ ହାଣ୍ଡିରେ
ସିଝୁଥାଏ ଚୂଲିରେ
ବୋହିଯାଏ ନଇଁଯାଏ ଝରିଯାଏ
ସହିଯାଏ ଦରପୋଡା କାଠଖଣ୍ଡେ ପରି
ଧୂଆଁର ଆସ୍ତରଣରେ ସାରାଜୀବନ
ପୁଣି ଉଠେ ପୁଣି ଚାଲେ
କେତେବେଳେ ମହାମହିମ ତ
କେତେବେଳେ ଦରପୋଡା ଶବ ।
ସବୁ କୋମଳତା ତାର ପଣବନ୍ଦୀ ଥାଏ
ଗୁଡିର ଦଉଡି ଆଉ କାହା ହାତରେ
ସ୍ୱପ୍ନ ଦେଖେ ସ୍ୱପ୍ନ ଭାଙ୍ଗେ
ସର୍ବ ସୁଲକ୍ଷଣୀ ହୁଏ ସୀତାପରି
ବିନା ପ୍ରତିରୋଧରେ ବିନା ପ୍ରତିବାଦରେ
ସିଏ ଝିଅ, ଜଳିବାକୁ ମରିବାକୁ ତାର ଜନମ ।

ଭୁବନେଶ୍ୱର ୧୬
ମୋ-୮୮୯୫୨୭୪୭୯୪

## ସୁଖ-ଦୁଃଖ...

ନୃସିଂହ ଚରଣ ବେହେରା

ସୁଖ-ଦୁଃଖ ଦୁହେଁ ଯାଆଁଳା ଭଉଣୀ
ଧସେଇ ପଶନ୍ତି ଜୀବନରେ
ସୁବିଧା ସୁଯୋଗକୁ ଉଣ୍ଡି..
କେମିତି କେଜାଣି ଜାଣନ୍ତି ସେମାନେ
ଅକାଳେ ସକାଳେ ହାତ ଧରାଧରି ହୋଇ
ଚୁପ୍‌ଚାପ୍ ପାଦ ଚିପିଚିପି
ପଶି ଆସନ୍ତି ଆମଜୀବନ ପରିଧିକୁ ।
ଦୁଃଖ ଆସିଲେ ଜଣେ ମରିମରି ଜୀଏଁ
ଆଉ ଜୀଇଁବା ନାଁରେ ପିଇ ଚାଲେ
ଢୋକ ଢୋକ ମରଣ..
ଆକ୍ତା ମାକ୍ତା ହୁଏ ଦୁଃଖର ଜାଳ ଭିତରେ
ଏମିତିଆ ଅଣନିଃଶ୍ୱାସୀ ପରିସ୍ଥିତି ଭିତରେ
ମୃଦୁ ମଳୟର ପରଶ ନେଇ ପଶି ଆସେ
କାଣିଚାଏ ଲହର ସୁଖର..
କରିଦିଏ ସୁନ୍ଦର ଯନ୍ତ୍ରଣା କାତର ଜୀବନକୁ ।
ଦୁଃଖଟା ପୁରା ଅସହିଷ୍ଣୁ ହିଂସୁକ..
ପାରେ ନାହିଁ ସହି କାହାର ସୁଖ
ସଜମାଛରେ ସେ ପୋକ ପକେଇ ଦିଏ
ସୂର୍ଯ୍ୟକିରଣର ଅସ୍ତିତ୍ୱକୁ ବଦଳେଇ ସେ
ଅନ୍ଧକାରର ଅସ୍ତିତ୍ୱକୁ କରେ ପ୍ରକାଶ
ସମୟକୁ ସେ ଯେମିତି ଆଦେଶ ଦେବ
ରୀତିମତ ଜଳେଇ ରଖିବାକୁ ଦୁଃଖର ଦୀପକୁ ।
ଦୁଃଖର ଆଦେଶକୁ ଅମାନ୍ୟ କରିବାକୁ
କାହାର ଅଛି ଅବା ସତ୍‌ସାହସ ?
ତା'ର କଠୋର ଆଦେଶ ଆଗରେ
ବେଳ ଅବେଳରେ ନିଜକୁ ଅସହାୟ ମଣନ୍ତି
ଏ ସୃଷ୍ଟିର ସୃଷ୍ଟିକର୍ତ୍ତା..ବିଶ୍ୱ ନିୟନ୍ତା
ଆଉ ନିଜ ଅନିଚ୍ଛା ସତ୍ତ୍ୱେ ସେ
ପଛକୁ ଠେଲି ଦିଅନ୍ତି ସୁଖକୁ ।

ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,
ୟୁନିଟ୍-୯ (ଫ୍ଲାଟ), ଭୁବନେଶ୍ୱର-୨୨ ଫୋନ୍-୯୦୯୦୪୫୯୭୪୫

## କେଉଁଠି ଅଛୁ ଝିଅ ମୋର

ହରିଶ୍ଚନ୍ଦ୍ର ବେହେରା

କେଉଁଠି ଅଛୁ ଝିଅ ମୋର
ଖୋଜି ଆସିଲିଣି ଆକାଶ ପାତାଳ
ଅଣଚାଶ ପବନ
ସସାଗରା ପୃଥ୍ୱୀ
ଅନ୍ତରାତ୍ମାର ସବୁ ଖିଲାଣ ଖୋଲି

କେଉଁଠି ଅଛୁ ମା' ମୋର
ଦେଖୁନୁ ଦୁଆର ସାମ୍ନାରେ ବସେଇ ସାରିଲିଣି
ମଙ୍ଗଳ ଘଟ
ପୋତି ଦେଲିଣି କଦଳୀ ପୁଆ
ବାଜିଲାଣି ସାହାନାଇ
ଆ' ଗଡ଼ି ଯାଉଛି ମଙ୍ଗୁଳା ବେଳ

କେତେ ଆବାହନ ରାତି ବିତିଯାଇଛି
ପାଦର ରୁଣୁଝୁଣୁ ଶୁଣୁଶୁଣୁ
ରଜନୀ ଗନ୍ଧାରେ ମହକି ଯାଏ ପ୍ରାଣ ପୁର
ଅଥଚ - - -

କେଉଁଠି ଅଛୁ ନୀଳ ସରସ୍ୱତୀ ମୋର
ଆ' ଶଦ୍ଦର ମାଟି ପ୍ରତିମାଟିଏ ହୋଇ
ଓଲ୍ଲେହି ଆ

କେଉଁ ପଦ୍ମତୋଳା ଗାଇ ଜାଣିଛି ଯେ
ଶବ୍ଦବନ୍ଧରେ ଛନ୍ଦିଦେବି ତୋ ପାଦ
କେଉଁ ସ୍ୱର ଲୟରେ ବଜେଇ ଜାଣେ ବଂଶୀ ଯେ
ଶିହରି ଉଠିବ କଦମ୍ବ ବନ
ଉଜାଣି ବୋହିବ ଇଛାମତୀ ନଈ

ମୁଁ ତ ମେଘ ଅନ୍ଧାର କୁ ଖୁବ୍ ଭଲ ପାଏ
ଝରକା ପାଖେ ସାରା ରାତି ଉଜାଗର ହୋଇ
କାଳେ ଦିଶିବ ରିମ ଝିମ ବର୍ଷାରେ
ଜୁଡ଼ାରୁ ବଣଫୁଲ ମହକ ବିଞ୍ଚି ବିଞ୍ଚି ନାଚୁଥିବ କେଉଁଠି

ମୁଁ ତ ପାଗଳ ପୁଅଟେ ତୋର
ମା' ମା' ଡାକି ଡାକି ଧାଉଁ ଥିବି ପଛେ ପଛେ
ଅବସୋସ୍‌ରେ ଘାରି ହେଉଥିବି ଜୀବନ ଯାକ ।।



କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

## ମାଆର ପଣତ

ରତ୍ନକାନ୍ତି ମିଶ୍ର



ମାଆର ପଣତ ଅଢ଼େଇ ହାତ
ସତେକି ପତିତପାବନ ନେତ
ସନ୍ତାନ ମଙ୍ଗଳ ପାଇଁ
ବନ୍ଧା ଥାଏ ସେଠି ସୁଖ ଅଇଶ୍ୱର୍ଯ୍ୟ
ତା ସରିକି କିଛି ନାହିଁ ।।

ଦେହେ ଲାଗିଥିଲେ ଦାଣ୍ଡର ଧୂଳି
ପଣତ ସରାଗେ ଦିଅଇ ଝାଡି
ପୋଛି ଦିଏ ଆଖି ଲୁହ,
ଝାଳ ନାଳ ପୋଛି କରଇ ସୁତୁରା
ତା ପରି ହେବ କେ କୁହ !!

ଦାମୀ ହେଉ ଅବା ଚିରା କି ଫଟା
ରଙ୍ଗ ଭିନ୍ନ ଭିନ୍ନ ମହତ ଏକା
ଜହ୍ନ ଠୁ ଶୀତଳ ଛାଇ
ସନ୍ତାନ ପାଇଁ କି ଆସୁ ଯେତେ ବିଘ୍ନ
ସୁରକ୍ଷା କବଚ ସେହି ।।

ମାଆ ପଣତର ନାହିଁ ବିକଳ୍ପ
ଐଶ୍ୱର୍ଯ୍ୟ ମଣ୍ଡିତ ତା ରୂପକଳ୍ପ
କରିଲେ ସନ୍ତାନ ଅଳି
କୁହୁକ ପରାଏ ଯାଚିଦେଇ ଖୁସି
ସତେ ସେ ଉଠଇ ଝଳି ।।

ସେ ପଣତ ତଳେ ସରଗ ସୁଖ
ଭୁଲି ହୋଇଯାଏ ଯାତନା ଦୁଃଖ
କେବେ ସେ ଝୁଲଣ ସାଜେ
ଶୋଇଯାଏ ଶିଶୁ ନିଶ୍ଚିତ ନିଦରେ
ସପନ ରାଇଜେ ହଜେ ।।

ପଣତ ନୁହେଁ ସେ ଆମରି ଭେକ
ସେଠି ଠୁଳ ପରା ସରଗ ସୁଖ
ମମତା ଭଣ୍ଡାର ସେଇ
ବଞ୍ଚି ଥିବା ଯାଏ ସନ୍ତାନ ଉପରେ
ଦିଶୁଥାଏ ତା'ର ଛାଇ ।।

ଆଳି, କେନ୍ଦ୍ରାପଡା

## ପେନ୍ଥାଏ କବିତାର ସ୍ୱର

ଶରତ କୁମାର ଦାସ

ଦୁଃଖ
ଅଷାଢ଼ର ଅଶାନ୍ତ ମେଘଖଣ୍ଡ ଭଳି
ଭାସୁଥାନ୍ତି ଭେଳାଭେଳା ଦୁଃଖର ବାଦଲ,
ବର୍ଷନ୍ତି ମନଇଚ୍ଛା ଦେହର ଦେହଳୀ ଡେଇଁ
ସବୁ ତାଗିଦକୁ ଫୁ' କରି ଅନାୟସରେ।
ତରଳିଯାଏ ସକଳ ଧୈର୍ଯ୍ୟର ନଭଶ୍ଚୁମ୍ବୀ ସ୍ତୁପ
ଆଖି ହଳକରେ ନିଆଁ ଜଳେ ହୁତୁହୁତୁ
ପୋଡ଼ି ପାଉଁଶ ହୁଏ ଇନ୍ଦ୍ରପ୍ରସ୍ଥର କମନୀୟ ରୂପ
ଟପଟପ ଲୁହ ବିନ୍ଦୁ ଧାରେ ମାଟି ହୁଏ ସିକ୍ତ।



ସୁଖ
-----------
ଶିରାପ୍ରଶିରାରେ ଖୁନ୍ଦିହୋଇ
କସ୍ତୁରୀ ସୁଗନ୍ଧ ଭଳି ବାସୁଥାଏ ମହମହ,
ଅନୁରାଗର ଶିକୁଳିରେ ବନ୍ଧାପଡ଼େ
ରକ୍ତ, ମାଂସ, ହାଡ଼ ଓ ମଗଜ ।
ବିଚ୍ଛୁରିତ ହୁଏ ସ୍ୱପ୍ନର ପରାଗ
ସ୍ୱତଃ ଗଜୁରିଉଠେ କବିତାର ଅନାବନା ଗଛ
ପବନର ମୁକୁଳା ଛାତିରେ ;
ମୁକ୍ତାକାଶେ ଡେଣାଝାଡ଼ି ଉଡ଼ନ୍ତି ଖୁସିର ବହିଙ୍ଗ
ନେସିହୁଏ ହାତ ପାପୁଲିରେ
ସୁଖ ଓ ସୌଭାଗ୍ୟର ଗୋଟେ ପୁଷ୍ପିତ ପ୍ରଭାତ ।

ଜୀବନ
---------------
ତମାମ୍ ସୁଖ ଓ ଦୁଃଖର ଲାଭକ୍ଷତିକୁ
ପିଠିରେ ଲାଉକରି ଅଙ୍କ କଷୁଥିବା ମଣିଷ ତ
ପାଲଟି ଯାଏ ଏକ ସୁଦୀର୍ଘ ମରୁର ପାହାଡ଼ ।
ଅଛିଣ୍ଡା ଭଗ୍ନାଂଶର ସୂତ୍ର ଖୋଜୁ ଖୋଜୁ
କେତେବେଳେ ଜିତୁଥାଏ ଜୀବନ
ଆଉ କେତେବେଳେ ହାରୁଥାଏ ବାରବାର ।
ନିଃଶ୍ୱାସ ହୁଏ କ୍ଷତାକ୍ତ ଓ ଯନ୍ତ୍ରଣାକ୍ତ,
ଭାଙ୍ଗିଯାଏ ତାଆସର ଘର ଭଳି
ହାତଗଢ଼ା ଯେତେ ବିଶ୍ୱାସର ରଙ୍ଗିନ ତୋରଣ।



ନିର୍ବାଣ
ଏକ ଆକାଂକ୍ଷିତ ଅନ୍ୱେଷାରେ ରଙ୍ଗମାଖି
ଚାଲିବାକୁ ହୁଏ ମରୁର ଛାତିରେ ;
ଡେଇଁବାକୁ ହୁଏ ଧୂଳିର ଧୂମାଳ,
ଅତିକ୍ରମ କରିବାକୁ ହୁଏ ନିଆଁର ଅର୍ଗଳି ।
ଆତ୍ମବିଶ୍ୱାସର ନାଭିକେନ୍ଦ୍ରକୁ
ସଶକ୍ତ କରିବାର ଅଦମ୍ୟ ସାହସ ବଳେ
ଝଲମଲ ହୁଏ ସେଇ ନିଷିଦ୍ଧ ଇଲାକା;
ପ୍ରଜ୍ୱଳିତ ହୁଏ ମୁକ୍ତିର ଅଲିଭା ସଳିତା
ମିଳିଯାଏ ସ୍ୱତଃ ବନ୍ଧନ-ମୁକ୍ତ ଦୁର୍ଲ୍ଲଭ ନିର୍ବାଣ ।



ଅଧ୍ୟାପକ
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର , ମୋ-୮୨୪୯୧୩୭୦୯୧

## ସିନ୍ଦୂର

ଜଗନ ପାଳ

ଶୁଣୁଚ......
ଏ ସିନ୍ଦୂର ମତେ ଭିନ୍ନ ପରିଚୟ ଦେଇଛି
ଝିଅରୁ ବୋହୂ ହେବା ଯାଏଁ
ଘରରୁ ପର ହେବା ଯାଏଁ
ସାନରୁ ବଡ଼ ହେବା ଯାଏଁ
ସବୁର ପରିଚୟ ଦେଇଛି

ମତେ ଅହିସୁଲକ୍ଷଣୀର ଆଶୀର୍ବାଦ ଦେଇଛି
ମତେ ମୋ ଭିତରେ 'ମୁଁ'କୁ ମାରିଦେଇ ତମର କରିନେଇଛି
ଓଢ଼ଣୀ ନୁହେଁ ଓଢଣା ଭିତରେ ମତେ ସୁନ୍ଦର କରିଛି
ଅଲିଅଳି ଅଭିମାନୀକୁ ଦାୟିତ୍ୱସମ୍ପର୍ଣ୍ଣା କରି ଦେଇଛି
ଏ ସିନ୍ଦୂର ମତେ ଭିନ୍ନ ପରିଚୟ ଦେଇଛି। ।।

ମତେ ଭିନ୍ନ ପରିଚୟ ଦେଇ ତିଳରୁ ତିଳୋତ୍ତମା ସଜେଇଛି
ଚୁଲବୁଲିରୁ ଚୁପ୍ ରହିବା ଯାଏଁ
ବେହିସାବିରୁ ହିସାବୀ ହେବା ଯାଏଁ
କଙ୍କଣରୁ କାଚ, କାଚରୁ ଶଙ୍ଖା ଯାଏଁ
ଚୁଡ଼ିଦାରରୁ ଶାଢ଼ି ଯାଏଁ
ସବୁର ପରିଚୟ ଦେଇଛି
ମତେ ଅଣ୍ଡିରିଚଣ୍ଡୀରୁ ଅଳଙ୍କୃତା ସଜେଇଛି
ମୁଁ ଅନେକଙ୍କ ଭିତରେ ମତେ ହଜେଇ ଦେଇ ସେମାନଙ୍କୁ ଅପଣେଇଛି
ଖାଲି କଳା ଫିତା ବାନ୍ଧି ନୁହେଁ, ପାଉଁଜି ଆଉ ଅଳତାକୁ ନେଇ ପାଦକୁ ସଜେଇଛି
କାନ୍ଦୁରୀ ଡରକୁଳୀକୁ ସାହସୀ କରିଦେଇଛି
ଶୁଣୁଚ ... ଏ ସିନ୍ଦୂର ମତେ ଭିନ୍ନ ପରିଚୟ ଦେଇଛି ।

ନିଜ ଲୁହକୁ ଆଖିରେ ଲୁଚେଇ ଦେଇ ଅନ୍ୟମାନଙ୍କ ହସର ଖୋରାକ ପାଲଟିଛି
ନିଜେ ଗେଲ ହେବା ଭୁଲି ପରିବାରକୁ ସ୍ନେହ ଭଲ ପାଇବା ବାଣ୍ଟି ଚାଲିଛି
ବୟସ ବୟସ୍କ ବୟୋଜ୍ୟେଷ୍ଠ ମଧ୍ୟରେ
ନିଜେ ନିଜକୁ ଉତ୍ସର୍ଗ କରିସାରିଛି
ଶୁଣୁଚ ... ଏ ସିନ୍ଦୂର ମତେ ଭିନ୍ନ ପରିଚୟ ଦେଇଛି ।

'ତୁ-ତା' ଠାରୁ ତମେ - ଆପଣ ଆଡ଼କୁ ନେଇଛି
ଏକା ରହିବା ଅପେକ୍ଷା ଅନେକଙ୍କୁ ଏକ କରିବା ଶିଖେଇଛି
ଖାଲି ଶଙ୍ଖା ସିନ୍ଦୂର ଶାଢ଼ିର ଆତ୍ମମର୍ଯ୍ୟାଦା ନୁହେଁ
ଏରୁଣ୍ଡି ବନ୍ଧର ଶୃଙ୍ଖଳା ବନ୍ଧନରେ ବାନ୍ଧି ଦେଇଛି
ସୁଲକ୍ଷଣା ଗୃହଲକ୍ଷ୍ମୀ ଟିଏ କରି
ପରିବାରର ଆତ୍ମସମ୍ମାନ ସଜେଇଦେଇଛି
ଶୁଣୁଚ....ଏ ସିନ୍ଦୂର ମତେ ଭିନ୍ନ ପରିଚୟ ଦେଇଛି ।।



ପ୍ରଥମ ବର୍ଷ ଓଡିଆ ସ୍ନାତକ ବିଭାଗ ଉତ୍କଳ ୟୁନିଭର୍ସ ସିଟି
ପିନ୍-୭୫୪୦୩୦, ମୋ-୯୬୬୮୫୬୩୦୦୩

# ଏସିଆ କପ୍‌ରେ ଭାରତ ବିପକ୍ଷରେ ଖେଳିବେ ୟୁଏଇ ପକ୍ଷରୁ ୨୦ ବର୍ଷୀୟ ଭାରତୀୟ ଖେଳାଳି



**ନୂଆଦିଲ୍ଲୀ**

ଏସିଆ କପ ୨୦୨୫ ସେପ୍ଟେମ୍ବର ୯ ତାରିଖରେ ଆରମ୍ଭ ହେବ। ସେହିପରି ଦ୍ୱିତୀୟ ମ୍ୟାଚ ୧୦ ସେପ୍ଟେମ୍ବରରେ ଭାରତ ଏବଂ ୟୁଏଇ ମଧ୍ୟରେ ଖେଳାଯିବ। ଏହା ଉଭୟ ଦଳର ପ୍ରଥମ ମ୍ୟାଚ୍ ହେବ, ଯେଉଁଥିରେ ପ୍ରଶଂସକଙ୍କ ନଜର ଭାରତୀୟ ଖେଳାଳିଙ୍କ ଉପରେ ରହିବ। କିନ୍ତୁ ଏହି ମ୍ୟାଚ୍‌ର ସବୁଠାରୁ ବଡ଼ କାହାଣୀ ହେବ ଗାଜିଆବାଦର ଯୁବ କ୍ରିକେଟର ଆର୍ଯ୍ୟାନ୍‌ଶ ଶର୍ମାଙ୍କ। ଭାରତରେ ଜନ୍ମିତ ଏହି ଖେଳାଳିଙ୍କୁ ୟୁଏଇ ଦଳରେ ଚୟନ କରାଯାଇଛି ଏବଂ ଏବେ ସେ ସେହି ଦେଶ ବିପକ୍ଷରେ ମଇଦାନକୁ ଓହ୍ଲାଇବେ ଯେଉଁଠାରେ ସେ ତାଙ୍କ ପିଲାଦିନ ବିତାଇଥିଲେ। ଏସିଆ କପ ୨୦୨୫ ପାଇଁ ୟୁଏଇର ସମ୍ଭାବ୍ୟ ଦଳରେ ଦୁଇଜଣ ଉଇକେଟ୍‌କିପର ଅଛନ୍ତି, ଯାହାଙ୍କ ମଧ୍ୟରୁ ଜଣେ ୨୦ ବର୍ଷୀୟ ବ୍ୟାଟସମ୍ୟାନ ଏବଂ ଗାଜିଆବାଦର ଉଇକେଟ୍‌କିପର ଆର୍ଯ୍ୟାନ୍‌ଶ। ଆର୍ଯ୍ୟାନ୍‌ଶଙ୍କ ଜନ୍ମ ୩ ଡିସେମ୍ବର ୨୦୦୪ରେ ଉତ୍ତର ପ୍ରଦେଶର ଗାଜିଆବାଦରେ ହୋଇଥିଲା। ସେ ମାତ୍ର ଦୁଇ ବର୍ଷ ବୟସରେ ତାଙ୍କ ପରିବାର ସହିତ ୟୁଏଇ ଚାଲିଯାଇଥିଲେ। ଦୁବାଇରେ ପାଠପଢ଼ା ସମୟରେ ତାଙ୍କର କ୍ରିକେଟ ପ୍ରତି ଆଗ୍ରହ ବଢ଼ିଥିଲା ଏବଂ ପରିବାରର ସହାୟତାରେ ସେ କ୍ରିକେଟରେ ନିଜର କ୍ୟାରିଅର କରିଥିଲେ।

ଆର୍ଯ୍ୟାନ୍‌ଶ ପ୍ରଥମ ଥର ପାଇଁ ୨୦୨୨ ଅଣ୍ଡର-୧୦ ବିଶ୍ୱକପରେ ଟଇର ର ପ୍ରତିନିଧିତ୍ୱ କରିଥିଲେ। ଏହା ପରେ, ସେ ୨୦୨୪ ଟି-୨୦ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟରେ ମଧ୍ୟ ଦଳର ଅଂଶ ଥିଲେ। ୨୦୨୩ରେ ତାଙ୍କୁ ଏକ ବଡ଼ ସୁଯୋଗ ମିଳିଥିଲା, ଯେତେବେଳେ ସେ ନେପାଳରେ ତ୍ରି-ସିରିଜ ପାଇଁ ୟୁଏଇ ସିନିୟର ଦଳରେ ସ୍ଥାନ ପାଇଥିଲେ। ଏହି ସିରିଜ ମାଧ୍ୟମରେ ୟୁଏଇ କ୍ରିକେଟ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟରେ ପ୍ରବେଶ କରିଥିଲେ।

# ଗୋଆରେ ହେବ ଚେସ୍ ବିଶ୍ୱକପ

**ନୂଆଦିଲ୍ଲୀ**

ଚଳିତବର୍ଷର ଫିଡେ ଚେସ୍ ବିଶ୍ୱକପ୍ ଗୋଆରେ ଖେଳାଯିବ। ଏହି ବିଶ୍ୱକପ୍ ଅକ୍ଟୋବର ୩୦ରୁ ନଭେମ୍ବର ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୫ ଥର ବିଶ୍ୱ ଚମ୍ପିଆନ୍ ମ୍ୟାଗ୍ନସ କାର୍ଲସେନ୍ ଏହି ବିଶ୍ୱକପ୍ ଖେଳିବା ସମ୍ଭାବନା କମ୍। ବିଶ୍ୱକପ୍‌ରେ ମୋଟ ୨୦୬ ଜଣ ଖେଳିବେ। ସେମାନଙ୍କ ମଧ୍ୟରୁ ପ୍ରଥମ ୫୦ ଜଣ ପ୍ରଥମ ରାଉଣ୍ଡରେ ବାଇ ପାଇଛନ୍ତି। ୫୧ରୁ ୨୦୬ ମାନ୍ୟତା ପାଇଥିବା ଖେଳାଳି ୨ଟି ଗେମ୍ ୮ ରାଉଣ୍ଡ ଧରି ଖେଳିବେ। ପ୍ରତି ରାଉଣ୍ଡ ୩ ଦିନିଆ ହେବ। ପ୍ରଥମ ୨ ଦିନ କ୍ଲାସିକାଲ ମୁକାବିଲା ହେବ। ଏଥିରେ ଫଇସଲା ନ ହେଲେ ୩ୟ ଦିନରେ ରାପିଡ୍ ଓ ବ୍ଲିଜ୍ ଟାଇବ୍ରେକର ଖେଳାଯିବ। ଏହି ବିଶ୍ୱକପ୍ ଖେଳିବାକୁ ୨୧ ଜଣ ଭାରତୀୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଥିରେ ୫ ଥର ବିଶ୍ୱ ଚାମ୍ପିଅନ୍ ବିଶ୍ୱନାଥନ୍ ଆନନ୍ଦ ମଧ୍ୟ ରହିଛନ୍ତି। ପ୍ରତିଯୋଗିତାରେ ୨ ନିଯୁତ ଆମେରିକୀୟ ଡଲାର (୧୭.୫ କୋଟି ଟଙ୍କା) ପୁରସ୍କାର ରାଶି ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ୩ଟି ସ୍ଥାନରେ ଥିବା ଖେଳାଳି ୨୦୨୬ କ୍ୟାଣ୍ଡିଡେଟ୍‌ସ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ।

# ବିଶ୍ୱର ୨ ନମ୍ବର ଖେଳାଳିଙ୍କୁ ହରାଇଲେ ପିଭି ସିନ୍ଧୁ

**ନୂଆଦିଲ୍ଲୀ**




ଦେଶର ସୁନା ଝିଅ ପିଭି ସିନ୍ଧୁ କମାଲ କରିଛନ୍ତି। ଏବେ ବି ତାଙ୍କ ଭିତରେ ଅନେକ ଖେଳ ବାକି ରହିଛି ବୋଲି ସେ ପ୍ରମାଣ କରି ଦେଖାଇଛନ୍ତି। ବେଶ୍ କିଛି ସିଜିନରେ ଆଶା ଅନୁସାରେ ପ୍ରଦର୍ଶନ କରିପାରୁ ନଥିବା ୩୦ ବର୍ଷୀୟ ସିନ୍ଧୁ ପ୍ୟାରିସରେ କମାଲ କରିଛନ୍ତି। ବିଶ୍ୱ ଚାମ୍ପିୟନ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ସିନ୍ଧୁ ବିଶ୍ୱର ଦୁଇ ନମ୍ବରର ସଟଲର ୱାଙ୍ଗ ଝି ୟିଙ୍କୁ ହରାଇ ଦେଇଛନ୍ତି।

ଚାଇନିଜ ସଟଲର ୱାଙ୍ଗ ସିଜିନର ସବୁଠାରୁ ସ୍ଥିର ଖେଳାଳି ହୋଇଥିଲେ ହେଁ ସିନ୍ଧୁ ତାଙ୍କୁ ସିଧାସଳଖ ୨-୦ ସେଟ୍‌ରେ ମାତ ଦେଇ ବିଶ୍ୱ ଚାମ୍ପିୟନସିପରୁ ବିଦା କରିଦେଇଛନ୍ତି। ମ୍ୟାଚ୍‌କୁ ସିନ୍ଧୁ ୨୧-୧୭ ଓ ୨୧-୧୫ରେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୨୧ ପରେ ପ୍ରଥମଥର ପାଇଁ ସିନ୍ଧୁ ବିଶ୍ୱ ଚାମ୍ପିୟନସିପର କ୍ୱାର୍ଟର ଫାଇନାଲ ଶୁକ୍ରବାର ଖେଳିବେ।

ବିଶ୍ୱର ୧୫ନମ୍ବର ସ୍ଥାନରେ ଥିବା ସିନ୍ଧୁଙ୍କ ମୁକାବିଲା ଇଣ୍ଡୋନେସିଆର ପୁତ୍ରି କୁସୁମା ୱାର୍ଡାନିଙ୍କ ସହ ହେବ। ସିନ୍ଧୁ ନିଜ ବ୍ୟାଡ୍‌ମିଣ୍ଟନ କ୍ୟାରିୟରର ୬ଷ୍ଠ ମେଡାଲ ଜିତିବା ଠାରୁ ମାତ୍ର ଗୋଟିଏ ପାଦ ଦୂରରେ ରହିଛନ୍ତି। ସେମିରେ ପ୍ରବେଶ କରିବା କ୍ଷଣି ସେ ଅତିକମରେ ବ୍ରୋଞ୍ଜ ମେଡାଲ ପକ୍କା କରି ନେବେ।

ରିଓରେ ରୌପ୍ୟ ପଦକ ଜିତିବା ଓ ୨୦୧୯ରେ ବିଶ୍ୱ ଚାମ୍ପିୟନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ସିନ୍ଧୁଙ୍କ ପ୍ରଦର୍ଶନ ବେଶ କିଛି ବର୍ଷ ହେବ ନିମ୍ନଗାମୀ ହୋଇ ଚାଲିଥିଲା। ଗୁରୁବାର ମ୍ୟାଚ୍‌ରେ ମଧ୍ୟ ୱାଙ୍ଗ ଜିତିବେ ବୋଲି ସମସ୍ତେ ଆଶା କରିଥିଲେ। ହେଲେ ବଡ଼ ଖେଳାଳି ଠିକ୍ ସମୟରେ ରଣହୁଙ୍କାର ଦେଇ କମ୍‌ବ୍ୟାକ୍ କରନ୍ତି। ଏହାକୁ ସିନ୍ଧୁ ପ୍ୟାରିସ୍ କୋର୍ଟରେ ପ୍ରମାଣିତ କରି ଦେଖାଇଛନ୍ତି। ଏହି ବିଜୟ ହିଁ ତାଙ୍କ ଦକ୍ଷତାର କାହାଣୀକୁ ପ୍ରଦର୍ଶିତ କରିଛି।

ଚଳିତ ସିଜିନରେ ୱାଙ୍ଗ ସ୍ଥିର ପ୍ରଦର୍ଶନ କରି ଆସିଥିଲେ। ସେ ଚାଇନା ଓପନ ଜିତିବା ସହ ୬ଟି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସିନ୍ଧୁ ବିଶ୍ୱ ଚାମ୍ପିୟନସିପ ପୂର୍ବରୁ ଭଲ ପ୍ରଦର୍ଶନ କରି ନଥିବାରୁ ୱାଙ୍ଗ ବାଜି ମାରିନେବ ବୋଲି କୁହାଯାଉଥିଲା। ହେଲେ ୪୮ ମିନିଟ ଭିତରେ ୫ଥରର ବିଶ୍ୱ ଚାମ୍ପିୟନସିପ ପଦକ ବିଜେତା ସିନ୍ଧୁ ସମସ୍ତଙ୍କୁ ଜଳକା କରି ୱାଙ୍ଗଙ୍କୁ ହରାଇ ଦେଇଛନ୍ତି।

# ବିସ୍ଫୋରକ ବୟାନ ଦେଲେ ଏସିଆ କପରୁ ବାଦ୍ ପଡ଼ିଥିବା ମହମ୍ମଦ ଶାମି

**ନୂଆଦିଲ୍ଲୀ**



୩୪ ବର୍ଷୀୟ ମହମ୍ମଦ ଶାମି ଖରାପ ଫିଟ୍‌ନେସ ସହିତ ଲଗାତାର ସଂଘର୍ଷ କରୁଛନ୍ତି। ୨୦୨୩ ଦିନିକିଆ ବିଶ୍ୱକପ ପରେ, ସେ ଟିମ୍ ଇଣ୍ଡିଆ ପାଇଁ କେବଳ ୭ଟି ମ୍ୟାଚ୍ ଖେଳିଛନ୍ତି। ତାଙ୍କୁ ଶେଷ ଥର ପାଇଁ ଚାମ୍ପିଅନ୍ସ ଟ୍ରଫିରେ ଖେଳିବାକୁ ଦେଖାଯାଇଥିଲା, ଯାହା ପରେ ତାଙ୍କୁ ଏସିଆ କପ ଦଳରୁ ମଧ୍ୟ ଅଣଦେଖା କରାଯାଇଛି। ଏପରି ପରିସ୍ଥିତିରେ, ତାଙ୍କ ଅବସର ନେଇ ଗୁଜବ ଆସିବା ଆରମ୍ଭ ହୋଇଥିଲା, କିନ୍ତୁ ଏବେ ସେ ଶେଷରେ ଅବସର ନେଇ ତାଙ୍କର ନୀରବତା ଭାଙ୍ଗିଛନ୍ତି। ଶାମି ସ୍ପଷ୍ଟ କରିଛନ୍ତି ଯେ ତାଙ୍କର ଏବେ ଅବସର ନେବାର କୌଣସି ଇଚ୍ଛା ନାହିଁ।

ରିପୋର୍ଟ ଅନୁଯାୟୀ, ଶାମି କହିଛନ୍ତି ଯେ ସେ ଘରୋଇ କ୍ରିକେଟରେ କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ ଏବଂ ତାଙ୍କର ଲକ୍ଷ୍ୟ ଟିମ୍ ଇଣ୍ଡିଆକୁ ଫେରିବା। ଏହା ସହିତ, ସେ ଏହା ମଧ୍ୟ କହିଛନ୍ତି ଯେ ସେ ଭାରତ ପାଇଁ ୨୦୨୭ ଦିନିକିଆ ବିଶ୍ୱକପ ଜିତିବାକୁ ଚାହାନ୍ତି। ଶାମି କହିଛନ୍ତି, ଯଦି କାହାର ସମସ୍ୟା ଅଛି, ତେବେ ମୋତେ ଆସି କୁହ। ମୋର ଅବସର କାହାର ଜୀବନକୁ ଉନ୍ନତ କରିବ କି? ମୋତେ କୁହ ମୁଁ କାହାର ରାସ୍ତାରେ ବାଧା ପାଲଟିଛି ଯେ ଆପଣମାନେ ମୁଁ ଅବସର ନେଇଯାଏ ବୋଲି ଚାହୁଁଛ। ଯେଉଁଦିନ ମୁଁ ବିରକ୍ତ ହେବି, ମୁଁ ଚାଲିଯିବି। ଆପଣମାନେ ମୋତେ ଚୟନ କରିବେ ନାହିଁ, କିନ୍ତୁ ମୁଁ କଠିନ ପରିଶ୍ରମ କରିବି।" ଶାମି କହିଛନ୍ତି, ଯେ ଯଦି ତାଙ୍କୁ ଟିମ୍ ଇଣ୍ଡିଆରେ ଚୟନ କରାନଯାଏ, ତେବେ ସେ ଘରୋଇ ମ୍ୟାଚରେ ଝାଳ ବୁହାଇବେ। ସେ କହିଛନ୍ତି ଯେ ଯେତେବେଳେ ଜଣେ ବିରକ୍ତ ହୁଏ ସେତେବେଳେ ଏପରି ନିଷ୍ପତ୍ତି ନିଆଯାଇଥାଏ, କିନ୍ତୁ ତାଙ୍କ କ୍ୟାରିଅରକୁ ଶେଷ କରିବାର ସମୟ ଏପର୍ଯ୍ୟନ୍ତ ଆସିନାହିଁ। ୨୦୨୩ ଓଡିଆଇ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆ ଭାରତକୁ ୬ ଉଇକେଟ୍‌ରେ ପରାସ୍ତ କରିଥିଲା। ମହମ୍ମଦ ଶାମି ସ୍ୱୀକାର କରିଥିଲେ ଯେ ସେ ଫାଇନାଲରେ ଚାପ ଅନୁଭବ କରୁଥିଲେ। ଶାମି କହିଛନ୍ତି ଯେ ୨୦୨୩ରେ ବିଶ୍ୱକପ ଜିତିବାର ତାଙ୍କର ସ୍ୱପ୍ନ ଅଧୁରା ରହିଛି। ବର୍ତ୍ତମାନ ତାଙ୍କର ଏକମାତ୍ର ସ୍ୱପ୍ନ ହେଉଛି ଓଡିଆଇ ବିଶ୍ୱକପ ଜିତିବା ଏବଂ ବିଶ୍ୱ ଚାମ୍ପିଅନ ଦଳର ଅଂଶ ହେବା। ପରବର୍ତ୍ତୀ ଓଡିଆଇ ବିଶ୍ୱକପ ୨୦୨୭ରେ ଖେଳାଯିବ।

# ବିଶ୍ୱ ଦୌଡ଼କୁଦ ଚାମ୍ପିଅନସିପ୍ : ନୀରଜ, ଅନିମେଷଙ୍କ ସହ ୧୯ ଭାରତୀୟଙ୍କ ଯୋଗ୍ୟତା

**ନୂଆଦିଲ୍ଲୀ**




ଜାପାନର ଟୋକିଓରେ ଆସନ୍ତା ସେପ୍ଟେମ୍ବର ୧୩ରୁ ୨୧ ପର୍ଯ୍ୟନ୍ତ ବିଶ୍ୱ ଦୌଡ଼କୁଦ ଚାମ୍ପିଅନସିପ୍ ଆୟୋଜିତ ହେବ। ବିଶ୍ୱ ଦୌଡ଼କୁଦ ସଂଘ ପକ୍ଷରୁ ବୁଧବାର ପ୍ରକାଶିତ ବିଶ୍ୱ ମାନ୍ୟତା ଅନୁସାରେ ଭାରତରୁ ୧୯ଜଣ ଖେଳାଳି ବିଶ୍ୱ ଦୌଡ଼କୁଦ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଲିମ୍ପିକ୍ସ ପଦକ ବିଜେତା ଜାଭେଲିନ ଫିଙ୍ଗାଳି ନୀରଜ ଚୋପ୍ରା, ଜାତୀୟ କୀର୍ତ୍ତିମାନଧାରୀ ଧାବକ ଅନିମେଷ କୁଜୁର ପ୍ରମୁଖ ରହିଛନ୍ତି। ଯୋଗ୍ୟତା ହାସଲ କରିଥିବା ଭାରତୀୟ ଖେଳାଳିମାନେ ହେଲେ ନୀରଜ ଚୋପ୍ରା (ପୁରୁଷ ଜାଭେଲିନ ଥ୍ରୋ), ପ୍ରବୀଣ ଚିତ୍ରାଭାଲ (ପୁରୁଷ ଟ୍ରିପଲ ଜମ୍ପ), ଗୁଲବୀର ସିଂହ (ପୁରୁଷ ୫୦୦୦ ମିଟର ଦୌଡ଼), ଅବିନାଶ ସାବଲେ (ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍), ପାରୁଲ ଚୌଧୁରୀ (ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍), ଅନିମେଷ କୁଜୁର (ପୁରୁଷ ୨୦୦ ମିଟର ଦୌଡ଼), ଅନୁ ରାଣୀ (ମହିଳା ଜାଭେଲିନ ଥ୍ରୋ), ସଚିନ ଯାଦବ (ପୁରୁଷ ଜାଭେଲିନ ଥ୍ରୋ), ୟଶ ବୀର ସିଂହ (ପୁରୁଷ ଜାଭେଲିନ ଥ୍ରୋ), ଅଙ୍କିତା ଦୟାନି (ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍), ମୁରଲୀ ଶ୍ରୀଶଙ୍କର (ପୁରୁଷ ଲଙ୍ଗଜମ୍ପ), ଅବଦୁଲ ଆବୁବେକର (ପୁରୁଷ ଟ୍ରିପଲ ଜମ୍ପ), ସର୍ବେଶ କୁସାରେ (ପୁରୁଷ ହାଇଜମ୍ପ), ନନ୍ଦିନୀ ଆଗ୍‌ସରା (ହେପ୍‌ଟାଥଲନ୍), ପୂଜା (ମହିଳା ୧୫୦୦ ମିଟର ଦୌଡ଼), ସର୍ବିଣ ସେବାଷ୍ଟିଆନ (ପୁରୁଷ ୨୦ କିମି ଚାଲି), ଆକାଶ ଦୀପ୍ ସିଂହ (ପୁରୁଷ ୨୦ କିମି ଚାଲି), ରାମ ବାବୁ (ପୁରୁଷ ୩୫ କିମି ଚାଲି) ଓ ପ୍ରିୟଙ୍କା ଗୌସ୍ୱାମୀ (ମହିଳା ୩୫ କିମି ଚାଲି)।

# ଭାଇରାଲ ଜ୍ୱର ହେବା ପରେ ଦୁଲୀପ ଟ୍ରଫିରୁ ବାହାରିଲେ ଶୁବମନ ଗିଲ୍

**ନୂଆଦିଲ୍ଲୀ**

ଏସିଆ କପ ୨୦୨୫ ପୂର୍ବରୁ ଭାରତୀୟ କ୍ରିକେଟ ଦଳର ଉପ-ଅଧିନାୟକ ଶୁବମନ ଗିଲଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହୋଇଯାଇଛି। ତାଙ୍କୁ ଭାଇରାଲ ଜ୍ୱର ହୋଇଛି। ଏସିଆ କପ୍ ୯ ସେପ୍ଟେମ୍ବରରୁ ୨୮ ସେପ୍ଟେମ୍ବର ପର୍ଯ୍ୟନ୍ତ ୟୁଏଇରେ ଖେଳାଯିବ। ଭାରତର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୧୦ରେ ୟୁଏଇ ସହିତ ଅଛି। ଏହା ପରେ ଭାରତ ସେପ୍ଟେମ୍ବର ୧୪ରେ ପାକିସ୍ତାନ ସହିତ ମୁକାବିଲା କରିବ। ତଥାପି ଗିଲ ଏସିଆ କପ ପୂର୍ବରୁ ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଉଛି। ଭାଇରାଲ ଜ୍ୱର ହେବା ପରେ ଶୁବମନ ଗିଲ ଦୁଲୀପ ଟ୍ରଫିରୁ ବାହାର ହୋଇଛନ୍ତି। ଗିଲ ଦୁଲୀପ ଟ୍ରଫିରେ ନର୍ଥ ଜୋନ ଦଳର ଅଧିନାୟକ ହୋଇଥିଲେ। କିନ୍ତୁ ଜ୍ୱର ହେବା ପରେ ତାଙ୍କୁ ଟୁର୍ଣ୍ଣାମେଣ୍ଟ ଛାଡ଼ିବାକୁ ପଡ଼ିଛି ଏବଂ ଏବେ ଅଙ୍କିତ କୁମାର ତାଙ୍କ ସ୍ଥାନରେ ଅଧିନାୟକ ହେବେ। ଗିଲ ଏବେ ସୁସ୍ଥ ହେଉଛନ୍ତି ଏବଂ ଶୀଘ୍ର ଅଭ୍ୟାସ ଆରମ୍ଭ କରିବେ। ତାଙ୍କ ରକ୍ତ ରିପୋର୍ଟରେ ମଧ୍ୟ କୌଣସି ବଡ଼ ସମସ୍ୟା ନାହିଁ। ଗିଲ୍ ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଅଭ୍ୟାସ ଆରମ୍ଭ କରିବେ, ତାଙ୍କୁ ଏସିଆ କପରେ ଭାରତୀୟ ଦଳର ଉପ-ଅଧିନାୟକ ଭାବରେ ମନୋନୀତ କରାଯାଇଛି। ଏସିଆ କପ ଟି-୨୦ ଫର୍ମାଟରେ ଖେଳାଯିବ। ବିସିସିଆଇ ଭବିଷ୍ୟତରେ ଗିଲଙ୍କୁ ଟି-୨୦ର ଅଧିନାୟକ ଦାୟିତ୍ୱ ମଧ୍ୟ ଦେଇପାରେ। ବର୍ତ୍ତମାନ ସୂର୍ଯ୍ୟକୁମାର ଯାଦବ ଦଳର ଅଧିନାୟକ ଅଛନ୍ତି।



ଯାଜପୁର : ନାରାୟଣ ଛକ ବୁଢ଼ା ଗଣେଶ




ଟ୍ୟାକ୍ସି ଷ୍ଟାଣ୍ଡ ଡିଏମଏଏସ୍ ପୂଜା କମିଟି



ନହରାପୁର ପୂଜା କମିଟି



ଭାବନିଗଞ୍ଜ ପୂଜା କମିଟି



ବଡବଜାର ପୂଜା କମିଟି

# ନରହରି ଦାସ ମେମୋରିଆଲ ରନିଙ୍ଗ କପ୍ ପ୍ରଦାନ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ସାଇଲୋ ପଞ୍ଚାୟତ ତେରମାଣପୁର ଠାରେ ଥିବା ତେରମାଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ନରହରି ଦାସ ମେମୋରିଆଲ ରନିଙ୍ଗ କପ୍ ପ୍ରଦାନ କରାଯାଇଛି। ତେରମାଣପୁର ଠାରେ ଥିବା ନୃସିଂହ ନାଥ ମଠର ମଠାଧୀଶ ସ୍ୱର୍ଗତ ନରହରି ଦାସଙ୍କ ତିରୋଧାନ ଠାରୁ ଅଦ୍ୟାବଧି ଏହି ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖୁଥିବା ଛାତ୍ରଛାତ୍ରୀମାନଙ୍କୁ ୧୯୯୫ ମସିହା ଠାରୁ ନରହରି ଦାସ ମେମୋରିଆଲ ରନିଙ୍ଗ କପ୍ ପ୍ରଦାନ କରାଯାଉଛି। ଚଳିତ ବର୍ଷ ୨୦୨୪/୨୫ ମସିହା ପାଇଁ ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଡି. ସାଇନି ୪୦୧ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଅର୍ପିତା ବରାଳ ୩୮୩ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ସସ୍ମିତା ଦାସ ୩୫୧ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କୁ ବର୍ତ୍ତମାନ ମଠର ମଠାଧୀଶ ରମାକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ମୁଦୁଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସେଠି, ସହ ଶିକ୍ଷୟିତ୍ରୀ ଅଞ୍ଜଳି ପ୍ରଭା ମହାନ୍ତିଙ୍କ ଉପସ୍ଥିତରେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଉତ୍ସାହ ପ୍ରଦାନ କରିଥିଲେ। ଏହା ସହିତ ଛାତ୍ର ଛାତ୍ରୀମାନେ ଆଗାମୀ ଦିନରେ କିଭଳି ନିଜ ନିଜ ଭିତରେ ପ୍ରତିଯୋଗିତା ମନବୃତ୍ତି ନେଇ ପାଠ ପଢି କୃତିତ୍ୱ ଅର୍ଜନ କରିବାପାଇଁ ସଂକଳ୍ପ ନେଇଥିଲେ।

# ଯୁବସମାଜକୁ ପାରମ୍ପରିକ ଖେଳ ପ୍ରତି ଆକର୍ଷିତ କରାଇବା ପାଇଁ ସାଂସଦ କ୍ରୀଡ଼ା ମହୋତ୍ସବ

**କଟକ, ନ୍ୟୁଜ୍‌ବ୍ୟୁରୋ**

ସାଂସଦ କ୍ରୀଡ଼ା ମହୋତ୍ସବ ୨୦୨୫ ପ୍ରସ୍ତୁତି ବୈଠକ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କର ସହ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ଏଥି ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ସାଂସଦ ଶ୍ରୀ ମହତାବ ଏହି କ୍ରୀଡ଼ା ମହୋତ୍ସବର ମୂଳ ଆଭିମୁଖ୍ୟ ବର୍ଣ୍ଣନା କରିବାକୁ ଯାଇ କହିଥିଲେ ଯେ 'ଏହି ଖେଳର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆମ ଅଞ୍ଚଳର ଯୁବସମାଜକୁ ପାରମ୍ପରିକ ଓ ପୁରୁଣା ଖେଳ ପ୍ରତି ଆକର୍ଷିତ କରାଇବା ସହ ସମସ୍ତଙ୍କ ମଧ୍ୟରେ ଏକ ଖେଳୁଆଡ଼ ମନୋଭାବ ଜାଗ୍ରତ କରାଇବା। ଏହି ଖେଳରେ ଉଭୟ ବାଳକ ଓ ବାଳିକାମାନେ ଅଂଶ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ଏହି ଖେଳରେ ଅଂଶ ଗ୍ରହଣ କରିବା ପାଇଁ ବୟସ ଭିତ୍ତିକ ଦଳ ଚୟନ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଥିଲା। ଦଳଗୁଡିକ ହେଲା ୧୭ ବର୍ଷରୁ କମ୍ ବାଳକ ବାଳିକା, ୨୫ ବର୍ଷରୁ କମ୍ ମହିଳା ଓ ପୁରୁଷ ଓ ୨୫ ବର୍ଷରୁ ଅଧିକ ମହିଳା ଓ ପୁରୁଷ। ଏହି କ୍ରୀଡ଼ା ପ୍ରତିଯୋଗିତା ପ୍ରଥମ ପଞ୍ଚାୟତ ସ୍ତରୀୟ, ମଣ୍ଡଳ ସ୍ତରୀୟ, ବ୍ଲକ ସ୍ତରୀୟସ୍ତରୀୟ ଶେଷରେ ସଂସଦୀୟ କ୍ଷେତ୍ର ସ୍ତରୀୟ ପ୍ରତିଯୋଗିତା କରାଯିବା ପାଇଁ ବୈଠକରେ ସ୍ଥିରୀକୃତ କରାଗଲା। ଏହି ପ୍ରତିଯୋଗିତାକୁ ପରିଚାଳନା କରିବା ପାଇଁ ଉପଯୁକ୍ତ ତାଲିମ୍‌ପ୍ରାପ୍ତ ରେଫ୍‌ରି ଯୋଗାଇବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ଖେଳ ପ୍ରତିଯୋଗିତା ସମୟରେ ଡାକ୍ତରୀ ଦଳ



ଉପସ୍ଥିତ ରହିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସାଂସଦଙ୍କ ପ୍ରସ୍ତାବ ଅନୁସାରେ ଅଗଷ୍ଟ ମାସ ୨୯ ତାରିଖରୁ ଅନଲାଇନ୍ ରେଜିଷ୍ଟ୍ରେସନ ଆରମ୍ଭ କରାଯିବ। କ୍ରୀଡ଼ା ପ୍ରତିଯୋଗିତା ସେପ୍ଟେମ୍ବର ୨୧, ୨୦୨୫ରୁ ଆରମ୍ଭ କରାଯିବ। ଏହି ଖେଳର ପ୍ରଚାର ଓ ପ୍ରସାର ନିମନ୍ତେ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରାଯିବା ସହ ଆସନ୍ତା ସେପ୍ଟେମ୍ବର ୪ ତାରିଖରେ ବୈଠକ ଅନୁଷ୍ଠିତ କରାଯାଇ ଏହି କାର୍ଯ୍ୟକ୍ରମର ଅଗ୍ରଗତି ଓ ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର କରାଯିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

ଏହି ବୈଠକରେ ସାଦର ବିଧାୟକ, ଇଂ ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ, ବିଜୟ କୁମାର ଦଳବେହେରା, ଉପସ୍ଥିତ ଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ୍, ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ (ଏକାଡେମିକ) ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସନ୍ତୋଷ କୁମାର ସେଠୀ (ଯୋଜନା), ସୁଶ୍ରୀ ସୌଦାମିନୀ ଦାସ (ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ, ନୟନ କିଶୋର ମହାନ୍ତି, ଶ୍ରୀତମ କୁମାର ଦାସ (ଚଳଚିତ୍ର ଅଭିନେତା), ଶୁକାନ୍ତ କୁମାର ବିଶ୍ୱାଳ (ଜିଲ୍ଲା ସଭାପତି ବି.ଜେ.ପି.), ଅଭୟ କୁମାର ବାରିକ (ବି.ଜେ.ପି. ନିର୍ବାଚନ ମଣ୍ଡଳୀ ଅଧିକାରୀ), ରାମ ନାରାୟଣ ମହାନ୍ତି (ଜିଲ୍ଲା ସଭାପତି କଟକ, ଗ୍ରାମୀଣ), ସତ୍ୟବ୍ରତ ମିଶ୍ର (ପ୍ରତିନିଧି ଏସ୍‌ସିବି କଟକ), ଜ୍ୟୋତିରଞ୍ଜନ ରାୟ (ପ୍ରତିନିଧି, କଟକ), ପ୍ରକାଶ ଦାଶ (ସାଂସଦଙ୍କର ପ୍ରତିନିଧି), ମୋଜେସ୍ କୁମାର ବେହେରା (ଶାରୀରିକ ଶିକ୍ଷା ଶିକ୍ଷକ, ତୁଳସିପୁର ସରକାରୀ ଉଚ୍ଚ ବିଦ୍ୟାଳୟ), ଗୌତମ ଦାସ, ତୁଷାର କାନ୍ତ ଚକ୍ରବର୍ତ୍ତୀ ପ୍ରମୁଖ ଆଲୋଚନା ବୈଠକରେ ଉପସ୍ଥିତ ଥିଲେ।



ଭୁବନେଶ୍ୱର : କଳିଙ୍ଗ ଷ୍ଟାଡ଼ିୟମ ପରିଦର୍ଶନ ଅବସରରେ ଶ୍ରୀଲଙ୍କା ଅଧିକାରୀମାନେ। (ଫଟୋ : ସମ୍ବାଦ କଳିକା)

# 'ସିଏମ୍ କିଷାନ ସହାୟତା ଚାଷୀଙ୍କ ଆର୍ଥିକ ସ୍ଥିତିରେ ବିକାଶ ଘଟାଉଛି'

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ପବିତ୍ର ନୂଆଁଖାଇ ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ରବି ୨୦୨୫-୨୬ ପାଇଁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନର ରାଜ୍ୟସ୍ତରୀୟ ଉତ୍ସବ ଓୟୁଏଟି ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍ କିଷାନ ସହାୟତାର ତୃତୀୟ କିସ୍ତିରେ ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ କୃଷକ ପରିବାର, ଅନୁକୂଳ ଜନଜାତି ସମୂହ ଓ ସହରାଞ୍ଚଳର କୃଷକଙ୍କୁ ଡି.ବି.ଟି ମାଧ୍ୟମରେ ମୋଟ ୧,୦୪,୧୨୯ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନନୀୟ ଅତିଥିଭାବେ ସାଂସଦ ଜଗତସିଂହପୁର ବିଭୁ ପ୍ରସାଦ ତରାଇ, ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧକାରୀ ବିଶ୍ୱଜିତ୍ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଜିଲ୍ଲାର ୧୬୪୦୪୮ ଜଣ ହିତାଧୀକାରୀଙ୍କୁ ସି.ଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଛି। ପ୍ରକାଶ ଥାଉ କି, ପ୍ରତି ଫସଲ ଋତୁ ପାଇଁ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କୁ ୨୦୦୦ ଟଙ୍କା ହିସାବରେ (ବାର୍ଷିକ ୪୦୦୦ ଟଙ୍କା) ପ୍ରଦାନ କରାଯାଇଥାଏ। ଏହି ସହାୟତା ରାଶି କୃଷକମାନେ ଆବଶ୍ୟକୀୟ କୃଷି ସାମଗ୍ରୀ କ୍ରୟ କରିବାରେ ବ୍ୟବହାର କରିଥାନ୍ତି। ଭୂମିହୀନ କୃଷି ପରିବାରକୁ ଜିଲ୍ଲା ଛେଳି, କୁକୁଡ଼ା, ବତକ ପାଳନ ତଥା ଛତୁ/ ମହୁଚାଷ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କୃଷି କାର୍ଯ୍ୟ ନିମନ୍ତେ ତିନୋଟି କିସ୍ତିରେ ୧୨୫୦୦ ଟଙ୍କା ପ୍ରଦାନ କରାଯାଇଥାଏ। ଉଚ୍ଚ ଶିକ୍ଷା / ବୃତ୍ତିଧାରୀ ଶିକ୍ଷା ନିମନ୍ତେ କୃଷି ବିଦ୍ୟାନିଧି ଯୋଜନାରେ ସି.ଏମ୍. କିଷାନ ହିତାଧିକାରୀଙ୍କ ପିଲାଙ୍କ ପାଇଁ ବୃତ୍ତି ପ୍ରଦାନ କରାଯାଇଛି। ଆଇଆଇଟି, ଏନଆଇଟି, ଆଇଆଇଏମ୍. ଏମ୍ସ ଓ ଆ.ସି.ଏ.ଆର ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ମେଡ଼ିକାଲ, ଇଞ୍ଜିନିୟରିଂ, କୃଷି, ନର୍ସିଂ, ଆଇଆଇଟି, ଛାତ୍ରଛାତ୍ରୀମାନଙ୍କୁ ଏହି ବୃତ୍ତି ପ୍ରଦାନର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ବ୍ଲକ୍ କୃଷି ଅଧିକାରୀ ଓ ସମସ୍ତ କ୍ଷେତ୍ର କର୍ମଚାରୀ, ୧୫୦ରୁ ଅଧିକ ଚାଷୀ ଭାଇଭଉଣୀ, କୃଷି ବିଭାଗର କର୍ମକର୍ତ୍ତା ତଥା ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଗଣେଶ ପୂଜାରେ ଦୁଲୁକୁଛି ବ୍ୟାସନଗର ସହର

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ବ୍ୟାସନଗର ସହରରେ ଗଣେଶ ପୂଜାର ମାହଲ ବାତାବରଣ ସୃଷ୍ଟି ହୋଇଛି। ଏହି ସହରର ବିଭିନ୍ନ ପୂଜକ ମଣ୍ଡପରେ ଗଣେଶ ପୂଜା ମହା ସମା-ରୋହରେ ପାଳିତ ହେଉଛି। ପୂଜା ମଣ୍ଡପଗୁଡ଼ିକ ପ୍ରତିଯୋଗିତା ମୂଳକ ଭାବେ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ସୁନ୍ଦର ତ୍ୱରଣ ଓ ଆଲୋକ ସଜା ସହରର ରୂପରେଖ ବଦଳାଇଦେଇଛି। ବିଭିନ୍ନ ରଙ୍ଗୀନ ଆଲୋକ ମାଳରେ ସହରର ରାସ୍ତା ଘାଟ ଝଲମଲ କରୁଛି। ମଣ୍ଡପ ଗୁଡିକରେ ବାବା ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପୌରାଣିକ, ସାମାଜିକ, ବିଭିନ୍ନ ଘଟଣାବଳି ଓ ଜନ ସଚେତନତାର ବାର୍ତ୍ତା ବହନ କରୁଥିବା ବାରୁହାଳୀ ମୂର୍ତ୍ତିମାନ ଶୋଭାପାଉଛି। ମିନାବଜାର ସାଙ୍ଗକୁ ଦୋଳି ଓ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲରେ ଭିଡ଼ ଜମୁଛି। ପୂଜା ମଣ୍ଡପ ନିକଟରେ ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶାର ପ୍ରସିଦ୍ଧ ନାମିଦାମୀ କଣ୍ଠଶିଳ୍ପୀମାନଙ୍କୁ ନେଇ ଭଜନ ସନ୍ଧ୍ୟା ଏବଂ ମେଲୋଡି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।







ଭୁବନେଶ୍ୱରରେ ଗଣେଶ ପୂଜା : ସହିଦନଗର ସୁନ୍ଦରୀ ଗୋ'ଶାଳା



ରେଲୱେ କଲୋନୀ



ସତ୍ୟନଗର ରୟାଲ କ୍ଲବ



ଗାଡକଣ ସିଦ୍ଧ ବିନାୟକ ଯୁବକ ସଂଘ



ସହିଦନଗର ଜନପଥଗେଟ୍ ଆସୋସିଏସନ

## ବାଲିବନ୍ଧାରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ

# ଦିବ୍ୟାଙ୍ଗଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦେବା ଲକ୍ଷ୍ୟ : ଧର୍ମେନ୍ଦ୍ର

**ସମ୍ବଲପୁର/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଦିବ୍ୟାଙ୍ଗଜନଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ପବିତ୍ର ନୂଆଁଖାଇ ଅବସରରେ ସମ୍ବଲପୁର ବାଲିବନ୍ଧାରେ ପ୍ରାୟ ୨୩ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' (ଏଆରସି) ଉଦଘାଟନ କରିଛନ୍ତି।

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନର ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ନୂଆଁଖାଇ ଅବସରରେ ଉଦଘାଟିତ 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଅର୍ଥସୋସ୍ ତଥା ଭିନ୍ନକ୍ଷମମାନଙ୍କ ପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଆବଶ୍ୟକତାକୁ ପୂରଣ କରିବ । ଏହି କେନ୍ଦ୍ର ପ୍ରତିଷ୍ଠା କରିଥିବାରୁ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଅନ୍ତର୍ଗତ ପେନସନ ଓ ଦିବ୍ୟାଙ୍ଗଜନମାନଙ୍କୁ ବିଭିନ୍ନ ସହାୟକ ଉପକରଣ ବିତରଣ କରିବା ସହ ଜିଲ୍ଲା ପ୍ରଶାସନକୁ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ ଶିକ୍ଷା ମନ୍ତ୍ରୀ। ସେ କହିଥିଲେ ଏହି ପୁନର୍ବାସ କେନ୍ଦ୍ରରେ ଅନେକ ଅତ୍ୟାଧୁନିକ ମେସିନ ବା ଉଚ୍ଚକୋଟୀର ଉପକରଣ ଅଛି । ଏହି ମେସିନର ପରିଚାଳନା ପାଇଁ ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ମିଳିବା ଦରକାର । ଏହା ଉପରେ ଏକ କର୍ମଶାଳା ଆୟୋଜନ ହେବା ଦରକାର। ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି । ଆଗାମୀ ଦିନରେ ସମ୍ବଲପୁରରେ ସମସ୍ତ ଦିବ୍ୟାଙ୍ଗମାନଙ୍କ ତାଲିକା ପ୍ରସ୍ତୁତ କରାଯାଉ । ପ୍ରତିମାସରେ ବ୍ଲକ ସ୍ତରରେ ଭିନ୍ନକ୍ଷମମାନଙ୍କୁ ଉପକରଣ ବଣ୍ଟାଯିବା ସହ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ାର ବ୍ୟବସ୍ଥା କରାଯାଉ । ବିଶେଷ ଭାବରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ କିଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ, ପାଠପଢ଼ି ଆଇଏଏସ ହୋଇପାରିବେ, ସେ ଦିଗରେ ଯୋଜନା କରିବା ପାଇଁ ଜିଲ୍ଲା ପ୍ରଶାସନକୁ ସମାଜର ଭିନ୍ନକ୍ଷମ ପିଲାମାନଙ୍କୁ ପ୍ରଶିକ୍ଷଣ କରିବା ପାଇଁ ସେମାନଙ୍କୁ ସ୍ୱାବଲମ୍ବୀ କରିବାର ଦାୟିତ୍ୱ ନେବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ ।

## ଦେଶବିଦେଶରେ ତିଆରି କଲେ ୫୦ ବାଲି ଗଣେଶ : ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବିଶ୍ୱ ରେକର୍ଡ

**ପୁରୀ, ନ୍ୟୁଜ ବ୍ୟୁରୋ**




ବିଶ୍ୱବିଖ୍ୟାତ ଭାରତୀୟ ବାଲୁକା ଶିଳ୍ପୀ ତଥା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଶ୍ରୀ ସୁଦର୍ଶନ ପଟ୍ଟନାୟକ ଜର୍ମାନୀ, ଇଟାଲୀ, ରୁଷିଆ, ଜାପାନ, କାନାଡା, ଯୁକ୍ତରାଜ୍ୟ, ସ୍କଟଲ୍ୟାଣ୍ଡ ଏବଂ ଭାରତର ବିଭିନ୍ନ ସ୍ଥାନରେ ୫୦ଟି ଅନନ୍ୟ ଗଣେଶ ବାଲୁକା ଶିଳ୍ପ ନିର୍ମାଣ କରି ୱାର୍ଲଡ ରେକର୍ଡ ବୁକ୍ ଅଫ୍ ଇଣ୍ଡିଆରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ପ୍ରତ୍ୟେକ ବାଲୁକା କଳା ଜଳବାୟୁ ପରିବର୍ତ୍ତନ, ପରିବେଶ ସଂରକ୍ଷଣ (ଗୋ ଗ୍ରୀନ୍), ବିଶ୍ୱ ତାପନ, ଶାନ୍ତି ଓ ସମନ୍ୱୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ସମସ୍ୟା ଉପରେ ଶକ୍ତିଶାଳୀ ସନ୍ଦେଶ ପ୍ରଦାନ କରିଛି । ଏହି ବାଲୁକା କଳା, ସଂସ୍କୃତି, ଆଧ୍ୟାତ୍ମିକତା ଓ ସାମାଜିକ ଦାୟିତ୍ୱର ଏକ ବିଶ୍ୱବ୍ୟାପୀ ପ୍ରକାଶ ଭାବେ ପରିଗଣିତ ହୋଇଛି । ୱାର୍ଲଡ ରେକର୍ଡ ବୁକ୍ ଅଫ୍ ଇଣ୍ଡିଆର ମୁଖ୍ୟ ସମ୍ପାଦକ ତଥା ପ୍ରତିଷ୍ଠାତା ଶ୍ରୀମତି ସୁଷମା ନରବେକର ଶ୍ରୀ ପଟ୍ଟନାୟକଙ୍କୁ ଇମେଲ ଜରିଆରେ ଅଭିନନ୍ଦନ ଜଣାଇ ଏକ ପ୍ରମାଣପତ୍ର ଏବଂ ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି । ଯାହା ଏହାକୁ ଏକ ଐତିହାସିକ ଓ ଅତୁଳନୀୟ କଳାତ୍ମକ ଯୋଗଦାନ ଭାବେ ସ୍ୱୀକୃତି ଦେଇଛି । ବାଲୁକା ଶିଳ୍ପ ଜଗତରେ ଏହା ଏକ ମାଇଲଖଣ୍ଡ, ଯେଉଁଥିରେ କୌଣସି ଶିଳ୍ପୀ ଏତେ ବିସ୍ତୃତ, ସାମାଜିକ ପ୍ରଭାବୀ ଓ ଆଧ୍ୟାତ୍ମିକ ଗଣେଶ ବାଲୁକା ଶିଳ୍ପ ବିଭିନ୍ନ ଦେଶରେ ନିର୍ମାଣ କରିଛନ୍ତି । ଏହି ଅସାଧାରଣ ସଫଳତା ଶ୍ରୀ ପଟ୍ଟନାୟକଙ୍କୁ ଏକ ବିଶ୍ୱ ସାଂସ୍କୃତିକ ରାଜଦୂତ ଭାବେ ଆହୁରି ସୁଦୃଢ଼ କରିଛି, ଯିଏ ବାଲୁକା ମାଧ୍ୟମରେ ଏକତା, ସଚେତନତା ଓ ସ୍ଥାୟୀତ୍ୱର ସନ୍ଦେଶ ବିଶ୍ୱବ୍ୟାପୀ ପ୍ରଚାର କରୁଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜନ୍ମ ଦିନ...

ଏପରି ଦୁଃଖଦ ଘଟଣା ମହାରାଷ୍ଟ୍ର ପାଲଘର ଜିଲ୍ଲା ଅନ୍ତର୍ଗତ ଭିରାର ଅଧୀନରେ ଥିବା ବିଜୟ ନଗରରେ ଘଟିଛି। ବିଲଡିଂର ୪ର୍ଥ ମହଲାରେ ଝିଅର ଜନ୍ମ ଦିନ ପାର୍ଟି ଚାଲିଥିଲା। ଏତିକି ବେଳେ ବିଲଡିଂର ଗୋଟିଏ ଭାଗରେ ଥିବା ୧୨ଟି ଫ୍ଲାଟ ଭୁଶୁଡ଼ି ପଡ଼ିଥିଲା। ଏଥିଯୋଗୁ ଏଠାରେ ରହୁଥିବା ଲୋକ ଓ ଜନ୍ମ ଦିନ ପାର୍ଟିକୁ ନିମନ୍ତ୍ରିତ ହୋଇଥିବା ଅତିଥିମାନେ ଧ୍ୱଂସାବଶେଷ ତଳେ ଚାପି ହୋଇ ଯାଇଥିଲେ। ଘଟଣା ସ୍ଥଳରେ ୬ ଜଣ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୬ ଜଣ ଆଖି ବୁଜିଥିଲେ। ଉଦ୍ଧାର କାର୍ଯ୍ୟ ସମୟରେ ୩ ଜଣଙ୍କ ମୃତଦେହ ଧ୍ୱଂସାବଶେଷ ତଳୁ ମିଳିଛି। ଫଳରେ ମୋଟ ମୃତ୍ୟୁସଂଖ୍ୟା ୧୭ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୃତକଙ୍କ ମଧ୍ୟ ବର୍ଷକର ଝିଅ ଓ ତାଙ୍କ ମା' ମଧ୍ୟ ରହିଛନ୍ତି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ବିବେକାନନ୍ଦ କଦମ କହିଛନ୍ତି ଯେ ଘଟଣା ଘଟିଥିବା ୫୦ ଫ୍ଲାଟ ବିଶିଷ୍ଟ ରାମବାଇ ଆପାର୍ଟମେଣ୍ଟ ୨୦୧୨ରେ ନିର୍ମାଣ ହୋଇଥିଲା। ବିଲଡିଂର ଗୋଟିଏ ପାଖ ଭୁଶୁଡ଼ିଥିବା ବେଳେ ଏଠାରେ ମୋଟ ୧୨ଟି ଫ୍ଲାଟ ରହିଥିଲା। ଘଟଣା ପରେ ବିଲଡିଂ ଚାରିପାଖରେ ଥିବା ଘର ଗୁଡ଼ିକୁ ଖାଲି କରି ଦିଆଯାଇଛି। ଲୋକମାନେ ଏବେ ସୁରକ୍ଷିତ ସ୍ଥାନରେ ରହିଛନ୍ତି। ପ୍ରଭାବିତ ଲୋକଙ୍କୁ ଚନ୍ଦନସର ସାମଜ ମନ୍ଦିରରେ ଅସ୍ଥାୟୀ ରୂପେ ରଖାଯାଇଛି। ସେମାନଙ୍କୁ ଖାଦ୍ୟ, ପାଣି, ମେଡିକାଲ ସହାୟତା ଓ ଅନ୍ୟାନ୍ୟ ଜରୁରୀ ଜିନିଷ ଯୋଗାଇ ଦିଆଯାଇଛି।

### ନୂଆଁଖାଇ ଶୁଭେଚ୍ଛା...

କର୍ବାର ଇ ନୂଆଁଖାଇ ଭେଟଘାଟ୍ ର ଗୁଟେ ନିଆରା ପରମ୍ପରା ଆଏ । ୨୦୩୬ ତକ୍ ବିକଶିତ ଓଡ଼ିଶା ଆଉ ୨୦୪୭ ତକ୍ ବିକଶିତ୍ ଭାରତ ଗଠନ୍ ଲାଗି ସମସ୍ତେ ନିଜର୍ ନିଜର୍ ଦାୟିତ୍ୱ ଗ୍ରହଣ କରି ନିଜର୍ ନିଜର୍ କର୍ତ୍ତବ୍ୟ ପାଳନ୍ କରୁନ୍ ବୋଲି ଆଜି ଇ ଶୁଭ୍ ଦିନ୍ ରେ ଛାତ୍ର ଛାତ୍ରୀ ଯୁବକ୍ ଯୁବତୀ ଶ୍ରମିକ୍ କିଷାନ୍ ଜୱାନ୍ ସମ୍କୁ ଅନୁରୋଧ୍ କରୁଛେଁ । ନୂଆଁଖାଇ ସମସ୍ତଙ୍କର ଜୀବନରେ ନୂଆଁ ଆଶା ସଞ୍ଚାରିତ କରୁ । ମାଁ ସମଲେଇ, ମହାପ୍ରଭୂ ଶ୍ରୀଜଗନ୍ନାଥ୍ ସମସ୍ତଙ୍କର୍ ଜୀବନ ଥି ହସ୍ ଖୁସି ସୁଖ୍ ଶାନ୍ତି ଉନ୍ନତି ପ୍ରଗତି ସଫଳତା ଭରି ଦେଉଁନ୍ ବୋଲି ପ୍ରାର୍ଥନା କରୁଛେଁ । 'ସମ୍କୁ ଫେର ଥରେ ମୋର ନୂଆଁଖାଇ ଜୁହାର୍ର । ଜୟ ମାଁ ସମ୍‌ଲେଇ।

### ଦୀନେଶ ପଟ୍ଟନାୟକ ...

ଅଣାଯିବାର ୯ ମାସ ପରେ ନୂଆଦିଲ୍ଲୀ ଏହି ନିଷ୍ପତ୍ତି ନେଇଛି । ଦୀନେଶ ପଟ୍ଟନାୟକଙ୍କ ନିଯୁକ୍ତି ଏପରି ସମୟରେ ହେବାକୁ ଯାଉଛି, ଯେତେବେଳେ ଭାରତ ଓ କାନାଡା ମଧ୍ୟରେ କୂଟନୈତିକ ସମ୍ପର୍କ ଭଲ ନାହିଁ। ଖଲିସ୍ତାନ ସମର୍ଥକଙ୍କୁ ଶରଣ ଦେଉଥିବା ନେଇ ଭାରତ ଓ କାନାଡା ମଧ୍ୟରେ ସମ୍ପର୍କ ପୂର୍ବ ପରି ମଧୁର ନାହିଁ । ଓଡ଼ିଶାରେ ଜନ୍ମିତ ୧୯୯୦ ବ୍ୟାଚ୍ ଆଇଏଫ୍ଏସ୍ ଦୀନେଶ ପଟ୍ଟନାୟକ ଭାରତର ସବୁଠୁ ବରିଷ୍ଠ ବିଦେଶ ସେବା ଅଧିକାରୀ । ତାଙ୍କ ପାଖରେ ବିଦେଶ ସେବାରେ ୩୦ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି । ଓଟାୱାରେ ନୂଆ ଭାରତୀୟ ହାଇ କମିଶନର ହେବା ନେଇ ତାଙ୍କ ନାଁ ଚର୍ଚ୍ଚାରେ ରହିଥିଲା । ୨୦୧୬-୧୮ ପର୍ଯ୍ୟନ୍ତ ସେ ୟୁକେରେ ଡେପୁଟୀ ହାଇକମିଶନର ଭାବେ ସେବା ଦେଇଥିଲେ ।

### ଆଜିଠୁ ଏସ୍‌ସି-ଏସ୍‌ଟି ...

ଜନାଜତି ସଂପ୍ରଦାୟ, ବୁଦ୍ଧିଜୀବୀ, ଯୁବବର୍ଗ, ଛାତ୍ରସମାଜ, ନିର୍ବାଚିତ ପ୍ରତିନିଧି, ସମାଜସେବୀଙ୍କ ମନରେ ଏହି ସମ୍ମିଳନୀ ଜାଗରଣ ସୃଷ୍ଟି କରିବାରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ବାଚସ୍ପତି ଆଶା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଏବଂ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂହ କୁଲସ୍ତେ ମଧ୍ୟ ଏହି ସମାବେଶକୁ ସମ୍ବୋଧିତ କରିବେ। ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟ, ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଏବଂ ଓଡ଼ିଶା ବିଧାନସଭାର ସଦସ୍ୟ ଓ ସାଂସଦମାନେ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ଉଦଘାଟନୀ ଅଧିବେଶନରେ ଓଡ଼ିଶା ବିଧାନସଭାର ବାଚସ୍ପତି ସ୍ୱାଗତ ଭାଷଣ ପ୍ରଦାନ କରିବାକୁ ଥିବାବେଳେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ପ୍ରସ୍ତାବ ଆଗତ କରିବେ। ଏହି ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟମାନେ ଯୋଗଦେବେ । ଚଳିତ ସମ୍ମିଳନୀର ବିଷୟବସ୍ତୁ ରହିଛି 'ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ କଲ୍ୟାଣ, ବିକାଶ ଏବଂ ସଶକ୍ତିକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା' । ଅଗଷ୍ଟ ୩୦ ତାରିଖ ଦିନ ଉଦ୍‌ଯାପନୀ ଉତ୍ସବ ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂହ କୁଲସ୍ତେ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ବୋଧନ ଦେବେ। ଓଡ଼ିଶା ବିଧାନସଭାର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷ ଭାସ୍କର ମଢ଼େଇ ଧନ୍ୟବାଦ ପ୍ରସ୍ତାବ ଆଗତ କରିବେ। ଏହି ସମ୍ମିଳନୀରେ ସାମ୍ବିଧାନିକ ସୁରକ୍ଷାକୁ ସୁଦୃଢ଼ କରିବା, ସାମାଜିକ-ଆର୍ଥିକ ବିକାଶକୁ ବୃଦ୍ଧି କରିବା ଏବଂ ଅନୁସୂଚିତ ଜାତି ଏବଂ ଜନଜାତିକୁ ସଶକ୍ତ କରିବା ପାଇଁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଗ୍ରହଣ କରିଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯିବ। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଲକ୍ଷ୍ୟ ସାକାର କରିବାର ଦୃଷ୍ଟିକୋଣ ସହିତ କଲ୍ୟାଣକାରୀ ନୀତିଗୁଡ଼ିକର କାର୍ଯ୍ୟାନ୍ୱୟନରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାରେ ସଂସଦୀୟ ଏବଂ ରାଜ୍ୟ ବିଧାନସଭା କମିଟିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକାଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବ। ସୂଚନାଯୋଗ୍ୟ ଯେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷମାନଙ୍କ ପ୍ରଥମ ସମ୍ମିଳନୀ ୧୯୭୬ ମସିହାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା । ପରେ, ୧୯୭୯, ୧୯୮୩, ୧୯୮୭ ଏବଂ ୨୦୦୧ ରେ କ୍ରମାଗତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ କଲ୍ୟାଣ ଏବଂ ସାମ୍ବିଧାନିକ ସୁରକ୍ଷାର ବିବିଧ ଦିଗ ଉପରେ ଏହି ସମ୍ମିଳନୀମାନଙ୍କରେ ଆଲୋଚନା ହୋଇ ନିଷ୍କର୍ଷ ନିର୍ଦ୍ଧାରଣ କରାଯାଇଥିଲା। ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଏପରି ସମ୍ମିଳନୀ ଆୟୋଜନ କରାଯାଉଛି।

### ସୁପ୍ରିମକୋର୍ଟରେ ୨...

ନିଯୁକ୍ତି ନିମନ୍ତେ କଲେଜିୟମର ସୁପାରିସ୍‌କୁ ଜଷ୍ଟିସ୍ ବି.ଭି. ନାଗରତ୍ନା ବିରୋଧ କରିଥିଲେ। ପାଞ୍ଚୋଲିଙ୍କଠାରୁ ଅଧିକ ବରିଷ୍ଠ ବିଚାରପତି ବିଭିନ୍ନ ହାଇକୋର୍ଟରେ ଥିବା ସେ ଯୁକ୍ତି ଦର୍ଶାଇଥିଲେ। ୧୯୬୮ ମେ' ୨୮ରେ ଅହମଦାବାଦରେ ଜନ୍ମିତ ଜଷ୍ଟିସ୍ ପଞ୍ଚୋଲି ୨୦୧୪ ଅକ୍ଟୋବର ୧ରେ ଗୁଜରାଟ ହାଇକୋର୍ଟର ଅତିରିକ୍ତ ବିଚାରପତି ହେବା ସହ ୨୦୧୬ ଜୁନ୍ ୧୦ରେ ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୨୩ ଜୁଲାଇରେ ସେ ପାଟନା ହାଇକୋର୍ଟକୁ ବଦଳି ହେବା ପରେ ସେହିବର୍ଷ ମୁଖ୍ୟ ବିଚାରପତି ହୋଇଥିଲେ। ସେହିପରି ୧୯୬୪ ଏପ୍ରିଲ ୧୩ରେ ଜନ୍ମିତ ଜଷ୍ଟିସ୍ ଆରାଧେ ୨୦୦୯ରେ ମଧ୍ୟପ୍ରଦେଶ ହାଇକୋର୍ଟରେ ଅତିରିକ୍ତ ବିଚାରପତି ହେବା ସହ ୨୦୧୧ରେ ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୧୮ ମେ' ୧୧ରେ ସେ ଜମ୍ମୁ-କଶ୍ମୀର ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ହୋଇଥିଲେ। ସେହିବର୍ଷ ନଭେମ୍ବରରେ ସେ କର୍ଣ୍ଣାଟକ ହାଇକୋର୍ଟକୁ ବଦଳି ହେବା ସହ ୨୦୨୨ ଜୁଲାଇରେ ଉକ୍ତ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ଏହା ପରେ ସେ ତେଲଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି ହୋଇଥିଲେ।

### ମା'ସମଲେଇଙ୍କ ...

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ବିଧାୟକ ଜୟନାରାୟଣ ମିଶ୍ର ଏବଂ ସେମାନଙ୍କ ସମର୍ଥକଙ୍କ ସହିତ ୨୯ ଜଣ ଜାତୀୟସ୍ତରର ଗଣମାଧ୍ୟମ ପ୍ରତିନିଧି ନବାନ୍ନ ଗ୍ରହଣ କରିଥିଲେ। ସେଥିପାଇଁ ବୁଧବାର ଓ ଗୁରୁବାର ଦୁଇଦିନ ମନ୍ଦିରର ଭୋଗମଣ୍ଡପକୁ ସାଧାରଣ ଭକ୍ତ ଏବଂ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି। କୌଣସି ଭକ୍ତ ଆଗ୍ରହ ପ୍ରକାଶ କଲେ ସେମାନଙ୍କୁ ଗୋଟିଏ ଦନା କାନିକା ଦିଆଯିବ ବୋଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ସୂଚନା ଦେଇଛନ୍ତି। ଗୁରୁବାର ଭୋର ୪ଟା ୩୦ ବେଳକୁ ପୂଜକମାନେ ପ୍ରଥମେ ମନ୍ଦିର ଓ ଗର୍ଭଗୃହ ଧୋଇଥିଲେ। ଏହାପରେ ମା'ଙ୍କୁ ସ୍ନାନ କରାଇ ନୂଆ ଶାଢ଼ି ଓ ସଫା କରାଯାଇଥିବା ଅଳଙ୍କାର ପିନ୍ଧାଇଥିଲେ। ଏହାପରେ ମନ୍ଦିର ଦ୍ୱାର ବନ୍ଦ କରାଯାଇଥିଲା। ସକାଳ ପ୍ରାୟ ୯.୩୦ ବେଳକୁ ମନ୍ଦିର ମୁଖ୍ୟଦ୍ୱାର ଖୋଲି ଝୋଟି ଦିଆଯାଇଥିଲା। ୧୦ଟା ବେଳକୁ ମନ୍ଦିରକୁ ଭୋଗ ଅଣାଯାଇଥିଲା। ୧୦.୩୩ରୁ ପୂଜା ଆରମ୍ଭ ହୋଇ ୧୧୫ ପାର୍ଶ୍ୱ ଦେବାଦେବୀଙ୍କ ନିକଟରେ ନବାନ୍ନ ଲାଗି ପରେ ମଙ୍ଗଳ ଆଳତି ହୋଇଥିଲା। ନୂଆଭୋଗ ଲାଗି ପରେ ପ୍ରାୟ ୧୨ଟା ୩୦ ବେଳକୁ ଭକ୍ତ ଦର୍ଶନ କରିଥିଲେ। ଏହି ଅବସରରେ ନୂଆ ଚାଉଳ ସହିତ କ୍ଷୀରି, ପିଠା, ସାରୁଶାଗ ଲାଗି ହୋଇଥିଲା।

### ଆସୁଛି ଆଉ ...

ସମ୍ଭାବନା ରହିଛି । ୩୦ ତାରିଖ ଯାଏଁ ପ୍ରବଳ ବର୍ଷା ହେବାର ସମ୍ଭାବନା ନଥିବା ବେଳେ ପୁଣି ୩୧ରୁ ବଢ଼ିବ ବର୍ଷା । ୩୧ ତାରିଖରେ ମୟୂରଭଞ୍ଜ ଓ କେନ୍ଦୁଝରରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଆହୁରି ୨୪ ଘଣ୍ଟା ମତ୍ସ୍ୟଜୀବୀଙ୍କ ପାଇଁ ଚେତାବନୀ ଦେଇଛି ବିଭାଗ । ସେପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି ଦକ୍ଷିଣ ପୂର୍ବ ଦିଗରୁ ପବନ ପ୍ରବାହିତ ହେଉଛି ଏହାର ପ୍ରଭାବରେ ବର୍ଷା ହେବାର ସମ୍ଭାବନା ରହୁଛି ।

### ବିଶ୍ୱର ଦ୍ୱିତୀୟ...

ଦ୍ୱିତୀୟ ସର୍ବବୃହତ ଅର୍ଥନୀତିରେ ପରିଣତ ହୋଇଯିବ। ଏହି ସମୟରେ ଭାରତର ଜିଡିପି ୩୪.୨ ଟ୍ରିଲିୟନ ଡଲାରରେ ପହଞ୍ଚିବ। ପିପିପି ଅର୍ଥ ବିଦେଶରୁ କ୍ରୟ କରିବାର କ୍ଷମତା କେଉଁ ଦେଶର କେତେ, ତା'କୁ ବୁଝାଇ ଥାଏ। ବିଶ୍ୱର ଅନ୍ୟ ବଡ଼ବଡ଼ ଅର୍ଥନୀତିକ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତ ପାଖରେ କିଛି ବିରଳ ଫାଇଦା ଦେବା ଭଳି କଥା ରହିଛି। ୨୦୨୫ରେ ଭାରତୀୟଙ୍କ ହାରାହାରି ବୟସ ମାତ୍ର ୨୮.୮ ବର୍ଷ। ଏହାର ଅର୍ଥ ଦେଶରେ ଯୁବଗୋଷ୍ଠୀଙ୍କ ସଂଖ୍ୟା ବେଶ ଅଧିକ। ସେମାନେ କାମ କରିବାକୁ ସକ୍ଷମ। ନିଜର ପରିଶ୍ରମ ବଳରେ ଦେଶର ଅର୍ଥନୀତିକୁ ସେମାନେ ବେଶ କିଛି ବର୍ଷ ଧରି ନିଜ କାନ୍ଧରେ ବୋହି ଆଗକୁ ନେଇପାରିବେ। ଏହାବାଦ ବିଶ୍ୱର ସର୍ବବୃହତ ଅର୍ଥନୀତି ଦେଶଗୁଡ଼ିକର ସେଭିଂ ହାର ତାଲିକାରେ ଭାରତ ଦୁଇ ନମ୍ବରରେ ରହିଛି। ଏହା ଗୋଟିଏ ଚମତ୍କାର କଥା। କାରଣ ବଡ଼ବଡ଼ ପ୍ରକଳ୍ପ ଓ ବ୍ୟବସାୟ ପାଇଁ ପ୍ରଚୁର ପରିମାଣର ଅର୍ଥ ଉପଲବ୍ଧ ରହିଛି। ଅତିରିକ୍ତ ଭାବେ ଭାରତ ସରକାରଙ୍କ ଉପରେ ଋଣ ଭାର ହ୍ରାସ ପାଇବାରେ ଲାଗିଛି। ଅନ୍ୟ ଦେଶଗୁଡ଼ିକ ଉପରେ ଋଣ ଭାର ବଢ଼ି ଚାଲିଥିବା ବେଳେ ଭାରତର ଋଣ ଓ ଜିଡିପି ଅନୁପାତ ୨୦୨୪ରେ ୮୧%ରୁ ହ୍ରାସ ପାଇ ୨୦୩୦ ସୁଦ୍ଧା ୭୫%ରେ ପହଞ୍ଚିବ।

## କେରଳରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମରଶରୀର : ୪ ଲକ୍ଷ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ପୁରୀ, ନ୍ୟୁଜ ବ୍ୟୁରୋ**



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହଯୋଗରେ କେରଳରୁ ଫେରିଲା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ମରଶରୀର। ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ବଡ଼ମାଛପୁର ଗାଁର ବିଜୟ ନାୟକଙ୍କର ମରଶରୀର ଗୁରୁବାର ସକାଳ ୧୧ଟାରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିଥିଲା। ଉପମୁଖ୍ୟମନ୍ତ୍ରୀ ବିମାନବନ୍ଦରରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ।

ନିମାପଡ଼ା ବ୍ଲକ ବଡ଼ମାଛପୁର ଗାଁର ବିଜୟ ନାୟକ କାମ କରିବା ପାଇଁ କେରଳ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ମରଶରୀରକୁ କେରଳରୁ ଆଣିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍ୟମ କରିଥିଲେ। ଗୁରୁବାର ବିମାନବନ୍ଦରରେ ବିଜୟଙ୍କ ମରଶରୀର ପହଞ୍ଚିବା ପରେ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ତାଙ୍କ ଭାଇ ପପ୍ପୁ ନାୟକ ଓ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜୟଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଶୋକସନ୍ତପ୍ତ ପରିବାର ପାଇଁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଶ୍ରମ ଆୟୁକ୍ତ, ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ପୁରୀ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା, ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ ପ୍ରିୟଦର୍ଶୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିମାନବନ୍ଦର ପର୍ଯ୍ୟଟନ ଅଧିକାରୀ ମଧୁସ୍ମିତା ଶୁକ୍ଳା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଜୟ ନାୟକଙ୍କ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ପରିବାର ସହ ତାଙ୍କ ଜନ୍ମସ୍ଥାନକୁ ପଠାଯାଇଥିଲା।

## ପୂଜାରେ ଚାନ୍ଦା ମାଗିଲେ ପୋଲିସକୁ ଜଣାନ୍ତୁ : ଡିସିପି

**କଟକ, ନ୍ୟୁଜ ବ୍ୟୁରୋ**

ଚାନ୍ଦା ଆଦାୟକାରୀଙ୍କୁ ସାବାଡ କରିବା ପାଇଁ କମିଶନରେଟ ପୋଲିସର ପଦକ୍ଷେପ । ପୂଜା ସମୟରେ ଚାନ୍ଦା ମାଗିବାକୁ ବାରଣ କରିଛି କଟକ କମିଶନରେଟ ପୋଲିସ । ଯଦି କେହି ଚାନ୍ଦା ମାଗୁଛନ୍ତି ବା ଏଥିନେଇ ଯୋର ଜବରଦସ୍ତ କରୁଛନ୍ତି ସେ ନେଇ ପୋଲିସକୁ ଜଣାନ୍ତୁ ବୋଲି କହିଛନ୍ତି ଡିସିପି। କମିଶନରେଟ ପୋଲିସ ପକ୍ଷରୁ ଏକ ଫୋନ ନମ୍ବର ଜାରି କରାଯାଇଛି । ଫୋନ ନମ୍ବରଟି ହେଲା ୭୩୨୮୦୭୭୩୨୪ ଏବଂ ୮୪୮୦୫୧୩୦୦୭ । ଅଭିଯୋଗକାରୀଙ୍କ ନାଁ ଗୋପନ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଟକ ଡିସିପି କହିଛନ୍ତି ।

## ଗଛରେ ବାଇକ୍ ପିଟି ହୋଇ ଦୁଇ ନାବାଳକଙ୍କ ମୃତ୍ୟୁ

**ବାରିପଦା, ନ୍ୟୁଜ ବ୍ୟୁରୋ**

ବାଇକ୍‌ରେ ଲୁଲୁଙ୍ଗ ବୁଲିବାକୁ ଯାଇଥିବା ବେଳେ ଦୁର୍ଘଟଣା ଘଟି ଦୁଇ ଜଣ ନାବାଳକ ବନ୍ଧୁଙ୍କ ମୃତ୍ୟୁ ହୋଇଛି। ରାସ୍ତା କଡରେ ଥିବା ଗଛରେ ବାଇକ୍ ପିଟି ହୋଇ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବାଙ୍ଗିରିପୋଷି ଅଞ୍ଚଳର ଶୁଭମ ନାଏକ(୧୭) ଓ ରାକେଶ ନାଏକ(୧୭)।

## ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟକାରୀ ହେଲା ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମାନସିକ ସ୍ୱାସ୍ଥ୍ୟସେବାକୁ ଆଗକୁ ବଢ଼ାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏମ୍ସ ଭୁବନେଶ୍ୱର ମାନସିକ ରୋଗ ବିଭାଗ ପକ୍ଷରୁ ଏକ ଅତ୍ୟାଧୁନିକ ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର ଆରମ୍ଭ କରାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଲକ୍ଷ୍ୟ ହେଉଛି ଅତ୍ୟାଧୁନିକ, ନନ୍-ଇନଭେସିଭ ବ୍ରେନ୍ ଷ୍ଟିମୁଲେସନ୍ ଥେରାପୀ ଚିକିତ୍ସା ପ୍ରଦାନ କରି, ଔଷଧ ପ୍ରତିରୋଧୀ ଏବଂ ଚିକିତ୍ସା କରିବାକୁ କଷ୍ଟକର ମାନସିକ ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଏକ ନୂତନ ଆଶା ସଂଚାର କରିବା। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ବ୍ୟବସ୍ଥାକୁ ଉଦ୍ଘାଟନ କରିଥିଲେ। ଏହି ନ୍ୟୁରୋମଡ୍ୟୁଲେସନ୍ କେନ୍ଦ୍ରର ଶୁଭାରମ୍ଭ ଏମ୍ସ ଭୁବନେଶ୍ୱର ପାଇଁ ଏକ ବିଶେଷ ସଫଳତା। ଏହା ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ଲୋକଙ୍କ ପାଇଁ ସର୍ବଶେଷ ଏବଂ ପ୍ରଭାବଶାଳୀ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଆଣିଛି। ମାନସିକ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଏହି ବ୍ୟବସ୍ଥା ଏମ୍ସ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ସଫଳତାର ସହିତ ପ୍ରତିଫଳିତ କରିବା ନେଇ ମତବ୍ୟକ୍ତ କରିଥିଲେ ଡ. ବିଶ୍ୱାସ। କାର୍ଯ୍ୟକାରୀ ହୋଇଥିବା ନୂତନ କେନ୍ଦ୍ରଟି ଉନ୍ନତ ନ୍ୟୁରୋମଡ୍ୟୁଲେସନ୍ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ, ଯେଉଁଥିରେ ରିପିଟିଟିଭ୍ ଟ୍ରାନ୍ସକ୍ରାନିଏଲ୍ ମ୍ୟାଗ୍ନେଟିକ୍ ଷ୍ଟିମୁଲେସନ୍ (ଆର୍‌ଟିଏମଏସ) ୟୁନିଟ୍, ଅଲ୍ଟ୍ରା-ବ୍ରିଫ୍ ପଲ୍ସ ଇସିଟି ୟୁନିଟ୍ ଏବଂ ଟ୍ରାନ୍ସକ୍ରାନିଏଲ୍ ଇଲେକ୍ଟ୍ରିକାଲ୍ ଷ୍ଟିମୁଲେସନ୍ (ଟିଇଏସ୍) ଅନ୍ତର୍ଭୁକ୍ତ। ଏହି ନନ୍-ଇନଭ୍ରେସିଭ କୌଶଳଗୁଡ଼ିକ ନିର୍ଦ୍ଦିଷ୍ଟ ବ୍ରେନ୍ ସର୍କିଟରେ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରି କାର୍ଯ୍ୟ କରେ। ଏହି କେନ୍ଦ୍ର ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ବ୍ୟାଧି, ମାଦକ କିମ୍ବା ନିଶା ଦ୍ରବ୍ୟ ସେବନଜନିତ ବ୍ୟାଧି ଏବଂ ନ୍ୟୁରୋସାଇକିଆଟ୍ରିକ୍ ଅବସ୍ଥା ପାଇଁ ବିଶେଷ ଚିକିତ୍ସା ପ୍ରଦାନ କରିବ। କେବଳ ମସ୍ତିଷ୍କର ପ୍ରଭାବିତ ଅଞ୍ଚଳଗୁଡ଼ିକ ଉପରେ ଧ୍ୟାନ ଦେଇ, ଏହି ଚିକିତ୍ସା ପ୍ରଣାଳୀ ପାରମ୍ପରିକ ଚିକିତ୍ସା ପଦ୍ଧତି ଅପେକ୍ଷା ଅଧିକ ସଠିକ୍ ଏବଂ ଗ୍ରହଣୀୟ ବିକଳ୍ପ ପ୍ରଦାନ କରେ। ଯାହା ଦ୍ରୁତ ଆରୋଗ୍ୟ ଏବଂ ଉତ୍ତମ ଫଳାଫଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଉଦ୍ଘାଟନ ଉତ୍ସବରେ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀ ଏବଂ ଅଧ୍ୟାପକମାନଙ୍କ ସମେତ ଡିନ୍ ଡ. ପ୍ରଶାନ୍ତ ଆର. ମହାପାତ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ମାନସିକ ରୋଗ ବିଭାଗ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର, ଡ. ଏସ୍ କେ ପାଢ଼ୀ, ଡ. ଦେବଦତ୍ତା ମହାପାତ୍ର, ଡ. ଶ୍ରୀ ମିଶ୍ର, ଡ. ଅର୍ପିତ ପରମାର, ଡ. ଅମ୍ବିକା ସୁଂଦାସ, ଭେଷଜ ବିଭାଗର ଡ. ଶ୍ରୀକାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପାରମ୍ପରିକ ଚିକିତ୍ସା ପଦ୍ଧତି ମାଧ୍ୟମରେ ବିଭିନ୍ନ ମାନସିକ ବ୍ୟାଧିରୁ ଆରାମ ପାଇବା ପାଇଁ ସଂଘର୍ଷ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ବେଶ୍ ପ୍ରଭାବଶାଳୀ ହେବା ସହିତ ଏକ ନୂତନ ସମ୍ଭାବନା ପ୍ରଦାନ କରିବା ନେଇ ଆଶାବ୍ୟକ୍ତ କରିଛନ୍ତି ବିଭାଗୀୟ ମୁଖ୍ୟ ଡ. ବିଶ୍ୱ ରଞ୍ଜନ ମିଶ୍ର। ଏମ୍ସ ଭୁବନେଶ୍ୱରରେ ଏହି ନ୍ୟୁରୋମଡ୍ୟୁଲେସନ୍ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ହେବା ସହିତ, ପୂର୍ବ ଭାରତରେ ଉପଲବ୍ଧ ମାନସିକ ଚିକିତ୍ସାର ଗୁଣବତ୍ତା ଏବଂ ପରିସରକୁ ବୃଦ୍ଧି କରି କ୍ଲିନିକାଲ୍ ଯତ୍ନ ଏବଂ ଗବେଷଣା ଭଳି ଉଭୟ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ ପାଇଛି।

ଭୁବନେଶ୍ୱର
୨୯ ଅଗଷ୍ଟ,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ବ୍ରତ : ମାର୍କଣ୍ଡେଶ୍ୱର ମନ୍ଦିରକୁ ବିଜେ କଲେ ମହାପ୍ରଭୁ ଲୋକନାଥ ଓ ମହାଲକ୍ଷ୍ମୀ



**ପୁରୀ ୨୮/୮ ନ୍ୟୁଜ ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇରେ ମା' ସମଲାଇଙ୍କ ପାଖରେ ଲାଗି ହୋଇଛି ନବାହ୍ନ। ଆଉ ଏପଟେ ଶ୍ରୀକ୍ଷେତ୍ର ପୁରୀରେ ମା'ଲକ୍ଷ୍ମୀ ପାଳିଛନ୍ତି ଋଷି ପଞ୍ଚମୀ ବ୍ରତ। ଭାରତୀୟ ଶାସ୍ତ୍ରରେ 'ପଞ୍ଚଯଜ୍ଞ'ର ରହିଛି ଉଲ୍ଲେଖ। ଏହି ପଞ୍ଚ ଯଜ୍ଞ ମଧ୍ୟରୁ ଗୋଟିଏ ହେଉଛି 'ଋଷିଯଜ୍ଞ'। ଏହାର ଅର୍ଥ ଯେଉଁ ମୁନିଋଷିମାନେ ଆମକୁ ସୁନିୟନ୍ତ୍ରିତ ଜୀବନଯାପନ କରିବା ନିମିତ୍ତ ଶାସ୍ତ୍ରପୁରାଣମାନ ରଚନା କରିଛନ୍ତି, ସେମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ। ତାହାର ଏକ ସୁନ୍ଦର ଉଦାହରଣ ହେଉଛି ଭାଦ୍ରବ ଶୁକ୍ଲପକ୍ଷ ପଞ୍ଚମୀ ତିଥିର ବ୍ରତପାଳନ। ଏହି ତିଥିରେ କଶ୍ୟପ, ଅତ୍ରି, ଭରଦ୍ୱାଜ, ବିଶ୍ୱାମିତ୍ର, ଗୌତମ, ଯମଦଗ୍ନି ଓ ବଶିଷ୍ଠ ଆଦି ସପ୍ତଋଷିଙ୍କୁ ପୂଜା କରାଯାଇଥାଏ। ତେବେ ଗୁରୁବାର ଭାଦ୍ରବ ଶୁକ୍ଲ ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ବ୍ରତ ନୀତି ପାଳିତ ହୋଇଯାଇଛି। ସ୍ୱୟଂ ମହାଲକ୍ଷ୍ମୀ ଠାକୁରାଣୀ ଏହି ବ୍ରତ ପାଳନ କରିଥାନ୍ତି। ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ, ଋଷି ପଞ୍ଚମୀ ନୀତି ପାଳନ ପୂର୍ବକ ଗୁରୁବାର ସକାଳ ଧୂପ ସରିବା ପରେ ପୂଜାପଣ୍ଡା ଶ୍ରୀଦେବୀଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ପରେ ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ସିଂହାସନରେ ବିଜେ କରାଇ ମୁକ୍ତିମଣ୍ଡପ ନିକଟକୁ ନେଇଥିଲେ। ସେଠାରେ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ଶ୍ରୀଦେବୀଙ୍କୁ ବିଜେ କରାଯାଇଥିଲା। ପରେ ଶ୍ରୀଦେବୀ ଶ୍ରୀମନ୍ଦିରରୁ ବାହାରି ମାର୍କଣ୍ଡ ପୁଷ୍କରିଣୀଠାରେ ଥିବା ମାର୍କଣ୍ଡେୟ ମହାଦେବଙ୍କ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ଶ୍ରୀଦେବୀଙ୍କୁ ମାଜଣା କରାଯାଇଥିଲା। ତତ୍ପରେ ପୂଜାପଣ୍ଡା ମାର୍କଣ୍ଡେୟଙ୍କ ଉପସ୍ଥିତିରେ ସପ୍ତଋଷିଙ୍କୁ ଆବାହନପୂର୍ବକ ବରୁଣ ପୂଜା ଆଦି କରି ନୈବେଦ୍ୟ ସମର୍ପଣ କରିଥିଲେ। ଏହି ବ୍ରତ କଥାରେ ପୂର୍ବକାଳରେ ଏକ ବ୍ରାହ୍ମଣ ଦମ୍ପତିଙ୍କ କନ୍ୟା କିପରି ଦୋଷଯୁକ୍ତ ହୋଇ ପୋକରେ ଭରିଯାଇଥିଲେ ଏହାପରେ ସେ ଋଷିପଞ୍ଚମୀ ବ୍ରତ କରିବାରୁ ସେହି ଦୋଷରୁ ମୁକ୍ତିଲାଭ କରିଥିଲେ, ଏହା ବର୍ଣ୍ଣିତ ଅଛି। ବ୍ରତ କଥା ପାଠ ପରେ ଠାକୁରାଣୀଙ୍କୁ ଆଳତି କରାଯାଇଥିଲା। ପୂଜାନୀତି ଶେଷ ପରେ ଠାକୁରାଣୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ମଧ୍ୟାହ୍ନ ଧୂପ ହୋଇଥିଲା। ଏହି ବ୍ରତରେ ଋଷିମାନଙ୍କୁ କ୍ଷୀର, କଦଳୀ ଓ ଫଳ ଭୋଗ ହୋଇଥିଲା। ମହିଳାମାନେ ରଜସ୍ୱଳା ସମୟରେ ନିଜର ଅଜ୍ଞାତରେ ଯଦି କିଛି ଦୋଷ କରିଥାନ୍ତି, ସେଥିରୁ ମୁକ୍ତି ପାଇବା ପାଇଁ ସପ୍ତଋଷିଙ୍କୁ ପୂଜାର୍ଚ୍ଚନା କରିବାର ବିଧି ରହିଛି। ଶ୍ରୀଦେବୀ ଏହିଦିନ ତାଙ୍କର ବ୍ରତ ଉପଲକ୍ଷେ ଶ୍ରୀମନ୍ଦିରରୁ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥାନ୍ତି। ବର୍ଷକୁ ଥରେ ମା'ଏହି ଦିନ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥାନ୍ତି। ମାନ୍ୟତା ଯାହାବି ରହିଥାଉ ପଛକେ, କିନ୍ତୁ ଏଭଳି ପର୍ବ ପାଳନ ଭାରତୀୟ ସନାତନ ପରମ୍ପରାରେ ଋଷିମାନଙ୍କ ପ୍ରତି ଆଦର, ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ନିଶ୍ଚୟ।

# ସୂର୍ଯ୍ୟମନ୍ଦିରରେ କଳିଙ୍ଗ ସ୍ଥାପତ୍ୟ କଳାର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିଲେ ଶ୍ରୀଲଙ୍କା ମିଡିଆ ଟିମ୍

**କୋଣାର୍କ, ୨୮/୦୮ ନ୍ୟୁଜ ବ୍ୟୁରୋ**

ଶ୍ରୀଲଙ୍କା ମିଡିଆ ଟିମ୍ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ରରେ କିଛି ସମୟ ଅତିବାହିତ କରି ପରେ ସୂର୍ଯ୍ୟମନ୍ଦିର ପରିସରକୁ ଯାଇଥିଲେ। ସୂର୍ଯ୍ୟମନ୍ଦିରର ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟ ଏବଂ ପ୍ରତିମୂର୍ତ୍ତି ଟିକିନିକି ଭାବେ ବୁଲି ଦେଖିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, କୋଣାର୍କର ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।






ପୁରୀ : ପବିତ୍ର ନୂଆଁଖାଇ ପର୍ବ ପାଳନ ଅବସରରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବେଳାଭୂମିରେ ନିର୍ମିତ ଚିତ୍ରକଳା ମାଧ୍ୟମରେ ଉତ୍ତମ ଫସଲ ଅମଳ ଓ ସମୃଦ୍ଧି ନିମନ୍ତେ ମା' ସମଲେଶ୍ୱରୀଙ୍କୁ ପ୍ରାର୍ଥନା କରାଯାଉଛି। (ଫଟୋ : ସମ୍ବାଦ କଳିକା)

## ଚମ୍ପାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଲାପଟପ ଉପହାର

# ଭଲ ଡାକ୍ତର ହୋଇ ଜନତାଙ୍କ ସେବା କରିବାକୁ ପରାମର୍ଶ

**ଭୁବନେଶ୍ୱର, ୨୮/୮ ନ୍ୟୁଜ ବ୍ୟୁରୋ**

ମେଡିକାଲ ପ୍ରବେଶିକାରେ ଉତ୍ତୀର୍ଣ୍ଣ ହୋଇଥିବା ଚମ୍ପା ରାସ୍‌ପେଦାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଚମ୍ପାଙ୍କୁ ଲାପ୍‌ଟପ୍ ଉପହାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଭଲ ପାଠପଢ଼ି ଭଲ ଡାକ୍ତର ହେବାକୁ ଆଶୀର୍ବାଦ ଦେଇଛନ୍ତି। ସେବା ମନୋବୃତ୍ତି ନେଇ କାମ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉପଦେଶ ଦେଇଛନ୍ତି। ଚମ୍ପା ହେଉଛନ୍ତି ମେଡିକାଲ ପ୍ରବେଶିକାରେ ଉତ୍ତୀର୍ଣ୍ଣ ହୋଇଥିବା ମାଲକାନଗିରି ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଛାତ୍ରୀ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମାଲକାନଗିରି ଦିଦାୟୀ ସମ୍ପ୍ରଦାୟର କୁମାରୀ ଚମ୍ପା ରାସ୍‌ପେଦାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଚମ୍ପାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ତାଙ୍କୁ ଏକ ଲାପ୍‌ଟପ୍ ଉପହାର ଦେଇଛନ୍ତି ଏବଂ ଆଗକୁ ଆହୁରି ଭଲ ପାଠ ପଢ଼ିବା ପାଇଁ ଆଶୀର୍ବାଦ କରିଛନ୍ତି। ଭଲ ପାଠପଢ଼ି ଭଲ ଡାକ୍ତର ହୋଇ ଲୋକଙ୍କ ସେବା କରିପାରିଲେ ତାହା ହେବ ଜୀବନର ସାର୍ଥକତା ବୋଲି ମୁଖ୍ୟମନ୍ତ୍ରୀ ଚମ୍ପାଙ୍କୁ ଉପଦେଶ ଦେଇଛନ୍ତି। ସେପଟେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ତାଙ୍କର ସାରା ଜୀବନ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି କୃତଜ୍ଞତା ପ୍ରକାଶ କରିଛନ୍ତି ଚମ୍ପା। ମାଲକାନଗିରି ଜିଲ୍ଲା କୋରୁକୁଣ୍ଡା ବ୍ଲକ ଆମ୍ଲିବେଡା ଗାଁର ଦିଦାୟୀ ସମ୍ପ୍ରଦାୟର ୨୩ ବର୍ଷୀୟା ଚମ୍ପା ରାସପେଦା। ଚମ୍ପା ଏକ ବର୍ଷ ହେଲା ବାଲେଶ୍ୱର ସହରର ଇରୋଡଭ କୋଚିଂ ସେଣ୍ଟରରେ କୋଚିଂ ନେଉଥିଲେ। ୨୦୨୫ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଚମ୍ପା ଚିତ୍ରକୋଣ୍ଡା ଏସ୍.ଏସ୍.ଡି ସ୍କୁଲରୁ ଦଶମ ଶ୍ରେଣୀ ଓ ଗୋବିନ୍ଦପାଲି ହାୟର ସେକେଣ୍ଡାରୀ ଏସ୍.ଏସ୍.ଡି ସ୍କୁଲରୁ ଯୁକ୍ତ ଦୁଇ ପାସ କରିଛନ୍ତି। ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୁମାରୀ ଚମ୍ପା ବର୍ତ୍ତମାନ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜରେ ପାଠ ପଢ଼ିବେ ବୋଲି ସୂଚନା ମିଳିଛି।



# ନୂଆଁଖାଇ ଶୁଭେଚ୍ଛା ଜଣାଇଲେ ନବୀନ



**ଭୁବନେଶ୍ୱର, ୨୮/୮ ନ୍ୟୁଜ ବ୍ୟୁରୋ**

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଣପର୍ବ ନୂଆଁଖାଇ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଭିଡିଓ ବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ନୂଆଁଖାଇ ପାଇଁ ଜୁହାର। ମା' ସମଲେଇଙ୍କ କୃପା ଆପଣ ସମସ୍ତଙ୍କ ଉପରେ ବର୍ଷୁଥାଉ। ଓଡ଼ିଶାବାସୀଙ୍କ ଜୀବନ ସୁଖ ସମୃଦ୍ଧିରେ ଭରିଯାଉ ବୋଲି ମୁଁ ଗୁହାରି କରୁଛି। ଜୟ ମା' ସମଲେଶ୍ୱରୀ ବୋଲି କହିଛନ୍ତି ନବୀନ।

# ନାଲ୍‌କୋ ପକ୍ଷରୁ ନୂଆଦିଲ୍ଲୀରେ "ମିଡିଆ କନେକ୍ଟ-୨୦୨୫" ଆୟୋଜିତ







**ନୂଆ ଦିଲ୍ଲୀ, ୨୮/୮**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ପକ୍ଷରୁ ଗୁରୁବାର ନୂଆଦିଲ୍ଲୀରେ "ମିଡିଆ କନେକ୍ଟ ୨୦୨୫" ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏବଂ ନିର୍ଦ୍ଦେଶକମଣ୍ଡଳୀ କମ୍ପାନୀର ସଫଳତା, ସମ୍ପ୍ରସାରଣ ଯୋଜନା, ଅଭିବୃଦ୍ଧି ପଥ ଏବଂ ଭବିଷ୍ୟତ ପାଇଁ ରଣନୈତିକ ଦୃଷ୍ଟିକୋଣ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଦେଶର ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଆସନ୍ତା ୩୦ରୁ ଭିତରକନିକାରେ ପକ୍ଷୀ ଗଣନା

**ରାଜନଗର, ୨୮୦୮ ନ୍ୟୁଜ ବ୍ୟୁରୋ**



ଭିତରକନିକାରେ ଆସନ୍ତା ୩୦ ତାରିଖରୁ ଦେଶୀୟ ପକ୍ଷୀ ଗଣନା କରାଯିବ। ଗଣନା କାର୍ଯ୍ୟକ୍ରମ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜାତୀୟ ଉଦ୍ୟାନରେ ଥିବା ମଠଆଡିଆ ଓ ଜାତୀୟ ଉଦ୍ୟାନ ବାହାରେ ବ୍ରାହ୍ମଣୀ ନଦୀରେ ଥିବା ଲକ୍ଷ୍ମୀପ୍ରସାଦ ଡିଆ, ଦୁର୍ଗାପ୍ରସାଦ ଡିଆ ଓ ବାଲିଡିଆରେ ପକ୍ଷୀ ଗଣନା କରାଯିବ। କନିକା ରେଞ୍ଜ୍‌ରେ ମଠଆଡିଆ, ଲକ୍ଷ୍ମୀପ୍ରସାଦ ଡିଆ ଓ ଦୁର୍ଗାପ୍ରସାଦ ଡିଆରେ ବି ଗଣନା କରାଯିବ। ସେହିପରି ରାଜନଗର ରେଞ୍ଜ୍‌ରେ ବାଲିଡିଆରେ ଗଣନା ହେବ। ୩ଟି ଦଳ ଗଣନାରେ ସାମିଲ ହେବେ। ପ୍ରତି ଦଳରେ ୭ ଜଣ ସାମିଲ ହେବେ। ଚଳିତ ବର୍ଷ ଅଧିକ ପକ୍ଷୀ ଥିବା ନେଇ ଆଶାବାଦୀ ଅଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର। ପକ୍ଷୀ ଗଣନା ସମୟରେ ଭିତରକନିକାକୁ ପର୍ଯ୍ୟଟକମାନଙ୍କୁ ବାରଣ କରାଯାଇଛି।

# କ୍ଷୀର, ପନିରରୁ ରୁଟି ଯାଏଁ ଜିରୋ ଜିଏସ୍‌ଟି : ଶସ୍ତା ହେବ ପାଠ୍ୟ ସାମଗ୍ରୀ

**ନୂଆଦିଲ୍ଲୀ, ୨୯/୦୮**



କ୍ଷୀର, ପନିରରୁ ଆରମ୍ଭ କରି ରୁଟି ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ଖାଦ୍ୟ ଉପରେ ହେବ ଜିଏସଟି ଛାଡ଼। ୫ରୁ ୧୮ ପ୍ରତିଶତ ଜିଏସଟି ଲାଗୁ ହୋଇଥିବା ଖାଦ୍ୟ ସାମଗ୍ରୀ ଉପରେ ଛାଡ଼ କରାଯିବ ଜିଏସଟି। ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ ଜିଏସଟି ସଂସ୍କାର। ସେ କହିଥିଲେ ଯେ ଏହି ସଂସ୍କାରଗୁଡ଼ିକ ଦୀପାବଳି ପୂର୍ବରୁ ଲାଗୁ କରାଯିବ। ଆସନ୍ତା ସପ୍ତାହରେ ପରିଷଦ ବୈଠକ ହେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ଜିଏସ୍‌ଟି ସ୍ଲାବରେ ପରିବର୍ତ୍ତନ ସମ୍ପର୍କରେ ଏକ ବଡ଼ ଅପଡେଟ୍ ଆସିଛି। ଏହି ଅନୁସାରେ, ବୈଠକରେ ସରକାର ଶୂନ୍ୟ ଜିଏସ୍‌ଟି ସ୍ଲାବର ପରିସରକୁ ବୃଦ୍ଧି କରିପାରିବେ। ଏଥିରେ ଅନେକ ଦୈନନ୍ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅନ୍ତର୍ଭୁକ୍ତ କରିପାରିବେ। ଯାହା ଏପର୍ଯ୍ୟନ୍ତ ୫% ଏବଂ ୧୮% ଜିଏସ୍‌ଟି ପରିସର ମଧ୍ୟରେ ଆସୁଛି। ରିପୋର୍ଟ ଅନୁସାରେ, ଏହି ସାମଗ୍ରୀ ଗୁଡ଼ିକରେ ମୁଖ୍ୟତଃ ଖାଦ୍ୟ ଉତ୍ପାଦ ଅନ୍ତର୍ଭୁକ୍ତ ହେବ। କହିବାକୁ ଗଲେ ରୁଟି, କ୍ଷୀର, ଛେନା ଭଳି ଅତ୍ୟାବଶ୍ୟକୀୟ ଖାଦ୍ୟ ଉପରେ ଛାଡ ହେବ ଜିଏସଟି। ୟୁଏଚଟି କ୍ଷୀର, ପ୍ୟାକେଟ୍ ଛେନା, ପିଜା ବ୍ରେଡ, ଚପାତି ଆଦି ଖାଦ୍ୟସାମଗ୍ରୀ ଉପରେ ଶୂନ୍ୟ ଜିଏସଟି ଲାଗୁ ହେବ। ସେହିପରି ୧୮% ଜିଏସଟି ଲାଗୁ ହୋଇଥିବା ପରଟା ଉପରେ ମଧ୍ୟ ଜିଏସଟି ଛାଡ କରାଯିବ। ଏନେଇ ପ୍ରସ୍ତାବ ଆସିଥିବା ସୂଚନା ମିଳିଛି। ସେହପରି ପାଠ୍ୟ ଉପକରଣ ଉପରେ ମଧ୍ୟ ଜିଏସଟି ଛାଡ଼ ହେବ। ମ୍ୟାପ୍, ହାଇଡ୍ରୋଗ୍ରାଫିକ ଚାର୍ଟ, ଆଟାଲାସ, ସବୁ ପ୍ରକାରର ପେନସିଲ, କାନ୍ଥ ମ୍ୟାପ୍, ଗ୍ଲୋବ୍, ପ୍ରିଣ୍ଟେଡ ଚାର୍ଟ, ନୋଟବୁକ ଆଦି ଶିକ୍ଷାକ୍ଷେତ୍ରରେ ଜଡିତ ସାମଗ୍ରୀ ଉପରେ ଜିଏସଟି ଛାଡ଼ ହେବ। ଏସବୁ ଉପରେ ଏବେ ୧୨ ପ୍ରତିଶତ ଟାକ୍ସ ଲାଗୁ କରାଯାଇଛି। ଏହାଦ୍ୱାରା ଗରିବ ଏବଂ ମଧ୍ୟବିତ୍ତ ଲୋକଙ୍କ ଉପରେ ଟାକ୍ସ ଭାର କମିବ। ଏନେଇ ଆସନ୍ତା ସପ୍ତାହରେ ଦିଲ୍ଲୀରେ ହେବାକୁ ଥିବା ୫୬ ତମ ଜିଏସଟି କାଉନସିଲ ବୈଠକରେ ଚୂଡାନ୍ତ ନିଷ୍ପତ୍ତି ହେବାର ଅଛି।



ବଲାଙ୍ଗୀର ରାଜ ପରିବାରରେ ନୂଆଁଖାଇ ପାଳିବା ସହ ଏକାଠି ନୂଆ ଖାଇଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଓ କଲିକେଶଙ୍କ ପରିବାର। (ଫଟୋ : ସମ୍ବାଦ କଳିକା)

# ପୃଥିବୀକୁ ଅଶୁଭ : ଭାଗବତ ଓ ଦୋଳଗୋବିନ୍ଦଙ୍କ ଜନ୍ମ ତିଥିରେ ପଡୁଛି ଯୋଡ଼ା ଗ୍ରହଣ

**ପୁରୀ, ୨୮/୦୮ ନ୍ୟୁଜ ବ୍ୟୁରୋ**



ପ୍ରକୃତି ଦେଲାଣି ସଙ୍କେତ। ମାଡ଼ି ଆସୁଛି ବଡ଼ ବିପଦ। ଭାଗବତ ଏବଂ ଦୋଳଗୋବିନ୍ଦଙ୍କ ଜନ୍ମରେ ପଡୁଛି ଯୋଡ଼ା ଗ୍ରହଣ। ଗ୍ରାସିବେ ରାହୁ-କେତୁ। ଦୁଇ ଦୁଇଟି ଚନ୍ଦ୍ରଗ୍ରହଣ ପୃଥିବୀକୁ ଅଶୁଭ। କରାଳ ରୂପ ଦେଖିବ ଜୀବଜଗତ। ଏଥିରୁ କେବଳ ରକ୍ଷା କରିପାରିବେ ସୃଷ୍ଟି କର୍ତ୍ତା ଶ୍ରୀହରି। ଗଜପତି ମହାରାଜାଙ୍କ ପାରମ୍ପରିକ ଜ୍ୟୋତିଷ ରାଜପଣ୍ଡିତ ଶିବ ନାରାୟଣ ମହାପାତ୍ରଙ୍କ ସତର୍କବାଣୀ। ଗ୍ରହଣ ନୀତି ଅନୁସାରେ ପାଳନ ହେଉ ମହାପ୍ରଭୁଙ୍କ ନୀତିକାନ୍ତି। ନୀତିରେ ବିଚ୍ୟୁତି ଘଟିଲେ କୋପ କରିବେ ଠାକୁର। ପ୍ରଜାଙ୍କୁ ଭୋଗିବାକୁ ପଡ଼ିବ ଯାବତୀୟ ପୀଡ଼ା। ଏଥର ବଡ଼ ବଡ଼ ପର୍ବ ତଥା ଠାକୁରଙ୍କ ବିଶେଷ ଦିନରେ ଯୋଡ଼ା ଚନ୍ଦ୍ର ଗ୍ରହଣ ପଡୁଛି। ସେପ୍ଟେମ୍ବର ୭ ତାରିଖ ତଥା ଭାଗବତଙ୍କ ଜନ୍ମରେ ପ୍ରଥମ ଓ ଫାଲଗୁନ ମାସ ଦୋଳଗୋବିନ୍ଦଙ୍କ ଜନ୍ମ ତିଥି ଦୋଳ ପୂର୍ଣ୍ଣିମାରେ ଦ୍ୱିତୀୟ ଗ୍ରହଣ ଲାଗୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶେଷ ଦିନରେ ରାହୁ ଓ କେତୁ ଗ୍ରାସ କରିବେ। ଏଣୁ ଠାକୁରଙ୍କ ନୀତିକାନ୍ତି ପାଳନରେ ଗ୍ରହଣ ନୀତିକୁ ଚାହିଁ ପରିବର୍ତ୍ତନ ରହିବ। ଠାକୁରଙ୍କ ନୀତିରେ ବିଚ୍ୟୁତି ଘଟିଲେ ପ୍ରଜାଙ୍କୁ ଯାବତୀୟ ପୀଡ଼ା ଭୋଗିବାକୁ ହେବ। ସାମଗ୍ରିକ ଭାବେ କହିବାକୁ ଗଲେ ସାରା ଦେଶକୁ ବିପଦ ମାଡ଼ି ଆସିବ। ବାତ୍ୟା, ବନ୍ୟା, ଝଡ଼ ଓ ଭୂମିକମ୍ପ ଆଦି ପ୍ରାକୃତିକ ଦୁର୍ବିପାକ ଭୋଗିବାକୁ ପଡ଼ିବ। ଗଜପତି ମହାରାଜଙ୍କ ରାଜପଣ୍ଡିତ କହିଛନ୍ତି, ଭାଦ୍ରବ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତଥା ଭାଗବତ ଜନ୍ମରେ ପ୍ରଥମ ଚନ୍ଦ୍ର ଗ୍ରହଣ ପଡୁଛି। ଏହା ଖଣ୍ଡ ଗ୍ରାସ ହେଲେ ମଧ୍ୟ ବହୁତ ସମୟ ଧରି ଅର୍ଥାତ୍ ସାଢ଼େ ୩ ଘଣ୍ଟା ଯାଏ ସାରା ଭାରତ ବର୍ଷ ଉପରେ ପ୍ରଭାବ ରହୁଛି। ଭାରତୀୟ ସମୟ ରାତି ୯ଟା ୫୭ରେ ଗ୍ରହଣ ସ୍ପର୍ଶ ହେବ। ବିଳମ୍ବିତ ରାତି ୧ଟା ୨୭ରେ ସର୍ବମୋକ୍ଷ ହେବ। ଗ୍ରହଣ ସମୟ ଅନୁସାରେ ଦେବତା ନୀତି ସହ ପାକ ତ୍ୟାଗ ଆଦି ହେବ। ରବିବାର ତଥା ସୂର୍ଯ୍ୟଙ୍କ ବାରରେ ରାହୁ ନକ୍ଷେତ୍ର ରହିଲେ ତଥା ଚନ୍ଦ୍ର ଯୁକ୍ତ ହୋଇ କେତୁଙ୍କ ପ୍ରଭାବ ରହିବା ଦ୍ୱାରା ପୃଥିବୀ ପୃଷ୍ଠକୁ ଏହା ବିଶେଷ ଶୁଭଙ୍କର ନୁହେଁ। ବୃଷ, ମିଥୁନ, କର୍କଟ, ସିଂହ, କୁମ୍ଭ ଓ ମୀନ ରାଶି ପାଇଁ ଗ୍ରହଣ ଶୁଭପ୍ରଦ ନୁହେଁ। ଅନ୍ୟ ସବୁ ରାଶି ପାଇଁ ଗ୍ରହଣ ଶୁଭାଶୁଭ ଦର୍ଶାଉଛି। ଏନେଇ ପ୍ରଜାଙ୍କୁ ପରାମର୍ଶ ରହିବ କି ସେମାନେ ଦିନ ୧୨ଟା ୫୭ ପୂର୍ବରୁ ଦେବତାଙ୍କ କାର୍ଯ୍ୟ, ଅନ୍ନ ଭକ୍ଷଣ ଆଦି କାର୍ଯ୍ୟ ସାରିବେ। ଆସନ୍ତା ମାର୍ଚ୍ଚ ୩ ତାରିଖ ଫାଲଗୁନ ପୂର୍ଣ୍ଣିମାରେ କେତୁଗ୍ରସ୍ତ ଗ୍ରହଣ ରହିଛି। ଏହା ଅସ୍ତୁଉଦୟ ଗ୍ରହଣ ରହିଛି। ଯଥା ସୂର୍ଯ୍ୟ ଥାଇ ଏହି ଗ୍ରହଣ ଲାଗୁଥିବା ରାଜପଣ୍ଡିତ କହିଛନ୍ତି।

# ଆମେରିକୀୟ ଅର୍ଥନୀତିଜ୍ଞଙ୍କ ଚେତାବନୀ: ନିଜ ଗୋଡ଼ରେ କୁରାଢ଼ି ମାରିଛି ଆମେରିକା

**ନୂଆଦିଲ୍ଲୀ, ୨୮/୦୮**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ଲଗାଇଛନ୍ତି ୫୦% ଟାରିଫ୍। ଏହାଦ୍ୱାରା ଭାରତର ଦୁଇ ତୃତୀୟାଂଶ ରପ୍ତାନି ଉପରେ ପ୍ରଭାବ ପଡ଼ିପାରେ। ଏହା ମଧ୍ୟରେ ଆମେରିକାର ଜଣାଶୁଣା ଅର୍ଥନୀତିଜ୍ଞ ଜେଫରୀ ସେିସ୍ କହିଛନ୍ତି ଯେ, ଭାରତ ଉପରେ ଏତେ ଅଧିକ ଟାରିଫ୍ ଲଗାଇ ଟ୍ରମ୍ପ ଆମେରିକାର ହିଁ କ୍ଷତି କରିଛନ୍ତି। ଏହାଦ୍ୱାରା ଆମେରିକା ବିଶ୍ୱରେ ଏକଘରିଆ ହୋଇଯିବ ଏବଂ ଏହାର କମ୍ପାନିଗୁଡ଼ିକୁ ବଡ଼ ମାତ୍ରାରେ କ୍ଷତି ସହିବାକୁ ପଡ଼ିବ। କଲମ୍ବିଆ ୟୁନିଭର୍ସିଟିର ପ୍ରଫେସର ସେିସ୍ ଏକ ଇଣ୍ଟରଭ୍ୟୁରେ କହିଛନ୍ତି ଯେ, ଟ୍ରମ୍ପ ଭାରତକୁ ଡରାଇବାକୁ ଚେଷ୍ଟ କରୁଛନ୍ତି କିନ୍ତୁ ଏଥିରେ ସେ ସଫଳ ହେବେ ନାହିଁ। ଟ୍ରମ୍ପ ଭାବୁଛନ୍ତି ଯେ, ସେ ଭାରତକୁ ଡରାଇ ଧମକାଇ ନିଜ କାମ ହାସଲ କରିଦେବେ। ଏହା ଭାବିବା ଠିକ୍ ନୁହେଁ ଯେ, ୧୫୦ କୋଟି ଜନସଂଖ୍ୟାବିଶିଷ୍ଟ ଏକ ଦେଶକୁ ସେ ଡରାଇପାରିବେ। ଏହା କରି ଟ୍ରମ୍ପ ବ୍ରିକ୍ସ ଦେଶଗୁଡ଼ିକୁ ଆହୁରି ଅଧିକ ନିକଟତର କରିବାରେ ସଫଳ ହେବେ। ଏହାଦ୍ୱାରା ଭାରତ ଆମେରିକାଠାରୁ ଦୂରେଇଯିବ ଏବଂ ରୁଷ, ଚୀନ୍, ବ୍ରାଜିଲ ଓ ବିଶ୍ୱର ଅନ୍ୟ ବଡ଼ ଅର୍ଥ ବ୍ୟବସ୍ଥା ଗୁଡ଼ିକର ନିକଟତର ହୋଇଯିବ।